


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୭ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 27 FEBRUARY 2023
Vol.No. 34 ■ No. 55 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଗିରଫ




ନୂଆଦିଲ୍ଲୀ, ୨୬/୦୨ : ଦିଲ୍ଲୀ ମଦ ନୀତି ଘୋଟାଲା ମାମଲାରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଗିରଫ ହୋଇଛନ୍ତି । ଦୀର୍ଘ ସମୟର ଜେରା ପରେ ସିବିଆଇ ତାଙ୍କୁ ଗିରଫ କରିଛି । ଆଜି ସିସୋଦିଆଙ୍କୁ ୭ରୁ ୮ ଘଣ୍ଟା ଧରି ସିବିଆଇ ଜେରା କରିଥିଲା । ଆଜି ତାଙ୍କୁ ହାଜର ହେବାକୁ ସିବିଆଇ ସମନ କରିଥିବା ବେଳେ ହଜାର ହଜାର କର୍ମକର୍ତ୍ତାଙ୍କ ସହ ଶକ୍ତି ପ୍ରଦର୍ଶନ କରିଥିଲା ଆମ୍ ଆଦମୀ ପାର୍ଟି । ହାତରେ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ ଆପ୍ କର୍ମକର୍ତ୍ତା । ଗତ ବର୍ଷ ନୂଆ ଅବକାରୀ ନୀତି ମାମଲାରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ ସେକ୍ସେନା । ଫେବୃଆରୀ ୧୯ ତାରିଖରେ ହାଜର ହେବାକୁ ସିସୋଦିଆଙ୍କୁ ନୋଟିସ୍ କରିଥିଲା ସିବିଆଇ । କିନ୍ତୁ ସିସୋଦିଆ ହାଜର ହେବାକୁ ଏକ ସପ୍ତାହ ଅଧିକ ସମୟ ମାଗିଥିଲେ । ଆଜି ସିବିଆଇ ଅଫିସ୍‌ରେ ହାଜର ପରେ ସିସୋଦିଆଙ୍କୁ ଜେରା କରିଥିଲା ସିବିଆଇ । ସିବିଆଇ କାର୍ଯ୍ୟାଳୟକୁ ଯିବା ପୂର୍ବରୁ ସିସୋଦିଆ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠ ରାଜଘାଟକୁ ଯାଇଥିଲେ । ତେବେ ସିସୋଦିଆ କହିଛନ୍ତି ଯେ ମୁଁ ଭଗତ ସିଂହଙ୍କର ଅନୁଗାମୀ । ଦେଶ ପାଇଁ ଭଗତ ସିଂହଙ୍କ ଫାଶୀ ଦିଆଯାଇଥିଲା । ଏଭଳି ମିଥ୍ୟା ଅଭିଯୋଗ କାରଣରୁ ଜେଲ୍ ଯିବା ତୁଚ୍ଛ କଥା । ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେ ଜୀବନରେ ସଚ୍ଚୋଟ ଭାବରେ କାର୍ଯ୍ୟ କରିଛନ୍ତି । ଯେତେବେଳେ ମୁଁ ଟିଭି ଚ୍ୟାନେଲରେ କାମ କରୁଥିଲି ସେତେବେଳେ ଭଲ ଜୀବନ ଚାଲିଥିଲା । ପରେ ମୁଁ ତାହା ଛାଡି ରାଜନୀତିରେ ଯୋଗ ଦେଲି । ବର୍ତ୍ତମାନ ଯଦି ସେମାନେ ମୋତେ ଜେଲକୁ ପଠାନ୍ତି ତେବେ ମୋ ପତ୍ନୀ ଏକୁଟିଆ ରହିବେ କିନ୍ତୁ ମୁଁ ଭୟ କରେ ନାହିଁ । ଏହାରି ଭିତରେ ଆପ୍ ନେତା ଓ କର୍ମୀମାନେ ସିବିଆଇ ଅଫିସ ବାହାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଆପ୍ ନେତା ସଞ୍ଜୟ ସିଂହଙ୍କ ନେତୃତ୍ୱରେ ଏହି ବିରୋଧ ପ୍ରଦର୍ଶନ କରାଯାଉଥିବା ବେଳେ ପୁଲିସ ତାଙ୍କୁ ଉଠାଇ ନେଇଛି । କେବଳ ସଞ୍ଜୟ ସିଂହ ନୁହେଁ ମନ୍ତ୍ରୀ ଗୋପାଳ ରାୟ ସମେତ ଅନ୍ୟ ଆପ୍ ନେତା ଓ କର୍ମୀଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି । ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଆଜି ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି । ଏହାକୁ ବିରୋଧ କରି ଆମ୍ ଆଦମୀ ପାର୍ଟିର ନେତା ଓ କର୍ମୀମାନେ ସିବିଆଇ ଅଫିସ ଆଗରେ ବିରୋଧ ପ୍ରଦର୍ଶନ କରିଥିଲେ । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ସିବିଆଇ କାର୍ଯ୍ୟାଳୟ ବାହାରେ ୧୪୪ ଧାରା ଲାଗୁ କରିଛି ।

## ଆଇଏଏସ ସ୍ତରରେ ଅଦଳବଦଳ
## ପ୍ରଦୀପ ଜେନା ହେବେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଆଇଏଏସସ୍ତରରେ ଅଦଳବଦଳ ହୋଇଛି । ନୂଆ ମୁଖ୍ୟ ଶାସନ ସଚିବ ଭାବେ ପ୍ରଦୀପ କୁମାର ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସେ ମୁଖ୍ୟ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବେ । ସେହିଭଳି ୧୯୯୧ ବ୍ୟାଚର ଆଇଏଏସ ଅଧିକାରୀ ଅନୁଗର୍ଗଙ୍କୁ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ମିଳିଛି । ଅତିରିକ୍ତ ଭାବେ ସେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବେ । ବର୍ତ୍ତମାନ ସେ ସେହି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱରେ ଥିଲେ । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । କନକ ବ୍ୟୁରୋ: ପ୍ରାୟ ବର୍ଷେ କାଳ ପ୍ରଶାସନିକ ଛକାପଞ୍ଝାର ଅବସାନ ଘଟିଲା । ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସଫଳତାର ସହ ନିଜର ପ୍ରଶାସନିକ ଦାୟିତ୍ୱ ତୁଲାଇଥିବା ବରିଷ୍ଠ ଆଇଏଏସ ଅଧିକାରୀ ପ୍ରଦୀପ ଜେନା ହେବେ ଓଡ଼ିଶାର ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ । ଦୁଇ ଦୁଇ ଥର ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ବଢ଼ିଥିଲା । ଯାହା ରାଜ୍ୟ ପ୍ରଶାସନିକ କ୍ଷେତ୍ରରେ ବିରଳ ଘଟଣା ଥିଲା । ଶେଷରେ ପ୍ରଦୀପ ଜେନାଙ୍କ ଉପରେ ଆସ୍ଥା ଦେଖାଇଛନ୍ତି ରାଜ୍ୟ ସରକାର । ୧୯୮୯ ବ୍ୟାଚର ଆଇଏଏସ ଅଫିସର ପ୍ରଦୀପ ଜେନା, ମାର୍ଚ୍ଚ ୧ରେ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ । ଆସନ୍ତା ୨୮ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ଶେଷ ହେଲା ପରେ

▶▶ପୃଷ୍ଠା ୭

### ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୨୬/୦୨ (ନି.ପ୍ର): ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମହାନ୍ତିଙ୍କ ପରଲୋକ ଘଟିଛି । ୭୩ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି । ସେ ବିଭିନ୍ନ ସମ୍ବାଦପତ୍ରରେ ଦୀର୍ଘ ସମୟ ଧରି କାର୍ଯ୍ୟ କରିଥିଲେ ।

### ଭୁବନେଶ୍ୱରରେ ଟ୍ରାଫିକ କନଷ୍ଟେବଲଙ୍କୁ ଆକ୍ରମଣ ଅଭିଯୋଗ

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଭୁବନେଶ୍ୱରରରେ ଟ୍ରାଫିକ କନଷ୍ଟେବଲଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଗାଡ଼ି ପାର୍କିଂକୁ ନେଇ କନଷ୍ଟେବଲଙ୍କୁ ଆକ୍ରମଣ ହୋଇଥିବା ଜଣା ପଡିଛି । ଆହତ କନଷ୍ଟେବଲଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆକ୍ରମଣକାରୀ ବିଏସଇଫର ଜଣେ ବରିଷ୍ଠ ଅଧିକାରୀ ହୋଇଥିବା ସୂଚନା ମିଳିଛି । ସହିଦନଗର ଥାନା ପୋଲିସ ଅଭିଯୁକ୍ତକୁ ଅଟକ ରଖିଛି ।

## କଂଗ୍ରେସ ମହାଅଧିବେଶନରେ ଦଳର ନୂଆ ରଣନୀତି



ନୂଆଦିଲ୍ଲୀ, ୨୬/୦୨ : ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ ଯାତ୍ରା କଂଗ୍ରେସ ପାଇଁ ସଞ୍ଜିବନୀ ହୋଇଥିବା ବେଳେ ଏବେ ପୂର୍ବରୁ ପଶ୍ଚିମକୁ ଯାତ୍ରା କରିବାକୁ ଦଳ ଯୋଜନା କରୁଛି । ରାୟପୁରରେ ଚାଲିଥିବା ୮୫ତମ ମହାଅଧିବେଶନରେ ଏହି ସୂଚନା ଦେଇଛନ୍ତି ଭାରତ ଯୋଡଯାତ୍ରାର ଆବାହକ ଜୟରାମ ରମେଶ । କହିଛନ୍ତି କଂଗ୍ରେସ ଏବେ ଅରୁଣାଚଳ ପ୍ରଦେଶରୁ ଗୁଜାରଟକୁ ପଦଯାତ୍ରା କରିବା ଉପରେ ବିଚାର ବିମର୍ଶ କରୁଛି । ଅନ୍ୟପଟେ ରାୟପୁରରେ ମହାଅଧିବେଶନକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ ଚୀନ ସହ ସୀମା ବିବାଦଠୁ ଆରମ୍ଭ କରି ସଂସଦରେ ଅଦାନୀ ପ୍ରସଙ୍ଗ ଓ ୨୦୨୪ ସାଧାରଣ ନିର୍ବାଚନ ପ୍ରସଙ୍ଗ କଥା ଉଠାଇଛନ୍ତି । ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରି ଆଦାନୀ ପ୍ରସଙ୍ଗ ଉଠାଇ କେନ୍ଦ୍ର ଉପରେ ବର୍ଷିଛନ୍ତି । ସେପଟେ ଅଧିବେଶନକୁ ସମ୍ବୋଧନ କରି ପ୍ରିୟଙ୍କା ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ସହ ୨୦୨୪ ପାଇଁ ବୀଜମନ୍ତ୍ର ଦେଇଛନ୍ତି । ନିର୍ବାଚନ ପାଇଁ ପାଖାପାଖି ବର୍ଷେ ସମୟ ରହିଥିଲା ବେଳେ ସବୁ ବିରୋଧୀଙ୍କୁ ଏକଜୁଟ ହେବାକୁ ପ୍ରିୟଙ୍କା ଆହ୍ୱାନ ଦେଇଛନ୍ତି । ମହାଅଧିବେଶନରେ ୟୁପିଏ ଅଧକ୍ଷା ସୋନିଆ ଗାନ୍ଧୀ ସକ୍ରିୟ ରାଜନୀତିରୁ ଅବସର ନେବା ସଙ୍କେତ ପରେ ଏହାକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି ।

▶▶ପୃଷ୍ଠା ୭

## ବିବାହ ବନ୍ଧନରେ ବାନ୍ଧିହେଲେ ବିଧାୟକ ଦିବ୍ୟଶଙ୍କର ମିଶ୍ର



ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଯାହା ଚର୍ଚ୍ଚା ହେଉଥିଲା ତାହା ସତ ହୋଇଛି । ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଆଜି ବିବାହ କରିଛନ୍ତି । ସଫ୍ଟଓ୍ୟାର ଇଞ୍ଜିନିୟର ପ୍ରିୟଙ୍କା ଅଗସ୍ତିଙ୍କ ହାତ ଧରିଛନ୍ତି ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ର । ଉଭୟ ପକ୍ଷର ସମ୍ପର୍କୀୟଙ୍କ ଉପସ୍ଥିତିରେ ପିପିଲର ହୋଟେଲ ଆଭେଞ୍ଚରରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ବିବାହ ଉତ୍ସବରେ ସାମିଲ ହୋଇଛନ୍ତି ସମ୍ପର୍କୀୟ ଓ ଅତି ପାଖ ଲୋକ । ତେବେ ସବୁ ଲୋକଙ୍କୁ ବିବାହ ଉତ୍ସବକୁ ଛଡାଯାଉ ନାହିଁ । ଯେଉଁମାନଙ୍କ ନିକଟରେ ପାସ ଅଛି ସେମାନଙ୍କୁ ଛଡାଯାଇଛି । କିଛି ଦିନ ହେଲା, କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ପୁଣି ବିବାହ କରୁଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିଲା । ତାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକ ଦେକୋଟ ଗାଁର ପ୍ରିୟଙ୍କାଙ୍କୁ ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା । ଯାହା ଏବେ ସତ ହୋଇଛି । ତେବେ ଏହା ହେଉଛି କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ରଙ୍କର ଦ୍ୱିତୀୟ ବିବାହ । ପୂର୍ବରୁ ସେ ଜୟପାଟଣାରେ ବିବାହ କରିଥିଲେ । କୌଣସି କାରଣ ପାଇଁ ସେ ତାଙ୍କ ପ୍ରଥମ ପତ୍ନୀଙ୍କୁ ଛାଡପତ୍ର ଦେଇଛନ୍ତି । ଦିବ୍ୟଶଙ୍କରଙ୍କର ପୁଅ ଅଛି । ସେ ବାହାରେ ପାଠ ପଢୁଛନ୍ତି ।

### ବିଧାୟକ ସୌମ୍ୟ ପଟ୍ଟନାୟକଙ୍କ ମନ୍ତବ୍ୟ ନେଇ ଜୟନାରାୟଣ ଦେଲେ ପ୍ରତିକ୍ରିୟା

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ରାଜ୍ୟର ସ୍ଥିତି ନେଇ ବିଜେଡି ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଅନେକ କଥା କହିଥିଲେ ସୁଦ୍ଧା ଅନେକ କଥା ଚାପିଛନ୍ତି । ରାଜ୍ୟରେ ବାସ୍ତବ ସ୍ଥିତି ଆହୁରି ଖରାପ । ବିଧାୟକ ସୌମ୍ୟ ପଟ୍ଟନାୟକଙ୍କ ମନ୍ତବ୍ୟ ନେଇ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି ଯେ ଶାସକ ଦଳର ବିଧାୟକ ଅସନ୍ତୋଷ ଜାହିର କରୁଛନ୍ତି । ବିଧାନସଭା ଲବିରେ ଓ ବାହାରେ ଅସନ୍ତୋଷ ଜାହିର କରୁଛନ୍ତି । କିଏ ଦେଖିଦେବା ଭୟରେ କଥା ହେବାକୁ ବିଜେଡି ବିଧାୟକ ମାନେ ଡରୁଛନ୍ତି । ସେ କହିଛନ୍ତି ଯେ ମୁହଁ ଖୋଲିଲେ ଭିଜିଲାନ୍ସ ଭୟ ରହିଛି । କାଳେ ପୋଲିସ ଲାଗିଯିବ ବୋଲି ସେମାନେ ମନେ କରୁଛନ୍ତି । ସେ କହିଛନ୍ତି ଯେ ଲୋକ ପ୍ରତିନିଧି ଏଠି ଗୌଣ ହୋଇଯାଇଛି । ବାହାର ଲୋକଙ୍କ କ୍ଷମତା ଅଧିକ । ଏଠାରେ ସଚିବଙ୍କ କ୍ଷମତା କମିଲାଣି । କନସଲଟାଂଟ ଏବେ ମାଲିକ ହେଲେଣି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଆଗରୁ ସରପଂଚ ଯାହା କରିପାରୁଥିଲା, ଏବେ ବିଧାୟକର ସେତିକି ତାକତ ନାହିଁ ।

## ସ୍ୱାମୀର ଏସିଡ ମାଡ଼ରେ ଗୁରୁତର ଦ୍ୱିତୀୟ ପତ୍ନୀ ବନିତାଙ୍କର ମୃତ୍ୟୁ

### ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଏବେ ବି ଅଛି ଫେରାର, ମହିଳାଙ୍କ ସମେତ ଦୁଇ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ

ବାଲେଶ୍ୱର, ୨୬/୦୨ (ନି.ପ୍ର): ସ୍ୱାମୀ ଚନ୍ଦନ କୁମାର ରଣାଙ୍କ ଏସିଡ଼ ମାଡ଼ରେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଗତ ୨୦ ତାରିଖରୁ ଚିକିତ୍ସିତ ହେଉଥିବା ଦ୍ୱିତୀୟ ପତ୍ନୀ ବନିତା ସିଂ (୨୦)ଙ୍କର ରବିବାର ସଂଧ୍ୟାରେ ମୃତ୍ୟୁ ହୋଇଯାଇଛି । ଡାକ୍ତରମାନଙ୍କ ଶତଚେଷ୍ଟା ସତ୍ତ୍ୱେ ଗତ ସପ୍ତାହ ଧରି ଡାକ୍ତରଖାନାର ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ହେଉଥିବା ବନିତାଙ୍କୁ ସେମାନେ ବଞ୍ଚାଇ ପାରିନଥିଲେ । ସହଦେବଖୁଣ୍ଟା ଥାନାରେ ଏନେଇ ୫୬/୨୩ ନଂ ରୁଜୁ ହୋଇଥିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଚନ୍ଦନ ଏବେ ବି ଫେରାର ଥିବା ବେଳେ ପୁଲିସ ଅନ୍ୟ ଦୁଇ ସହଯୋଗୀ ଅଭିଯୁକ୍ତଙ୍କୁ ପୁଲିସ ଆଜି ଗିରଫ କରିଥିବା ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ପରିଚୟ ସମ୍ପର୍କରେ ଏସପି ସମ୍ପୂର୍ଣ୍ଣ ସୂଚନା ଦେଇ ନଥିବା ବେଳେ ଏସିଡ ମାଡ଼ରେ ଚନ୍ଦନକୁ ସହଯୋଗ କରିଥିବା ୨୯ ବର୍ଷିୟା ମହିଳା ଓ ୩୨ ବର୍ଷର ଜଣେ ପୁରୁଷକୁ ପୁଲିସ ଗିରଫ କରିଥିବା ସେ କହିଛନ୍ତି । ଖୁବଶୀଘ୍ର ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଗିରଫ ପାଇଁ ଉଦ୍ୟମ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭୀମପୁରା ଅଞ୍ଚଳର ଏକ ଗହଣା ଦୋକାନରେ କାରୀଗର ଭାବେ କାର୍ଯ୍ୟ କରିବା ସମୟରେ ନୀଳଗିରି ନୟାପାଟଣା ଗ୍ରାମର ଚନ୍ଦନ କୁମାର ରଣାଙ୍କର ସ୍ଥାନୀୟ ବାସିନ୍ଦା କାର୍ତିକ ସିଂଙ୍କ ସାନଝିଅ ବନିତାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପ୍ରାୟ ଦେଢ଼ ମାସ ପୂର୍ବେ ଉଭୟ ବିବାହ କରିଥିଲେ । ମାତ୍ର ପୂର୍ବରୁ ଯେ ଚନ୍ଦନ ବିବାହିତ ଏବଂ ପତ୍ନୀଙ୍କ ସମେତ ତାଙ୍କର ଦୁଇ ସନ୍ତାନ ଅଛନ୍ତି, ବିବାହ ପରେ ଏ ସମ୍ପର୍କରେ ବନିତା ଜାଣିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବାକବିତଣ୍ଡା ହବା ସହ ବନିତା ବାପାଙ୍କ ଘରକୁ ପଳାଇ ଆସି ଭୀମପୁରାରେ ଭଡ଼ା ନେଇ ରହୁଥିବା ବଡ ଭଉଣୀ ବର୍ଷାଙ୍କ ପାଖରେ ଆଶ୍ରୟ ନେଇଥିଲେ । ପରେ ସେ ସହଦେବଖୁଂଟା ଥାନାରେ ଚନ୍ଦନ ବିରୋଧରେ ଏକ ଏତଲା ମଧ ଦେଇଥିଲେ । ଗତ ୨୦ ତାରିଖ ମଧ୍ୟାହ୍ନରେ ବର୍ଷାଙ୍କ ଭଡ଼ାଘରେ ପହଞ୍ଚି ବନିତାକୁ ସଙ୍ଗରେ ନେଇଯିବାକୁ ଡାକିଥିଲେ । ବନିତା ଏବଂ ବଡ଼ ଭଉଣୀ ବର୍ଷା ଘରୁ ବାହାରକୁ ଆସିବା ମାତ୍ରେ ଚନ୍ଦନ ସେମାନଙ୍କ ସହ ଯୁକ୍ତି ତର୍କ କରିଥିଲା । ବନୀତା ତାଙ୍କ ସହ ଯିବାକୁ ରାଜି ନ ହେବାରୁ ଶେଷରେ ଚନ୍ଦନ ଉତ୍ତ୍ୟକ୍ତ ତାଙ୍କ ଉପରକୁ ଫୋପାଡି ଥିଲା । ଅଧିକ ମାତ୍ରାରେ ଏସିଡ ବନିତାଙ୍କ ଉପରେ ପଡ଼ିଥିବା ବେଳେ ତାଙ୍କ ଶରୀର ୮୦ରୁ ଅଧିକ ଭାଗ ପୋଡି ଯାଇଛି ।

▶▶ପୃଷ୍ଠା ୭

## ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଓଇଆରସିର ଅଧକ୍ଷ ଭାବେ ମିଳିଲା ନିଯୁକ୍ତି



ଭୁବନେଶ୍ୱର, ୨୬/୦୨ (ନି.ପ୍ର): ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ନୂଆ ଦାୟିତ୍ୱ । ଓଇଆରସିର ଅଧକ୍ଷ ଭାବେ ମିଳିଲା ଦାୟିତ୍ୱ । ଏବେ ମୁଖ୍ୟ ଶାସନ ସଚିବ ଅଛନ୍ତି ସୁରେଶ, ଆସନ୍ତା ୨୮ରେ ତାଙ୍କର କାର୍ଯ୍ୟକାଳ ଶେଷ ହେଉଛି । ଏହାପୂର୍ବରୁ ତାଙ୍କର କାର୍ଯ୍ୟକାଳ ୨ ଥର ବୃଦ୍ଧି କରିଥିଲେ ରାଜ୍ୟ ସରକାର । ମୁଖ୍ୟ ଶାସନ ସଚିବଙ୍କ ପଦରୁ ସୁରେଶଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ନୂଆ ମୁଖ୍ୟ ଶାସନ ସଚିବ ଭାବେ ଗ୍ରହଣ କରିବେ ପ୍ରଦୀପ କୁମାର ଜେନା । ଏନେଇ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏବେ ଏସଆରସି ଦାୟିତ୍ୱରେ ଅଛନ୍ତି ପ୍ରଦୀପ ଜେନା । ମାର୍ଚ୍ଚ ୧ ତାରିଖରୁ ନୂଆ ଶାସନ ସଚିବ ଭାପେ ପ୍ରଦୀପ୍ତ ଦାୟିତ୍ୱ ଗ୍ରହଣ କରିବେ । ୧୯୮୯ ମସିହା ବ୍ୟାଚର ଆଇଏଏସ ଅଫିସର ପ୍ରଦୀପ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ସଠିକ୍ ଢଙ୍ଗରେ ତୁଲାଇବା ସହ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।

## ଆଜି ମେଘାଳୟ ବିଧାନସଭା ନିର୍ବାଚନ



ନୂଆଦିଲ୍ଲୀ, ୨୬/୦୨ : ଆସନ୍ତାକାଲି ମେଘାଳୟର ବିଧାନସଭା ନିର୍ବାଚନ ରହିଛି । ତାପୂର୍ବରୁ ସାରା ରାଜ୍ୟରେ ୯୦୦ରୁ ଅଧିକ ମତଦାନ କେନ୍ଦ୍ରକୁ ଅତିସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଶନିବାର ଏହା କହିଛନ୍ତି । ସିଇଓ ଏମ.ଆର ଖାରକୋଙ୍ଗୋର କହିଛନ୍ତି ଯେ, ଏହି ୯୦୦ଟି ମତଦାନ କେନ୍ଦ୍ରରେ ଅତୀତରେ ହିଂସା ରେକର୍ଡ ରହିଛି । ପୂର୍ବରୁ ଗାରୋ ଏବଂ ଖାସି ହିଲ୍ସ ଅଞ୍ଚଳରେ ସନ୍ତ୍ରାସବାଦୀ ଗୋଷ୍ଠୀ ସକ୍ରିୟ ଥିବାବେଳେ ପୂର୍ବ ନିର୍ବାଚନ ସମୟରେ କେତେକ ଅଘଟଣ ଘଟିଥିଲା । ରାଜ୍ୟରେ ବିଧାନସଭା ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ନିର୍ବାଚନ ଆୟୋଗ ମେଘାଳୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏଏଫ) ର୧୧୯ କମ୍ପାନୀ ନିୟୋଜିତ କରିଛନ୍ତି । ମେଘାଳୟ ସିଇଓ ଏଫଆର ଖାର୍କୋଙ୍ଗୋର କହିଛନ୍ତି ଯେ, ଆଇନ ଶୃଙ୍ଖଳାକୁ ସୁନିଶ୍ଚିତ କରିବା ପାଇଁ ଆମେ ଏଠାରେ ୧୧୯ଟି କମ୍ପାନୀ (କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ) ନିୟୋଜିତ କରିଛୁ । ତ୍ରିପୁରା ବିଧାନସଭା ନିର୍ବାଚନ ପାଇଁ ଆମେ ପୂର୍ବରୁ ୪୦ ଟି କମ୍ପାନୀ ଏବଂ ଅନ୍ୟ ୨୯ ଟି କମ୍ପାନୀ ନିୟୋଜିତ କରିଥିଲୁ । ଏପର୍ଯ୍ୟନ୍ତ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଖବର ଆସିନାହିଁ । ଦୁର୍ଭାଗ୍ୟବଶତ ସୋହିଙ୍ଗ ନିର୍ବାଚନମଣ୍ଡଳୀ ପାଇଁ ଜଣେ ପ୍ରାର୍ଥୀଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ଫଳସ୍ୱରୂପ ଏହି ବିଭାଗରେ

▶▶ପୃଷ୍ଠା ୭

## କଟକ ବଡ ମେଡିକାଲକୁ ଶରୀର ଦାନ କଲେ ଜ୍ୟୋତ୍ସ୍ନା ବୋଷ

କେନ୍ଦ୍ରାପଡ଼ା, ୨୬/୦୨ (ନି.ପ୍ର): ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଉଦ୍ୟମରେ ଶରୀର ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର କର୍ମକର୍ତ୍ତା ରହିଥିବା ସ୍ୱର୍ଗତା ଜ୍ୟୋତ୍ସ୍ନା ବୋଷ ୨୦୨୨ ମସିହାରେ ଶରୀର ଦାନ ସଂପର୍କିତ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଶିବିରରେ (ଆଫିଡେଭିଟ୍) ଦ୍ୱାରା ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଂପାଦକ ଡ଼ଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ସ୍ୱର୍ଗତଃ ଜ୍ୟୋତ୍ସ୍ନା ବୋଷଙ୍କ ତିନି ଝିଅ, ସୁପ୍ତା ରାୟ, ଲୁପ୍ତା ବୋଷ, ଶିଖା ବୋଷ, ଜ୍ୱାଇଁ ସୂର୍ଯ୍ୟକାନ୍ତ ପରିଡା, ଶ୍ରୀପତି ରାୟ, ଚନ୍ଦ୍ରକାନ୍ତ ବୋଷଙ୍କ ସମେତ ପରିବାର ସମସ୍ତ ସଦସ୍ୟ, ନାତି ନାତୁଣୀ ଓ ଚାରି ଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ସଂଯୋଜକ ବିଜୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଟ୍ରଷ୍ଟ ପକ୍ଷରୁ ୧୪.୦୨.୨୦୨୨ ମସିହାରେ ଏକ ଶରୀର ଦାନ ଶିବିର ଆୟୋଜନ କରାଯାଇ ଥିଲା । ଏଥିରେ ୧୦୧ ଜଣ ସ୍ୱଚ୍ଛାସେବୀ ମୃତ୍ୟୁପରେ ନିଜର ଶରୀରକୁ ଏସ୍.ସି.ବି ମେଡିକାଲ କଲେଜକୁ ଦାନ କରିବା ନିମନ୍ତେ ସ୍ୱୀକାର ପତ୍ର (ଆଫିଡେଭିଟ୍) ପ୍ରଦାନ କରିଥିଲେ । ଆଜି ଶ୍ରୀମତୀ ବୋଷଙ୍କ ମୃତ୍ୟୁ ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଦେବା ସହିତ ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ଦାନ କରାଯାଇଛି ।

# ବାଟହୁଡ଼ିଛି ପାନୀୟଜଳ ଯୋଗାଣ



ରସୁଲପୁର, ୨୬/୦୨ (ନି.ପ୍ର): ରସୁଲପୁର ବ୍ଲକର ପ୍ରଥମାଖଣ୍ଡ ପଞ୍ଚାୟତରେ ପିଇବା ପାଣି ମୁନ୍ଦାଏ ପାଇଁ ସଂଘର୍ଷ ଦେଖିବାକୁ ମିଳିଲାଣି । ଶହଶହ କୋଟିର ବୃହତ୍ ପାନୀୟଜଳ ପ୍ରକଳ୍ପ ଏଯାଏ ଲୋକଙ୍କୁ ପାଣି ଯୋଗାଇପାରି ନାହିଁ । ଏଣେ ପଞ୍ଚାୟତରେ ଥିବା ବସୁଧା ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ ମଧ ପାଣି ଯୋଗାଇବାରେ ବିଫଳ ହୋଇଛି । ଏଭଳି ଅବ୍ୟବସ୍ଥା ଭିତରେ ବିଭିନ୍ନ ଗାଁରେ ଜଳସଙ୍କଟର ବିକଳ ଚିତ୍ର ଦେଖିବାକୁ ମିଳିଲାଣି । ଗାଁ ଲୋକେ ଦୈନିକ ୩୦ ଟଙ୍କା ଦେଇ ପାଣି ଜାର କିଣିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଛନ୍ତି ପ୍ରଥମାଖଣ୍ଡର ବାସିନ୍ଦା ତଥା ପୂର୍ବତନ ପ୍ୟାକ୍ସ ସଭାପତି ମୁକୁନ୍ଦ ମହାନ୍ତି । ତାଙ୍କ କହିବା ଅନୁସାରେ ପରିବାରର ଆବଶ୍ୟକତା ପୂରଣ ପାଇଁ ପ୍ରତିଦିନ ୩୦ ଟଙ୍କା ଦେଇ ଗୋଟିଏ ପାଣି ଜାର କିଣୁଛୁ । ଗ୍ୟାସ୍ ସିଲିଣ୍ଡର ଭରିବା ଲାଗି ୧୧୦୦ ଟଙ୍କା, ତା' ଉପରେ ପୁଣି ପାଣି ଖର୍ଚ୍ଚ; ପରିବାର ଚଳାଇବା କଷ୍ଟକର ହୋଇପଡ଼ିଲାଣି ବୋଲି ସେ କହନ୍ତି । ଗାଁର ମାନସ ମହାନ୍ତି, ଗୋଲକ ବାରିକ, ଅକ୍ଷୟ ମହାନ୍ତି ଓ ଦାମୋଦର ମହାନ୍ତିଙ୍କର ମଧ ସମାନ ସମସ୍ୟା । ଭଲ ପାଣି ମିଳୁନି । ଯେଉଁ ନଳକୂଅରେ ପାଣି ମିଳୁଛି, ତାହା ଲୌହଯୁକ୍ତ । ତେଣୁ ବାଧହୋଇ ୩୦ ଟଙ୍କା ଦେଇ ୨୦ ଲିଟରର ପାଣି ଜାର କିଣୁଛୁ ବୋଲି କହିଛନ୍ତି । ଗାଁର ଅଧିକାଂଶ ପରିବାର ଏପରି ପାଣି କିଣୁଛନ୍ତି । ଅତି ଗରିବ ଲୋକମାନେ ସେହି ଲୌହ ମିଶା ପାଣି ପିଇବାକୁ ବାଧ ହେଉଥିବା କହିଛନ୍ତି ।

ଗାଁ ଲୋକଙ୍କ କହିବା କଥା, ପ୍ରାୟ ୬ମାସ ହେଲାଣି ବର୍ଷା ହୋଇନଥିବାରୁ ଗଡ଼ିଆ, ପୋଖରୀ ସବୁ ଶୁଖିଗଲାଣି । କୂଅଗୁଡ଼ିକର ଜଳସ୍ତର ମଧ ତଳକୁ ଚାଲିଯାଇଛି । ମାର୍ଚ୍ଚ ମାସ ପୂର୍ବରୁ ପ୍ରଥମାଖଣ୍ଡ ପଞ୍ଚାୟତରେ ଏପରି ଅବସ୍ଥା ଦେଖି ଆଗକୁ କ'ଣ ହେବ ବୋଲି ଗ୍ରାମବାସୀ ଚିନ୍ତାପ୍ରକଟ କରିଛନ୍ତି । ପଞ୍ଚାୟତରେ ଥିବା ଅଧିକାଂଶ ଆଇଏମ-୨ ମଡେଲର ନଳକୂଅ ଅଚଳ ପଡ଼ିଛି । ଯେଉଁ କେତେକ ଭଲ ଅଛି, ସେଥିରୁ ଲୌହମିଶା ପାଣି ବାହାରୁ ଥିବାରୁ ପିଇବା ଉପଯୋଗୀ ହେଉନାହିଁ । ଏହି ପଞ୍ଚାୟତରେ ୨ ବର୍ଷରୁ ଅଧିକ ସମୟ ହେଲା ନିର୍ମାଣ ହୋଇଥିବା ବସୁଧା ଯୋଜନାର ସୁଉଚ୍ଚ ପାଣିଟାଙ୍କି କାର୍ଯ୍ୟକ୍ଷମ ହେଉନାହିଁ । ପ୍ରଥମାଖଣ୍ଡରେ ରହିଥିବା ଆରଡବ୍ଲ୍ୟୁଏସଏସ ପମ୍ପରୁ ସକାଳେ ଦେଢ଼ଘଣ୍ଟା ଓ ଅପରାହ୍ଣରେ ଏକଘଣ୍ଟା ପାଣି ଦିଆଯାଉଛି । ଅନେକ ସମୟରେ ଏହା ମଧ ଚାଲୁନାହିଁ । ନିୟମିତ ଏଥିରୁ ପାଣି ଆସୁନଥିବାରୁ ବହୁ ଅସୁବିଧା ହେଉଛି ବୋଲି ତଳସାହିର ଶ୍ୟାମସୁନ୍ଦର ମଳିକ, କୃଷ୍ଣ ମଳିକ କହିଛନ୍ତି । ପାଣି ଯୋଗାଡ଼ କରି ରୋଷେଇ କରିବା କଷ୍ଟକର ହେଉଛି । ରୋଷେଇ ବନ୍ଦ ହେଲେ ମୁଢ଼ି, ଚୂଡ଼ା ଖାଇ ରହିବାକୁ ପଡୁଛି ବୋଲି ଦଳିତ ସାହିର ଲୋକମାନେ କହିଛନ୍ତି । ଏହି ସାହିରେ ଥିବା ଏକମାତ୍ର ଆଇଏମ୍-୨ ମଡେଲ୍ ହ୍ୟାଣ୍ଡ ପମ୍ପଟି ପ୍ରାୟ ୩ ବର୍ଷ ତଳୁ ଅଚଳ । ସଜାଡ଼ିବା ପାଇଁ ସରପଞ୍ଚଙ୍କଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ଜଣାଇଥିଲେ ବି ସଚଳ କରାଯାଉନାହିଁ । ଯାହାର ପଇସା ଅଛି ପାଣି କିଣୁଛନ୍ତି, ଆମ ପରି ଗରିବ ଲୋକ ଲୌହ ମିଶା ପାଣି ପିଇବାକୁ ବାଧ ହେଉଛୁ ବୋଲି ଦଳିତ ସାହିର ବାସିନ୍ଦା କହିଛନ୍ତି । ରାଜେନ୍ଦ୍ରପୁର, ଅତଳାପୁର ପଞ୍ଚାୟତରେ ମଧ ଜଳସଙ୍କଟ ଲାଗି ରହିଛି । ଅଧିକାଂଶ ଆଇଏମ୍-୨ ମଡେଲ୍ ନଳକୂଅ ଅଚଳ । ଅନ୍ୟପଟେ ବ୍ଲକ୍ ଅଞ୍ଚଳରେ କୌଣସି ନଳକୂଅ ଅଚଳ ହୋଇନାହିଁ ବୋଲି ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ରଥ କହିଛନ୍ତି । ଏହି ଧରଣର ମାତ୍ର ୬ଟି ନଳକୂଅ ଖରାପ ଅଛି । ସେଗୁଡ଼ିକୁ ଖୁବ୍ ଶୀଘ୍ର ସଜାଡ଼ି ଦିଆଯିବ । ପାନୀୟଜଳ ସମସ୍ୟା ସଂପର୍କରେ ତାଙ୍କ ପାଖରେ କୌଣସି ଅଭିଯୋଗ ଆସିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର

ବଲାଙ୍ଗିର, ୨୬/୦୨ (ନି.ପ୍ର): ଜ୍ଞାନ ବିହାର ବିଦ୍ୟାପୀଠ, ଆଦର୍ଶ ପଡା, ବଲାଙ୍ଗୀର ଓ ସୁପ୍ରିମ୍ ଟାସ୍କ ଜେନେରାଲ ହସ୍ପିଟାଲ, ନେତ୍ରନିକେତନ, ବଲାଙ୍ଗୀରଙ୍କ ମିଳିତ ଉଦ୍ୟମରେ କଲେଜ ଛକ ସ୍ଥିତ ସାଇ ମନ୍ଦିର ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ସୁପ୍ରିମଟାସ୍କ ହସ୍ପିଟାଲ ଅତିରିକ୍ତ ନିର୍ଦ୍ଦେଶକ ପ୍ରବୀଣ ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜ୍ଞାନ ବିହାର ସ୍କୁଲ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ସାହୁଙ୍କ ସହାୟତାରେ ଘରୋଇ ବିଦ୍ୟାଳୟ ସଂଘ (ପିଏସଏ)ର ପ୍ରେସିଡେଂଟ ତଥା ମୋଂଟେସୋରି ସ୍କୁଲ ନିର୍ଦ୍ଦେଶକ ରବି ଚନ୍ଦ୍ର ଉଦ୍ଘାଟା ଫିତା କାଟି ଡଃ. ସିଦ୍ଧେଶ୍ୱର ମିଶ୍ର, ମନୋଜକାନ୍ତ ନାଗ, ସୁରେନ୍ଦ୍ର ନାଗଙ୍କ ଉପସ୍ଥିତିରେ ଶିବିରର ଉଦ୍ଘାଟନ କରିଥିଲେ ।

କାର୍ଯ୍ୟକ୍ରମରେ ଡା. ମାଧୁରୀ. ଭି ଥାଲମ, ଡଃ. ପ୍ରିୟଦର୍ଶିନୀ ନନ୍ଦ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ଓ ହସ୍ପିଟାଲ କର୍ମଚାରୀ ସିମନ ପାଲ, ରଞ୍ଜନା ବାରିକ,ପ୍ରକାଶ ବାରିକ, ବିଭୁତି ଭୂଷଣ ଭଞ୍ଜ, ଚିନ୍ମୟ ନନ୍ଦ, ଇନୋଷ ଛତ୍ରିଆ, ଆଦିତି ଓ ଜେନିମା ପ୍ରମୁଖ ଯୋଗ ଦେଇଥିଲେ । ଜ୍ଞାନ ବିହାର ସ୍କୁଲର ଛାତ୍ର ପ୍ରୀତମ ମିଶ୍ର, ଋତୁରାଜ ଷାଣ୍ଢ, ସୁମିତ ପଟେଲ, ବିକାଶ ଷାଣ୍ଢ, ଆୟୁଷ ଭଞ୍ଜ, ଆଶୁତୋଷ ଯୋଷୀ, ମନୋଜୀତ ସାହୁ, ଆୟୁଷ ହୋତା ପ୍ରମୁଖ ଅତିଥିମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ଏଥିରେ ଶତାଧିକ ଜଣଙ୍କ ଚକ୍ଷୁ ପରୀକ୍ଷା, ୭୦ ଜଣ ରୋଗୀଙ୍କୁ ଔଷଧ ମାଗଣାରେ ବଣ୍ଟନ କରାଯାଇଥିଲା ଓ ୩୫ ଜଣ ରୋଗୀଙ୍କୁ ମାଗଣା ଅସ୍ତ୍ରୋପଚାର ପାଇଁ ସୁପ୍ରିମଟାସ୍କ ହସ୍ପିଟାଲ ନେତ୍ରନିକେତନକୁ ପଠାଯାଇଥିଲା ।

ଏହି ଶିବିରର ସମସ୍ତ କାର୍ଯ୍ୟକ୍ରମର ରୂପରେଖ ତଥା ପରିଚାଳନା ଦାୟିତ୍ୱ ରୂପେଶ କୁମାର ନାଗଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଶିକ୍ଷକ ନେତ୍ରାନନ୍ଦ ପଧାନ, ଲୀନା ଗୁରୁମା, ନଟରାଜ ଠାକୁର, ସାଇ ମନ୍ଦିର ଆବାହକ ଭୋଜରାଜ ସିଂହ ଧରୁଆ, କେଶବ ସୁବୁଦ୍ଧି, ବାସନ୍ତି ବେହେରା, ନୀଳମଣି ତ୍ରିପାଠୀ, ରମାକାନ୍ତ ବାରିକ, ସାନ୍ତନୁ ନାଗ, ହୁସେନ ନାଗ, ସୁନିଲ ସାହୁ, ବେଞ୍ଜାମିନ ନାଗ, ଦାରାସିଂହ ନନ୍ଦ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

## ଜିଲ୍ଲା ଚିକିତ୍ସାଳୟ ଓ ଗୁପ୍ତେଶ୍ୱରର ବିକାଶର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଜୟପୁର, ୨୬/୦୨ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କୋରାପୁଟ ଜିଲା ଗସ୍ତରେ ଆସିଥିବା ବେଳେ ଜୟପୁର ଏୟାର ପୋର୍ଟରେ ପହଂଚିଥିଲେ । ପରେ ଜୟପୁର ସ୍ଥିତ ମୁଖ୍ୟ ଜିଲା ଚିକିତ୍ସାଳୟର ନୁତନ ନିର୍ମାଣ ଧିନ କୋଠା ଓ କ୍ୱାଟର ସମିକ୍ଷା କରିଥିଲେ । ଧାର୍ଯ୍ୟ ସମୟ ଭିତରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ମାଣ ଧିନ ସଂସ୍ଥା କୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ସମୟରେ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର, ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ମେଡିକାଲ ସୁପରିଟେଣ୍ଡେଣ୍ଟ ରବିନ୍ଦ୍ର ନାଥ ମିଶ୍ର ସହ ଜିଲାସ୍ତରୀୟ ଅଧିକାରି ମାନେ ଉପସ୍ଥିତ ଥିଲେ । ୧୦୪.୩୪ କୋଟି ଟଙ୍କା ମିନିମୟରେ ଚିକିତ୍ସାଳୟ ନିର୍ମାଣ ଚାଲିଛି । ଗତ ୨୦୨୨ ମାଚରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଆକ୍ଟୋବର ୨୦୨୩ରେ କାର୍ଯ୍ୟ ଶେଷ ହେବ ନେଇ ବିଭାଗ ଲକ୍ଷ୍ୟ ରଖିଛି । କୋଠା ରାସ୍ତା, ପାର୍କିଂ ଆଦି କାର୍ଯ୍ୟ କରାଯାଉଥିବା ଜଣାଯାଇଛି । ଜୟପୁରରେ ସମୀକ୍ଷା କରିବା ପରେ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଗସ୍ତ କରିଛନ୍ତି । ମୁଖ୍ୟ ସଚିବ ଗୁପ୍ତେଶ୍ୱର ଠାକୁରଙ୍କ ନିକଟରେ ଧୂପ ଦୀପ ଦେଇ ପୂଜା ଅର୍ଚ୍ଚନା କରିଥିଲେ । ପରେ ଡକ୍ରି ଘାଟି ଘାଟ କଟିଙ୍ଗ ସହ ରାସ୍ତା ନିର୍ମାଣ କାର୍ଯ୍ୟ ଅନୁଧାନ କରିଥିଲେ । ଏଥିସହ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଗୁପ୍ତେଶ୍ୱର ପୀଠର ମାଷ୍ଟର ପ୍ଲାନ ବିଷୟରେ ଆଲୋଚନା କରିଥିଲେ । ପୂର୍ବରୁ ଦିଆ ଯାଇଥିବା ଦେଢ଼ କୋଟି ଟଙ୍କାର ଅନୁଦାନରେ ଗୁପ୍ତେଶ୍ୱର ପୀଠର ଉନ୍ନତିକରଣ କାର୍ଯ୍ୟ ଚାଲିଥିବା ବେଳେ ମାଷ୍ଟର ପ୍ଲାନ୍ ଅନୁଯାୟୀ ଆହୁରି ଅଧିକ ବିଭିନ୍ନ ପ୍ରକାରର ଉନ୍ନତି ମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଛନ୍ତି ମୁଖ୍ୟ ଶାସନ ସଚିବ ।

## ଅଣସଂକ୍ରାମକ ରୋଗର ନିରୁପଣ ଶିବିର ଅନୁଷ୍ଠିତ

ଜୟପୁର, ୨୬/୦୨ (ନି.ପ୍ର): ଅଣସଂକ୍ରାମକ ରୋଗର ନିରୁପଣ ଶିବିର ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜୟପୁର ଏଲଆର ଓ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଜଗଧାତ୍ରୀପୁର ତରଫରୁ ଶିବିରି ଆୟୋଜନ କରିଥିଲେ । ଜୟପୁର ଏଲଆର ତରଫରୁ ପ୍ରସାଦରାଓ ପେଟା ଦ୍ୱିତିୟ ଲାଇନର କମ୍ୟୁନିଟି ହଲ ଠାରେ ହୋଇଥିବା ବେଳେ ଜଗତ ଜନନୀ ପାଠାଗାର ଠାରେ ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତରଫରୁ ହେଇଥିଲା ।

## ମଦ, ସ୍ପିରିଟରେ ଭର୍ତ୍ତି ୨୯୦ ମାଲଖାନା: ମାଲଖାନାରେ ଶଢୁଛି ୩୦ ବର୍ଷର ମାଲ୍



କଟକ , ୨୬/୦୨ (ନି.ପ୍ର): ରାଜ୍ୟରେ ଥିବା ୨୯୦ ଅବକାରୀ ଷ୍ଟେସନ୍ ଓ ରେଞ୍ଜ ଅଫିସରେ ପାଖାପାଖି ୩୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ମଦ, ସ୍ପିରିଟ୍ ବିପଦଜନକ ଅବସ୍ଥାରେ ପଡ଼ି ରହିଛି । କଟକ ସବରେଜିଷ୍ଟ୍ରାର ଅଫିସ ନିକଟରେ ଥିବା ଜିଲ୍ଲା ଅବକାରୀ ମାଲଖାନାରେ ଅଗ୍ନିକାଣ୍ଡ ଘଟି ଦୁଇ ଜଣ ପୋଡ଼ି ଯାଇଥିଲେ । ଏଭଳି ଘଟଣା ପରେ ବି ସରକାରୀ ସ୍ତରରେ ମାଲଖାନାରେ ପଡ଼ି ରହିଥିବା ମାଲ୍ ନଷ୍ଟ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଅବକାରୀ ମାମଲାର ତ୍ୱରିତ ଶୁଣାଣି କରି ମାଲ୍ ନଷ୍ଟ କରିବାକୁ ପ୍ରସ୍ତାବିତ ସ୍ୱତନ୍ତ୍ର କୋର୍ଟ ୧୦ ବର୍ଷ ହେବ ହୋଇପାରୁ ନଥିବା ବେଳେ ଯେଉଁ ମାମଲାର ଶୁଣାଣି ଏବେ ସାଧାରଣ କୋର୍ଟରେ ହେଉଛି, ଲୋକବଳ ଅଭାବରୁ ଜବତ ମାଲ୍ ମାଲଖାନାରୁ କାଢ଼ି ନଷ୍ଟ କରିବା ବି ସମ୍ଭବପର ହେଉନାହିଁ । ରାଜ୍ୟରେ ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ମଦ, ସ୍ପିରିଟ୍ କେବେ ନଷ୍ଟ କରାଯିବ ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି ।

ନିୟମ ଅନୁଯାୟୀ, କୌଣସି ଅବକାରୀ ମାମଲାରେ କୋର୍ଟରେ ମାମଲାର ଶୁଣାଣି ଶେଷ ହୋଇ ରାୟ ପ୍ରକାଶ ପାଇବାର ୩ ମାସ ମଧରେ ଯଦି ଜବତ ସାମଗ୍ରୀର କେହି ଦାବିଦାର ନଆସିଲେ ତାକୁ ନଷ୍ଟ କରାଯିବାର ନିୟମ ରହିଛି । ଏଥିପାଇଁ କୋର୍ଟ ନିର୍ଦ୍ଦେଶନାମା ଜାରି କରିଥାଏ । ଯଦି ବାଇକ, ସାଇକେଲ୍, ଗାଡ଼ି ଇତ୍ୟାଦି ଭଳି ମୂଲ୍ୟବାନ ସମ୍ପତ୍ତି ହୋଇଥାଏ ତେବେ ଏହାକୁ ଅବକାରୀ ବିଭାଗର ନିର୍ଦ୍ଦେଶକ୍ରମେ ନିଲାମ କରାଯିବ । ମଦ, ଗଞ୍ଜେଇ, ବ୍ରାଉନସୁଗାର ଭଳି ନିଶା ସାମଗ୍ରୀକୁ ନଷ୍ଟ କରାଯାଏ । କିନ୍ତୁ ରାଜ୍ୟରେ ଥିବା ୨୦୦ ଅବକାରୀ ଷ୍ଟେସନର ଓ ୯୦ଟି ରେଞ୍ଜର ଅଫିସର ୨୯୦ ମାଲଖାନାର ସ୍ଥିତି ସଂଗିନ ହୋଇପଡ଼ିଛି । ଯେଉଁ ମାମଲାର ଶୁଣାଣି ଶେଷ ହେଉଛି, କୋର୍ଟର ନିର୍ଦ୍ଦେଶନାମା ସତ୍ତ୍ୱେ ମାଲଖାନାରୁ ମାଲ୍ କାଢ଼ି ନଷ୍ଟ କରିବା ସମ୍ଭବପର ହୋଇପାରୁନାହିଁ । ରାଜ୍ୟରେ ଏହି ଷ୍ଟେସନ ଓ ରେଞ୍ଜ ଅଫିସରେ ପାଖାପାଖି ୩୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷର ମାଲ୍ ଗଚ୍ଛିତ ହୋଇ ରହିଛି । ପୁରୁଣା ମାଲ୍ ଗୁଡ଼ିକ ମାଲଖାନାରୁ କାଢ଼ିବା ସମ୍ଭବପର ହେଉ ନଥିବାରୁ ବର୍ଷ ବର୍ଷ ଧରି ମାଲ୍ ପଡ଼ିରହିଛି ।

ଏଭଳି ପରିସ୍ଥିତିର ମୁକାବିଲା କରିବା ପାଇଁ ଅବକାରୀ ବିଭାଗ ମାମଲା ଶୁଣାଣି ଯାଏ ଅପେକ୍ଷା ନକରିବାକୁ ପ୍ରସ୍ତାବ ଦେଇଥିଲା । ସ୍ୱତନ୍ତ୍ର ଅବକାରୀ କୋର୍ଟରେ ଏହି ମାମଲାର ବିଚାର କରାଯିବ । ଜବତ ହେଉଥିବା ଅବକାରୀ ସାମଗ୍ରୀର ଫଟୋଗ୍ରାଫି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କରି ନମୁନା ସଂଗ୍ରହ କରାଯିବ । ଏହାକୁ କେମିକାଲ୍ ପରୀକ୍ଷା ପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ଥିବା ଲାବରେଟୋରିକୁ ପଠାଯାଇ ଦିଆଯିବ । ଅନ୍ୟପଟେ ସମାନ୍ତରାଳ ଭାବେ ଜବତ ସାମଗ୍ରୀକୁ ନଷ୍ଟ କରାଯିବାକୁ ଅବକାରୀ ବିଭାଗ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନେଇ ପ୍ରସ୍ତାବ ରହିଛି । କିନ୍ତୁ ଅବକାରୀ ବିଭାଗର ଏଭଳି ପ୍ରସ୍ତାବ ଉପରେ ରାଜ୍ୟ ସରକାର ମୋହର ମାରି ନଥିବାରୁ ପ୍ରସ୍ତାବ ଅଟକି ରହିଛି । ୨୦୧୨ ଫେବ୍ରୁଆରି କଟକ ଓ ଖୋର୍ଦ୍ଧା ମଦ ମୃତ୍ୟୁ ମାମଲାରେ ଜଷ୍ଟିସ୍ ଏ.ଏସ.ନାଇଡୁ ୨୦୧୩ ଏପ୍ରିଲରେ ସ୍ୱତନ୍ତ୍ର ଅବକାରୀ କୋର୍ଟ ଖୋଲିବାକୁ ସୁପାରିସ କରିଥିଲେ । ୨୦୧୭ ଏପ୍ରିଲ ୧ରେ ନୂଆ ଅବକାରୀ ଆଇନରେ ବି ସ୍ୱତନ୍ତ୍ର କୋର୍ଟ ସମ୍ପର୍କରେ ବି ଦର୍ଶାଯାଇଥିଲା । ଏହି କୋର୍ଟ କେବେ ଓଡ଼ିଶାରେ ଜିଲ୍ଲା ସ୍ତରରେ ଖୋଲାଯିବ, ତାକୁ ନେଇ ପ୍ରଶ୍ନ ଉଠିଛି । ମାଲଖାନାର ଚାପ ବଢ଼ିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଆଧାରରେ ଅବକାରୀ ବିଭାଗରେ ବିଭିନ୍ନ ଷ୍ଟେସନ ଓ ରେଞ୍ଜ ଅଫିସ ପକ୍ଷରୁ କୋର୍ଟରେ ପଡ଼ି ରହିଥିବା ୨୦ ଲିଟରରୁ କମ୍ ବିଦେଶୀ ମଦ ଓ ପୋଚ ମାମଲାକୁ ଉଠାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପିପି (ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର)ଙ୍କ ସହିତ ଆଲୋଚନା କରି କୋର୍ଟରୁ ଏହି ମାମଲାକୁ ଉଠାଇବା ସହିତ ଜବତ ହୋଇଥିବା ମାଲକୁ ନଷ୍ଟ କରିବା ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜଣେ ଅବକାରୀ ଅଧିକାରୀଙ୍କ କହିବା ଅନୁଯାୟୀ, ବାସ୍ତବରେ ଜବତ ହେଉଥିବା ମାଲକୁ ବ୍ୟବସ୍ଥିତ ଢଙ୍ଗରେ ଗଚ୍ଛିତ ରଖିବାକୁ ଅବକାରୀ ଥାନା ଓ ରେଞ୍ଜ ସ୍ତରରେ କୌଣସି ୱେୟାର ହାଉସ ବ୍ୟବସ୍ଥା ନଥିବାରୁ ମାଲ୍ ଦୀର୍ଘ ଦିନ ଗଚ୍ଛିତ ରଖିବା ପରେ ତାକୁ କାଢ଼ିବା ସମ୍ଭବପର ହେଉନାହିଁ । ଯେଉଁଥି ପାଇଁ କଟକରେ ଗଲା ଜାନୁଆରି ୩୧ରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଦୁଇ ଜଣ ପୋଡ଼ି ଯାଇଥିଲେ । ଏହି ମାଲଖାନାରେ ଦୀର୍ଘ ୨୫ ବର୍ଷ ତଳର ମଦ, ପୋଚ, ସ୍ପିରିଟ୍ ନଷ୍ଟ ନହୋଇ ପଡ଼ିରହିଥିବାରୁ ନିଆଁ ଶୀଘ୍ର ବ୍ୟାପିଯାଇଥିଲା । କିନ୍ତୁ ଏଭଳି ଘଟଣାରେ ଅବକାରୀ ବିଭାଗ କିଛି ଶିଖି ପାରି ନଥିବା କୁହାଯାଉଛି ।

## ଭତ୍ତା ବଣ୍ଟନରେ ଅବ୍ୟବସ୍ଥା: ଅପେକ୍ଷାରେ ୨୪ହଜାରରୁ ଅଧିକ ଆବେଦନକାରୀ

ଯାଜପୁର , ୨୬/୦୨ (ନି.ପ୍ର): ଜୀବନଜୀବିକା ପାଇଁ ସଂଘର୍ଷ କରୁଥିବା ଭିନ୍ନକ୍ଷମ, ବୁଢ଼ାବୁଢ଼ୀ ଓ ବିଧବାମାନଙ୍କ ସହାୟତା ପାଇଁ ସରକାର ଭତ୍ତା ବ୍ୟବସ୍ଥା କରିଛନ୍ତି । ଭତ୍ତା ପ୍ରଦାନରେ ଅବ୍ୟବସ୍ଥା ଓ ଦୁର୍ନୀତିକୁ ରୋକିବା ପାଇଁ ହିତାଧିକାରୀଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ଅର୍ଥ ପ୍ରଦାନ କରିବାକୁ ବ୍ୟବସ୍ଥା କଲେ । ମାତ୍ର ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଚରମ ଅବହେଳା ଓ ଅସାଧୁ କାରବାର ପାଇଁ ଶହଶହ ହିତାଧିକାରୀ ମାସମାସ ଧରି ଭତ୍ତା ଟଙ୍କା ପାଇପାରୁନାହାନ୍ତି । ସେହିପରି ବ୍ୟବସ୍ଥାର ସୁପରିଚାଳନା ଅଭାବରୁ ଜିଲ୍ଲାରେ ଏବେ ଅନଲାଇନ୍‌ରେ ୨୩ହଜାର ୯୧୪ଜଣ ଆବେଦନପତ୍ର ଏବଂ ଅଫ୍‌ଲାଇନ୍‌ରେ ଶହଶହ ଆବେଦନପତ୍ର ପଡ଼ିରହିଛି । ପ୍ରକାଶ ରସୁଲପୁର ବ୍ଲକ୍ ପ୍ରଥମାଖଣ୍ଡ ପଞ୍ଚାୟତର ୧୦୨ବର୍ଷର ବରିଷ୍ଠ ନାଗରିକ କୃଷ୍ଣ ମଳିକ ଗତ ୭ମାସ ହେଲା ୫ଶହ ଟଙ୍କା ଲେଖାଏଁ ଭତ୍ତା ପାଇନାହାନ୍ତି । ସେହିପରି ବଡ଼ଚଣା ବ୍ଲକ୍‌ର ବାଲିପଡ଼ିଆ ପଞ୍ଚାୟତର ବାଲିପଡିଆ ଗ୍ରାମର କୁଞ୍ଜଲତା ମଳିକ (୭୫ ବର୍ଷ) ପୂର୍ବରୁ ଭତ୍ତା ପାଉଥିଲେ କିନ୍ତୁ ବ୍ୟାଙ୍କ ଜରିଆରେ ଭତ୍ତା ପ୍ରଦାନ ବ୍ୟବସ୍ଥା ପରଠାରୁ ୯ ମାସ ହେବ ଭତ୍ତା ପାଇନାହାନ୍ତି । ଏହି ଗ୍ରାମର ପୂର୍ଣ୍ଣିମା ସାମଲ ୯୦ ବର୍ଷ ବୟସର ବିଧବା ମହିଳା ମଧ ୯ ମାସ ହେଲା ଭତ୍ତା ପାଉନାହାନ୍ତି । ୮୦ବର୍ଷରୁ ଅଧିକ ବୟସର ବୁଢ଼ାବୁଢ଼ୀ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ୭୦୦ ଟଙ୍କା ପରିବର୍ତ୍ତେ କେତେକଙ୍କୁ ୫୦୦ ଟଙ୍କା ଦିଆଯାଇଛି । ଏହି ଭଳି ପ୍ରତି ଅଞ୍ଚଳରେ ଅସହାୟ ହିତାଧିକାରୀ ମାସ ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ହୋଇଚାଲିଛନ୍ତି । ସରକାରୀ ତଥ୍ୟ ମୁତାବକ ଯାଜପୁର ଜିଲ୍ଲାରେ ଏବେ ସୁଦ୍ଧା ୧ ଲକ୍ଷ ୯୫ ହଜାର ୪୨୨ଜଣ ଭତ୍ତା ପାଉଥିବାର କୁହାଯାଉଛି । ଭତ୍ତା ମଞ୍ଜୁର ବେଳେ ବୟସ ଅନୁଯାୟୀ କ୍ରମାନ୍ୱୟରେ କରାଯାଉ ନାହିଁ । ଯାହା ଫଳରେ ଅଧିକ ବୟସର ଗରିବ ଲୋକମାନେ ଭତ୍ତା ଅପେକ୍ଷାରେ ରହି ଆଖିବୁଜୁଛନ୍ତି । ଏବେ ସୁଦ୍ଧା ବଡ଼ଚଣା ବ୍ଲକରେ ୨୨,୬୭୨ ଜଣ, ବରୀରେ ୧୬,୭୧୨ ଜଣ, ବିଂଝାରପୁରରେ ୨୧,୬୫୩ ଜଣ, ଦାନଗଦୀରେ ୧୩,୧୪୯ ଜଣ, ଦଶରଥପୁରରେ ୨୪,୪୫୮ ଜଣ, ଧର୍ମଶାଳାରେ ୨୩,୨୬୮ ଜଣ, ଯାଜପୁରରେ ୧୭,୯୪୫ ଜଣ, କୋରେଇରେ ୧୪,୮୨୪ ଜଣ , ରସୁଲପୁରରେ ୧୭,୪୧୬ ଜଣ , ସୁକିନ୍ଦାରେ ୧୪,୯୩୯ ଜଣ ଓ ଯାଜପୁର ପୌରାଞ୍ଚଳର ୩,୯୬୭ ଜଣ, ବ୍ୟାସନଗର ପୌରାଞ୍ଚଳରେ ୪,୪୧୯ ଜଣ ଭତ୍ତା ପାଉଛନ୍ତି । ଭତ୍ତା ପ୍ରଦାନରେ ହେରଫେର ଅଭିଯୋଗ ହେବାରୁ ସରକାର ବ୍ୟାଙ୍କ ଜରିଆରେ ହିତାଧିକାରୀଙ୍କ ସଞ୍ଚୟଖାତାରେ ଜମା କରିବା ପାଇଁ ନିୟମ କଲେ । ଯାହା ଫଳରେ ଭତ୍ତା ପାଇଁ ଆଉ ପଞ୍ଚାୟତ ଅଫିସକୁ ଆସିବାକୁ ପଡିବନି । ନିକଟସ୍ଥ ଜନସେବା କେନ୍ଦ୍ରରୁ ବା ବ୍ୟାଙ୍କମିତ୍ରଙ୍କ ଜରିଆରେ ଭତ୍ତା ଟଙ୍କା ହିତାଧିକାରୀ ପାଇପାରିବେ । କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ବହୁ ଲୋକ ଭତ୍ତାରୁ ବଞ୍ଚିତ ହେଉଛନ୍ତି । ନିୟମ ଅନୁଯାୟୀ ୬୦ ବର୍ଷ ହେଲେ ଭତ୍ତା ପାଇଁ ଆବେଦନ କରିପାରିବେ । ଭତ୍ତା ଆବେଦନପତ୍ରକୁ ଅଧିକାରୀମାନେ ତନଖି କରି ମଞ୍ଜୁର କଲା ବେଳେ ବୟସ ଅନୁଯାୟୀ କରୁନାହାନ୍ତି ।

## ସାମ୍ବାଦିକମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାର ସଚେତନ ଅଛନ୍ତି-ମନ୍ତ୍ରୀ ଅତନୁ ସବ୍ୟସାଚୀ

କେନ୍ଦ୍ରାପଡ଼ା, ୨୬/୦୨ (ନି.ପ୍ର): ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ । ରାଜନୀତି, ପ୍ରଶାସନ ଓ ସମାଜରେ ଘଟୁଥିବା ତୃଟି ବିଚ୍ୟୁତି ଓ ଅସଙ୍ଗତି କୁ ଲୋକଲୋଚନକୁ ଆଣି ତାର ସମାଧାନ କରିବା ଦିଗରେ ସବୁବେଳେ ଉଦ୍ୟମ କରି ଆସିଛନ୍ତି । ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ହିତ ପାଇଁ କେତେ ଗୁଡିଏ ପଦକ୍ଷେପ ନେଇଥିଲେ ମଧ ଅନ୍ୟ କେତେକ ସମସ୍ୟା ସମାଧାନ ହୋଇ ନପାରି ଅସଂପୂର୍ଣ୍ଣ ରହିଛି । ସେ ଦିଗରେ ରାଜ୍ୟ ସରକାର ସଚେତନ ଅଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ମଙ୍ଗଳ ପାଇଁ ଅନେକ ଗୁଡିଏ ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ସାମ୍ବାଦିକ ମାନଙ୍କ ପାଇଁ ମଧ କରୋନା ମୃତ୍ୟୁ କାଳୀନ ୧୫ ଲକ୍ଷ ଟଙ୍କା ସହାୟତା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ଆଦି ଲାଗୁ କରିଛନ୍ତି । ଅନ୍ୟ ସମସ୍ୟା ଗୁଡିକ ପୂରଣ ପାଇଁ ସମ୍ବେଦନଶୀଳ ଭାବେ ରାଜ୍ୟ ସରକାର ସକାରାତ୍ମକ ଚିନ୍ତାଧାରା ପୋଷଣ କରି ଆସୁଛନ୍ତି । ଆଜି ଉଦୟନଗର ସ୍ଥିତ ସଂସ୍କୃତି ଭବନ ପରିସରରେ ଆୟୋଜିତ ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଓ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟୀ କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସାମ୍ବାଦିକତା ବୃତିର ଆହ୍ୱାନ ଓ ସମସ୍ୟା ସଂପର୍କରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ଅଧକ୍ଷତା କରିଥିବା ବେଳେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ପୌରାଧକ୍ଷା ସରିତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ସଂପାଦକ ବେଣୁଧର ପଣ୍ଡା ଓ ସଦସ୍ୟ ରବି ନାରାୟଣ ଖିଲାର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସଭାପତି ହିମାଂଶୁ ଶେଖର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ପ୍ରଶାନ୍ତ ନାୟକ ସମ୍ବାଦକୀୟ ବିବରଣୀ ପାଠ କରିଥିଲେ । ବରିଷ୍ଠ ସାମ୍ବାଦିକ ମାତୃଦତ୍ତ ମହାନ୍ତି କାର୍ଯ୍ୟକ୍ରମର ସୂଚନା ଦେବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ କର ସାମ୍ବାଦିକ ସୁରକ୍ଷା ଆଇନ, ଅବସର କାଳୀନ ଭତ୍ତା, ପ୍ରେସ ଏକାଡେମୀ ଗଠନ କରିବା ଓ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ପ୍ରାପ୍ତିକୁ ୧୫ ଲକ୍ଷ ଟଙ୍କା କରିବାକୁ ଦାବି ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ କେତେଜଣ ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।

## ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ବହୁ ବିଶେଷଜ୍ଞ ପଦବୀ ଖାଲି

ସାଲେପୁର, ୨୬/୦୨ (ନି.ପ୍ର): ମାହାଙ୍ଗା ବ୍ଲକ ଏକ ଜନବହୁଳ ଅଂଚଳ ହୋଇଥିବାବେଳେ ଗରିବ ଜନସାଧାରଣମାନେ ଚିକିତ୍ସା ସେବା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଗତ କିଛି ମାସ ହେବ ମେଡିକାଲ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପଦବୀ ପାଂଚ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଖାଲି ପଡିବା ଯୋଗୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି ଏଥିସହ ଦୀର୍ଘ ବର୍ଷ ଧରି ଶିଶୁ ରୋଗ ଓ ଗର୍ଭବତୀ ପ୍ରସୂତୀ ବିଶେଷଜ୍ଞ ପଦ ଖାଲି ପଡିବା ଯୋଗୁ ଶିଶୁ ଓ ଗର୍ଭବତୀ ରୋଗୀ ସେବା ସଂପୂର୍ଣ୍ଣ ଠପ ହୋଇଯାଇଛି । ସରକାରଙ୍କ ପକ୍ଷରୁ ଯେଉଁ ବିଶେଷଜ୍ଞ ଡାକ୍ତରମାନଙ୍କୁ ମାହାଙ୍ଗାରେ ନିଯୁକ୍ତି ଦିଆଯାଉଛି ସେମାନେ ନିଯୁକ୍ତି ପରେ ବିଭିନ୍ନ ଆଳ ଦେଖାଇ କିମ୍ବା ଟ୍ରେନିଙ୍ଗ ନାମରେ ଏଠାରୁ ଛୁଟିରେ ଯାଇ ଆଉ ଏଠାରେ କାର୍ଯ୍ୟରେ ଯୋଗ ଦେଉନଥିବା ଅଭିଯୋଗ ହେଉଅଛି । ଏଥିସହିତ ସର୍ଜରୀ ଓ ମେଡିସିନ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ରହିଥିବା ଜଣାଯାଇଛି । ମୁଖ୍ୟ ଚିକିତ୍ସା ଅଧିକାରୀ ବଦଳି ହେବାର ୫ ମାସ ବିତି ଯାଇଥିଲେ ମଧ ଅଦ୍ୟାବଧି ତାଙ୍କ ସ୍ଥାନ ପୂରଣ ହୋଇନାହିଁ । ତାଙ୍କ ସ୍ଥାନରେ ନଡିଆସାହାସପୁର ଆଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତନ୍ମୟ ବେହେରା ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଯାହା ଫଳରେ ଶ୍ରୀ ବେହେରା ନଡିଆ ସାହାସପୁରଠାରେ ରୋଗୀ ସେବା କରିବା ପରେ ମାହାଙ୍ଗା ମେଡିକାଲକୁ ଆସିଥାନ୍ତି ।

# ଅଟକିନି ଜୀବନ : ଜୀବନଯୁଦ୍ଧର ଲଢ଼େଇରେ ଜଣେ ଅଜୟ....

ସିଡିଏ ସେକ୍ଟର-୯ ପେଟାନାଳ ରାସ୍ତାରୁ ସରସ୍ୱତୀ ଶିଶୁମନ୍ଦିର ସନ୍ନିକଟ ନାରାୟଣ ଚମ୍ପା ଏଣ୍ଟରପ୍ରାଇଜେସ ୱାର୍କସପ୍ । ସକାଳର କୁହୁଡ଼ି ଘେରା ପରିବେଶ ଭିତରେ ଟ୍ରଲି ଉପରେ ବସିଥିବା ଜଣେ ଚଳତଶକ୍ତିହୀନ ମଧ ବୟସର ବ୍ୟକ୍ତିଙ୍କ ଖବର କାଗଜ ପଢ଼ିବା ସହ କିଛି ଛୋଟ ବଡ଼ ମନ୍ତବ୍ୟ ଆମକୁ ଚକିତ କରିଥିଲା । ରାସ୍ତା ବି ସେତେ ଭିଡ଼ ନଥିଲା । 'ସରକାର ସବୁ କରୁଛନ୍ତି, ମୋ ପରି ଖଣ୍ଡିଆ ମାନଙ୍କୁ ସବୁ କୁଆଡ଼େ ଯୋଗାଉଛନ୍ତି ହେଲେ ମୁଁ କେଉଁଠି କିଛି ତ ପାଉନି । ମନେପଡ଼ି ଯାଉଛି ଜନସେବୀ ପ୍ରବାଦ ମୂଲ୍ୟବୋଧଯୁକ୍ତ ସାମ୍ବାଦିକତାର ବଡ଼ ଆଶା ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁଙ୍କ କଥା.... । ଏହି ପେପରରେ କାଲେ କେଉଁଠି ସରକାର କ'ଣ ଘୋଷଣା କରିଛନ୍ତି କି ? ଖୋଜି ବୁଲୁଛି ପେପର ଭିତରେ... ।' ଛୋଟ ମୁହଁରୁ ଏତେ ବଡ଼ କଥାଟି ଶୁଣି ଆମେ ଆଶ୍ଚର୍ଯ୍ୟ ହୋଇଯାଇଥିଲୁ । ନିଜେ ଚାଲି ପାରୁନଥିବା ଲୋକଟି ସାମ୍ବାଦିକତାର ଅନ୍ୟତମ ଗୌରବ ପ୍ରତୀକ ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁଙ୍କ ନାମ ଶୁଣି ଆମ ଭିତରେ ସୃଷ୍ଟି ହୋଇଥିଲା କିଛି ଜାଣିବାର ଆବେଗ । ଆମେ ତାଙ୍କୁ ନିଜ ପରିଚୟ ଦେବା ପରେ ସେ ସମ୍ମାନ ଜଣାଇ ପ୍ରଥମରୁ କ୍ଷୋଭର ସହିତ କହିବା ଆରମ୍ଭ କରିଥିଲେ । 'ଆମକୁ କୁଆଡ଼େ ଦିବ୍ୟାଙ୍ଗ କହୁଛନ୍ତି, ଏହି ଶୁଣିବାକୁ ଭଲ ଲାଗୁଥିବା ଶବ୍ଦରେ କ'ଣ ପେଟ ପୁରୁଛି ? । ଟ୍ରଲି ଖଣ୍ଡେ ନାହିଁ, ମୁଣ୍ଡ ଉପରେ ଥାନ ରଖିବାକୁ ଘରଟିଏ ବି ନାହିଁ । ଚାରି ପ୍ରାଣୀ ଲୋକଙ୍କୁ ନେଇ ଏଠାରୁ ୩୫ କିଲୋମିଟର ଦୂର ମୋ ପାଇଁ କେତେ ଯେ କଷ୍ଟକର ମୁଁ ଜାଣିଛି । ଆପଣ ମୋ ଗୁହାରୀ ଟିକେ ସରକାରଙ୍କ ପାଖରେ ପହଞ୍ଚାଇବେ ?' ଆମେ ତାଙ୍କୁ କିଛି ପଚାରିବା ପୂର୍ବରୁ ସେ ପୁଣି କହିଚାଲିଥିଲେ ତାଙ୍କ ପୂର୍ବଦିନର କଥା । ଗୋଟିଏ କ'ଣ କାମ ପାଇଁ ନିଜ ଅଞ୍ଚଳର ଅଭାବ ଅସୁବିଧା ସହ ଜଣାଇଥିଲେ ପ୍ରଗତିବାଦୀ କାର୍ଯ୍ୟାଳୟକୁ । ସେତେବେଳେ ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁ ସମ୍ପାଦନା କରୁଥାନ୍ତି ଓ ମେହନତୀ ଦୁଃଖି ଲୋକଙ୍କ ତଥ୍ୟଭିତ୍ତିକ ଖବର ହିଁ ଲୋକଲୋଚନକୁ ଆଣୁଥିଲେ । ଆଉ ତାଙ୍କ ଅସୁବିଧାର ଖବର ସେ ସମୟରେ ପ୍ରଗତିବାଦୀରେ ବାହାରିବା ପରେ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠିଥିଲା ଆଉ ତାଙ୍କ ଗୁହାରୀ କାର୍ଯ୍ୟକାରୀ ମଧ ହୋଇଥିଲା ।

ଆମକୁ ଆଶ୍ଚର୍ଯ୍ୟ ଲାଗିଥିଲା ଆଜିର ତଥାକଥିତ ସାମ୍ବାଦିକଙ୍କ ଭିଡ଼ ଭିତରେ ଏବେ ବି କିଛି ଅଛନ୍ତି ଯେଉଁମାନେ ମୂଲ୍ୟବୋଧଯୁକ୍ତ ସାମ୍ବାଦିକତାର ମଉଡମଣି । ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁଙ୍କୁ ବି ଚିହ୍ନି ନାହାନ୍ତି କି ମନେ ପକାଇ ପାରୁନାହାନ୍ତି ସେ ଜାଗାରେ ଏହି ଲୋକଟିର ଭାବାବେଗ ଓ ସ୍ମରଣୀୟ କୃତଜ୍ଞତା ଆମକୁ ଆଶ୍ଚର୍ଯ୍ୟ ଚକିତ କରିଦେଲା । ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କର ପାଖ ଗାଁ କାଇମୁଣ୍ଡି । ପିଲାଟି ଦିନରୁ ମେଧାବୀ ଥିଲେ ବି ପାଠରେ ଡୋରୀ ବାନ୍ଧିଥିଲେ ଅଜୟ । ନିଜେ ଭିନ୍ନକ୍ଷମ ବୋଲି ଅନୁଭବ କଲାପରେ ଘରର ହସ ଖୁସିର ଛୋଟ ସଂସାର ଭିତରେ କଳାବାଦଲ ଘୋରାଇ ଦେଇଥିଲା ସବୁ ଖୁସିର ଆନନ୍ଦକୁ । ସରକାରୀ ଭାବେ ସେ ଷାଠିଏ ପ୍ରତିଶତ ଭିନ୍ନକ୍ଷମ ବୋଲି ସାର୍ଟିଫିକେଟ ଟିଏ ପାଇଛନ୍ତି । କାଙ୍ଗାଳି ରାଉତଙ୍କ ପୁତ୍ର ଅଜୟଙ୍କ ପରିବାର ବୋଇଲେ ସହଧର୍ମିଣୀ ସୁକାନ୍ତି, ପୁଅ ରାଜା ଓ ଝିଅ ରାଣୀ । ନିଜେ ଦିବ୍ୟାଙ୍ଗ ହୋଇଥିଲେ ବି ପୁଅକୁ ଚତୁର୍ଥ ଶ୍ରେଣୀରେ ପଢ଼ାଉଛନ୍ତି ଓ ଝିଅଟି ମାତ୍ର ତିନିବର୍ଷର । ଅନେକ ହାରିଗୁହାରୀ ଓ ସରକାରୀ ବଡ଼ପଣ୍ଡା ମାନଙ୍କ କାକୁତି ମିନତୀ ନିବେଦନ ଓ ପ୍ରଶାସନର କିଛି ତଳିଆ ଲୋକଙ୍କୁ କଷ୍ଟେମଷ୍ଟେ ଛୋଟ ମୋଟ ଖୁସି କରି ମାସକୁ ପାଉଛନ୍ତି ମାତ୍ର ସାତଶହ ଟଙ୍କା ଓ ପନ୍ଦର କେଜି ଚାଉଳ । ତାଙ୍କ ପାଥପୁର ପଞ୍ଚାୟତର ସରପଞ୍ଚଙ୍କୁ ଘରେ ଖଣ୍ଡେ ଓ ଟ୍ରଲି ଖଣ୍ଡେ ପାଇଁ ଅନେକ ଥର ନିବେଦନ କଲେ ବି 'ମୁଁ କ'ଣ ଘରୁ ଆଣିଦେବି ? ଆଉ ଇଏ ତ ଗଛରୁ ଫଳୁନି' ପରି ଫୋପାଡିବା କଥାଟି ଶୁଣି ନିଜ ଭାଗ୍ୟକୁ ଆଦରି ଚୁପ । କଟକରୁ ତାଙ୍କ ଘର କାଇମୁଣ୍ଡି ୩୫ କିଲୋମିଟର ଦୂର । ନିଜେ ବଡ଼ କଷ୍ଟରେ ଯୋଗାଡ଼ କରିଥିବା ଭଙ୍ଗା



ତିନିଚକିଆ ଟ୍ରଲିରେ ତାଙ୍କୁ ଯିବା ଆସିବା କରିବା ପାଇଁ ପାଖାପାଖି ପାଞ୍ଚଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଏ । ଅତ୍ୟନ୍ତ ଦୁଃଖର କଥା ଚଳତଶକ୍ତିହୀନ ଏହି ଲୋକଟି କଟକର କାଳିଗଳି, ପାଲାମଣ୍ଡପ, ବାଦାମବାଡ଼ି, ସିଡିଏ ପରି କିଛି ଅଞ୍ଚଳର ପରିଚିତ ହୋଟେଲ ଆଗରେ ଖରାବେଳେ ନିଜ ଗାଡ଼ିଟି ଲଗାଇ ଦିଅନ୍ତି । କର୍ମଚାରୀମାନେ ତାଙ୍କୁ ଟେକି ନେଇ ତାଙ୍କ ବାସନ ସଫା ଯାଗାରେ ପହଞ୍ଚାଇ ଦେବା ପରେ ସେ ଗୋଡ଼ ଲମ୍ବାଇ ବାସନ ମାଜି ଯାହା କିଛି ପାଆନ୍ତି... ଆଉ କିଛି ବଦାନ୍ୟଙ୍କ ହାତଟେକା ଦାନ ଯାହା କିଛି ମିଳେ ତାହାହିଁ ତାଙ୍କ ସେଦିନର ଘର ଓ ତାଙ୍କ ପାଇଁ ଅବଲମ୍ବନର ଗୁଜୁରାଣ । ବସରେ ଯିବା ଆସିବା କଲାବେଳେ ସେ ଭିନ୍ନକ୍ଷମ ହୋଇଥିଲେ ମଧ ପଇସା ଦେଇ ଯିବା ଆସିବା କରନ୍ତି କୌଣସି ରିହାତି ତାଙ୍କୁ ମିଳିନଥାଏ । ଘରପାଖ ଦେଇ ବୋହିଯାଉଛି ମହାନଦୀର ଅଥଳ ଜଳରାଶି ସେହିପରି ଅଜୟଙ୍କ ଜୀବନ ଯୁଦ୍ଧର ଲଢ଼େଇ ମଧ ସେହିପରି ବୋହିଯାଉଛି । ବନ୍ୟା, ବାତ୍ୟାବେଳେ ପାଖ ସ୍କୁଲ ଘର ତାଙ୍କର ଅସ୍ଥାୟୀ ମୁଣ୍ଡ ଗୁଞ୍ଜିବାର ଯାଗା ପାଲଟିଥାଏ । ମୁଣ୍ଡ ଉପର ପାଇଁ ଖଣ୍ଡେ ଘର ଆଉ ଚଳତଶକ୍ତିହୀନ ହୋଇଥିଲେ ବି ଖଣ୍ଡେ ମୁଖ୍ୟ ଅବଲମ୍ବନ ଟ୍ରଲିଟି ତାଙ୍କର ନିହାତି ଲୋଡ଼ା । କଟକ ଜିଲ୍ଲାପାଳ ମହୋଦୟଙ୍କୁ ଭେଟିବା ପାଇଁ ଇଛା କରୁଥିଲେ ମଧ ତାଙ୍କ ପାଇଁ ଅକୁଳ ପଡ଼ିଯାଉଛି ଜିଲ୍ଲାପାଳଙ୍କ ସାମ୍ନାକୁ ଯିବାର ସାମର୍ଥ୍ୟ । କେହି ଜଣେ ତାଙ୍କୁ ଉଠାବସା ନକଲେ ତାଙ୍କ ଜୀବନର ସବୁକିଛି ହିଁ ସେ ଟ୍ରଲି ଉପରେ । ସିଡିଏ ଧବଳେଶ୍ୱରଗଡ଼ା ଅଞ୍ଚଳର ଉଦ୍ୟମୀ ଆଧ୍ୟାତ୍ମିକ ସମାଜସେବୀ ତ୍ରିନାଥ ଓଝା ଓ ଶ୍ରୀସତ୍ୟ ସାଇ ସେବା ସଙ୍ଗଠନର ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ଶ୍ୟାମ ସୁନ୍ଦର ସାମଲ ତାଙ୍କୁ ବେଳେ ବେଳେ ଆବଶ୍ୟକୀୟ ସାହାଯ୍ୟ ସହଯୋଗ କରନ୍ତି । ଭଲମନ୍ଦ ବୁଝନ୍ତି । 'ଆମପରି ଗରିବ ଗୁରୁବା ଆଉ ଲେଙ୍ଗଡ଼ା, ଖଣ୍ଡିଆଙ୍କୁ କିଏ କାହିଁକି ଯିବ ପଚାରିବାକୁ.... ସରକାର ଆମକୁ ଦିବ୍ୟାଙ୍ଗ କରିଦେଲେ.... କେହି କେହି କହୁଛନ୍ତି କୁଆଡ଼େ ଜଗନ୍ନାଥ ବି ଦିବ୍ୟାଙ୍ଗ.... ପେଟ ସିନା ଏହିପରି ମନବୋଳା ଚିକଣିଆ କଥାରେ ପେଟ ପୁରିଯାଉଛି କିନ୍ତୁ ମୋ ପେଟ ସହିତ ଆଉ ତିନୋଟି ପେଟ ଛଟପଟ ହୋଇଉଠୁଛି ଦାନାଗଣ୍ଡା ପାଇବା ପାଇଁ ।' ଟିକିଏ ଟାଣଖରା ପଡ଼ିବା ପରେ ତ୍ରିନାଥ ବାବୁଙ୍କ ୱାର୍କସପ୍ ସାମ୍ନା ରାସ୍ତାଟି ଫର୍ଚ୍ଚା ହୋଇଯାଇଥିଲା । କିନ୍ତୁ ଦୃଢ଼ ମନୋବଳ ଥିବା ଓ ଜଣେ କିମ୍ବଦନ୍ତୀ ଜନସେବୀ ସାମ୍ବାଦିକଙ୍କୁ ମନେପକେଇ ପାରୁଥିବା କାହାକୁ ହାତପାତି ଭିକ ନମାଗି ଚଳତଶକ୍ତିହୀନ ଏହି ଦିବ୍ୟାଙ୍ଗ ଲୋକର ଜୀବନ ଯୁଦ୍ଧର ସ୍ୱାଭିମାନର ଲଢ଼େଇ ଆଗରେ ଆମେ ଭାବୁଥିଲୁ.... । ଏମାନେ ଦିବ୍ୟାଙ୍ଗ ନୁହଁନ୍ତି ଆମପରି ପାଠପଢୁଆ ବାବୁଭାୟାମାନେ ଆଉ ପ୍ରଶାସନର ବଡ଼ ବଡ଼ ହାକିମ ମାନେ ଆଉ ତଥାକଥିତ ସମାଜସେବୀ ସରକାର ଏମାନଙ୍କ ଠାରୁ ବଡ଼ ଦିବ୍ୟାଙ୍ଗ ଆଉ କେହି ତ ନାହାଁନ୍ତି ? ?

ଆଲେଖ୍ୟ : ସୁଶାନ୍ତ ଭୂୟାଁ
email : susanta123bhuyan@gmail.com

# ଅତ୍ୟଧିକ ଖାଇବା ଭଲ ନୁହେଁ, ହେଲେ ବ୍ଲାକ୍ ଚକୋଲେଟ୍‌ର ଅଛି ଏହି ସବୁ ସୁଗୁଣ

ଚକୋଲେଟ୍ ଖାଇଲେ ଦାନ୍ତ ପୋକ ଖାଇବାରୁ ନେଇ ବିଭିନ୍ନ କାରଣ ଦର୍ଶାଇ ବଡ଼ମାନେ ପିଲାମାନଙ୍କୁ ଚକୋଲେଟ୍ ଖାଇବାକୁ ଦେଇନଥାନ୍ତି । ଏହା ସତ ଯେ ଅତ୍ୟଧିକ ମାତ୍ରାରେ ଚକୋଲେଟ୍ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥାଏ । ମାତ୍ର ଚକୋଲେଟ୍‌ରେ ବି କିଛି ଭଲ ଗୁଣ ବି ଅଛି । କେତେକାଂଶରେ ଚକୋଲେଟ୍ ସ୍ୱାସ୍ଥ୍ୟ ପାଇଁ ଦରକାରୀ ମଧ । ବଜାରରେ ଉପଲବ୍ଧ ଡାର୍କ ଚକୋଲେଟ୍‌ରେ ପ୍ରଚୁର ପରିମାଣର ନ୍ୟୁଟ୍ରିଏଣ୍ଟସ ରହିଛି, ଯାହାକି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ ହୋଇଥାଏ । କୋକୁଆ ଗଛର ମଞ୍ଜିରୁ ତିଆରି ଏହି ଚକୋଲେଟ୍ ଆଣ୍ଟିଅକ୍ସିଡାଣ୍ଟର ସର୍ବୋତ୍କୃଷ୍ଟ ଉତ୍ସ । ଗବେଷଣାରୁ ଜାଣିବାକୁ ମିଳିଛି ଯେ ଚିନି ବିହିତ ଡାର୍କ ଚକୋଲେଟ୍ ଖାଇଲେ କିଛି ବି କ୍ଷତି ହୋଇନଥାଏ, ବରଂ ଏହା ହୃଦ୍‌ରୋଗର ସମ୍ଭାବନା କମ୍ କରିଥାଏ । ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତ ଚଳାଚଳ ଉତ୍ତମ ହୋଇଥାଏ ଓ ଏହା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଖୁବ୍ ଭଲ । ଡାର୍କ ଚକୋଲେଟ୍, ରକ୍ତଚାପ କମ୍



କରିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି । ଡାର୍କ ଚକୋଲେଟ୍ ଶରୀରରେ ରକ୍ତ ଚଳାଚଳକୁ ଠିକ୍ ରଖିବା ସହ ସୂର୍ଯ୍ୟୋକିରଣରୁ ମଧ ତ୍ୱଚାକୁ ସୁରକ୍ଷା ଦେଇଥାଏ । ସୂର୍ଯ୍ୟୋକିରଣ ସଂସ୍ପର୍ଶରେ ଆସିବା ପରେ ତ୍ୱଚାକୁ ଯେଉଁ କ୍ଷତି ପହଞ୍ଚିଥାଏ, ତାହା ଏହି ଚକୋଲେଟ୍ ଖାଇବା ଦ୍ୱାରା କିଛି ପରିମାଣରେ ଆୟତ୍ତରେ ରହିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ମସ୍ତିଷ୍କକୁ ତୀକ୍ଷ୍ଣ କରିଥାଏ । ଏଥିପାଇଁ ଆପଣ ନିଜ ଘରର ପିଲାମାନଙ୍କୁ ପାଠ ପଢ଼ିବାକୁ ବସିବା ପୂର୍ବରୁ ଏହି ଚକୋଲେଟ୍‌ରୁ ଖଣ୍ଡେ ଖାଇବାକୁ ଦେଇପାରନ୍ତି ।

# ଆଫ୍ରିକାର ଅରିବି



ଆଫ୍ରିକାର ଦକ୍ଷିଣ ଭାଗରେ ଦେଖାଯାଉଥିବା ଅରିବି ଗୋ ପ୍ରଜାତିର ଜୀବ । ଛୋଟ ହେଲେ ବି ଏହା ଦେଖିବାକୁ ଖୁବ୍ ସୁନ୍ଦର । ବେକ ଏହାର ଲମ୍ବା । ଗୋଡ଼ ଚାରୋଟି ସରୁଆ । ଚିକ୍କଣ ଛାଲର ଉପରଟି ସାମାନ୍ୟ କୁଞ୍ଚୁ-କୁଞ୍ଚିଆ ହୋଇଥାଏ । ଦୌଡ଼ିଲା ବେଳେ ଲାଞ୍ଜ ପରିଷ୍କାର ବାରି ହୋଇ ପଡେ । କାରଣ ଅରିବିର ଲାଞ୍ଜ ଆଗରେ ମେଞ୍ଚାଏ କଳାଲୋମ ଥାଏ । ମାଈ ଅରିବିଙ୍କର ଶିଙ୍ଗ ନଥାଏ ଓ ଏମାନେ ଅଣ୍ଡିରାଙ୍କ ଠାରୁ ବଡ଼ । ଅରିବିଟି ଖୁବ୍ ଚାଲାକ ଜୀବ । ଏହାର ରଙ୍ଗ ଏମିତି ଯେ ଲୁଚିକରି ଶୋଇଥିଲେ ଠାବ କରିବା ସହଜ ନୁହେଁ । ଏହା ଜୋରରେ ଦୌଡିପାରେ । ଅତି ବେଗରେ ଦୌଡି ପାରୁଥିବାରୁ ଅନେକ ସମୟରେ ବେପରିଆ ହୋଇ ଶୋଇଥାଏ । ଯଦି ବାଘ ଆସିଗଲା, ସେ ଏଭଳି କୁଦାମାରି ଦୌଡେ ଯେ ତାକୁ ଧରିବା ସହଜ ନୁହେଁ ।

# ଏହି ଖାଦ୍ୟଦ୍ରବ୍ୟରେ ରହିଛି ଅନେକ ସୁଗୁଣ; ସୁସ୍ଥତା ଓ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ମଧ



ଆପଣ ଜାଣନ୍ତି ଯେ ଉତ୍ତମ ଖାଦ୍ୟ ଭକ୍ଷଣ ଦ୍ୱାରା ଆମେ ଆମ ଶରୀରକୁ ସୁସ୍ଥ ରଖିପାରିବା । ପ୍ରତ୍ୟେକ ଖାଦ୍ୟରେ କିଛି ନା କିଛି ଭଲ ଗୁଣ ରହିଛି । ମାତ୍ର ଏପରି କିଛି ଖାଦ୍ୟ ରହିଛି, ଯେଉଁଥିରୁ ଆପଣଙ୍କୁ ଏକାସାଙ୍ଗରେ ଅନେକ ଗୁଡ଼ାଏ ଲାଭ ମିଳିଥାଏ । ସେପରି ଏକ ଖାଦ୍ୟ ହେଉଛି ଦହି । ଦହିକୁ ଆପଣ ଖାଲି ଖାଦ୍ୟ ନୁହେଁ, ପାନୀୟ ଭାବେ ବି ନେଇ ପାରନ୍ତି । ଏହାକୁ ଖାଇଲେ ବା ପିଇଲେ ନାନା ଧରଣର ଶାରୀରିକ ସମସ୍ୟାରୁ ମୁକ୍ତି ମିଳେ । ପ୍ରଥମତଃ ଦହି ଖାଇଲେ ଆପଣଙ୍କ ଖାଦ୍ୟ ହଜମ ବହୁତ ଭଲ ଭାବେ ହୋଇଥାଏ । ଦହିରେ ରହିଥିବା ଭଲ ବାକ୍ଟେରିଆ ଖାଦ୍ୟକୁ ସହଜରେ ହଜମ କରିବାରେ ସାହାଯ୍ୟ କରିଥାଏ । ଦହିରେ ରହିଥିବା ଭଲ ବାକ୍ଟେରିଆ କେବଳ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ ତାହା ନୁହେଁ, ବରଂ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଦହିରେ ରହିଥିବା କ୍ୟାଲ୍‌ସିୟମ୍ ଏବଂ ଫସ୍‌ଫରସ୍ ମଣିଷର ହାଡ଼ ଓ ଦାନ୍ତକୁ ମଜବୁତ କରିଥାଏ । ଆପଣ ଓଜନ କମାଇବାକୁ ଚାହୁଁଥିଲେ ବି ପ୍ରତିଦିନ ଦହି ଖାଇପାରନ୍ତି । ଦହି ଖାଇବା ଦ୍ୱାରା ନିଦ୍ରାହୀନତା ଏବଂ ମସ୍ତିଷ୍କ ବିଚଳିତ ରହିବା ହ୍ରାସ ପାଇଥାଏ । ତ୍ୱଚା ପାଇଁ ମଧ ଦହି ଖୁବ୍ ଭଲ । ଦହି ଖାଇବା ଦ୍ୱାରା ତ୍ୱଚା ଯୁବା ଯୁବା ଦିଶିଥାଏ । ମୁଖମଣ୍ଡଳରେ ପଡୁଥିବା ରିଙ୍କଲ ବି ଦହି ଖାଇବା ଦ୍ୱାରା କମ୍ ହୋଇଥାଏ । କେବଳ ସେତିକି ନୁହେଁ, ମୁହଁରେ ପଡୁଥିବା କଳା ଦାଗ ବି କମ୍ ହୋଇଥାଏ ଦହି ଖାଇବା ଦ୍ୱାରା । ଏହାକୁ ମୁଣ୍ଡରେ ଲଗାଇଲେ ରୁପି ସମସ୍ୟା ଦୂର ହୋଇଥାଏ । ଚିକ୍କଣ ତ୍ୱଚା ପାଇଁ ଆପଣ ମୁହଁରେ ବି ଲଗାଇପାରିବେ ।

# ବିଶ୍ୱରେ ବଢୁଛି ମଧୁମେହ ରୋଗ

୨୦୪୦ ସୁଦ୍ଧା ଭାରତରେ ଟାଇପ-୧ ମଧୁମେହ ରୋଗୀଙ୍କ ସଂଖ୍ୟା ୧୧୬ ପ୍ରତିଶତ ବୃଦ୍ଧି ପାଇବ । ବିଶ୍ୱରେ ଏହା ୧୦୬.୯ ପ୍ରତିଶତ ବୃଦ୍ଧି ପାଇଥିବା ନେଇ ଲେନସେଟ୍ ଡାଇବିଟିକ୍ସ ଆଣ୍ଡ ଏଣ୍ଡୋକ୍ରିନୋଲୋଜି ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରୁ ସ୍ପଷ୍ଟ ହୋଇଛି । ୨୦୨୧ ମସିହାରେ ବିଶ୍ୱର ୮୪ ଲକ୍ଷ ୨୩ ହଜାର ୫୩୦ ଜଣଙ୍କଠାରେ ଟାଇପ-୧ ମଧୁମେହ ରୋଗ ଚିହ୍ନଟ କରାଯାଇଛି । ଏମାନଙ୍କ ମଧ୍ୟରେ ୬୪ ପ୍ରତିଶତ ୨୦-୫୯ ବର୍ଷୀୟ ଅଟନ୍ତି । ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ୮ ଲକ୍ଷ ୧୮ ହଜାର ୬୨୦ । ୨୦୨୦ ମସିହା ତୁଳନାରେ ଏହା ୫.୧ ପ୍ରତିଶତକୁ ବୃଦ୍ଧି ପାଇଛି । ଲେନସେଟ୍‌ର ଏହି ଅଧ୍ୟୟନ ଅନୁସାରେ, ବିଶ୍ୱରେ ଦେଖାଯାଉଥିବା ଟାଇପ-୧ ମଧୁମେହ ରୋଗୀଙ୍କ ମଧ୍ୟରୁ କେବଳ ୬୦ ପ୍ରତିଶତ ଭାରତର । ଯୁକ୍ତରାଷ୍ଟ୍ର ଆମେରିକାରେ ସର୍ବାଧିକ ୧୪ ଲକ୍ଷ ୧୪ ହଜାର ୪୪୧, ଭାରତରେ ୮ ଲକ୍ଷ ୧୮ ହଜାର ୬୨୦, ବ୍ରାଜିଲରେ ୫ ଲକ୍ଷ ୬୪ ହଜାର ୨୪୯, ଚାଇନାରେ ୪ ଲକ୍ଷ ୩୦ ହଜାର ୬୪୭, ଜର୍ମାନରେ ୪ ଲକ୍ଷ ୨୨ ହଜାର ୮୭ ଜଣଙ୍କଠାରେ ମଧୁମେହ ଚିହ୍ନଟ କରାଯାଇଛି । ଇନସୁଲିନ ଉପରେ ନିର୍ଭରଶୀଳ ଟାଇପ-୧ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ଭାରତରେ ଅଣସଂକ୍ରାମକ ରୋଗ ତାଲିକାରେ ମଧୁମେହ ରୋଗୀଙ୍କ ସଂଖ୍ୟା ସର୍ବାଧିକ ନୁହେଁ । ୨୦୧୯ ମସିହାରେ ସମୁଦାୟ ମୃତ୍ୟୁର ୬୬ ପ୍ରତିଶତ ଲୋକଙ୍କର ଅଣସଂକ୍ରାମକ ରୋଗ ଯୋଗୁଁ ମୃତ୍ୟୁ ହୋଇଥିଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନିର୍ବାଚନର ଋତୁ...

ମଲ୍ଲୀଗଛ ଆଜିକା ସମୟରେ ଆଉ ଆଗ ଭଳି ଗାଁ ଗହଳି ହେଉ କି ସହର, ସମସ୍ତଙ୍କ ବାଡ଼ିରେ ଦେଖିବାକୁ ମିଳୁନାହିଁ । ଗ୍ରୀଷ୍ମ ଋତୁର ନିଦାଘ ଜ୍ୱାଳା ଭିତରେ କୁଅମୂଳ ଚାନ୍ଦିନୀ କଡ଼ରେ ରାତିରେ ଫୁଟୁଥିବା ଏଇ ଫୁଲର ବାସ୍ନା କ୍ଷଣିକ ପାଇଁ ହେଉପଛେ ମଣିଷର ମନକୁ ବଦଳାଇ ଦିଏ; ମନରେ ଭରିଦିଏ ଅପୂର୍ବ ମାଦକତା । ମୋଟାମୋଟି ଏଇ ଫୁଲ ହେଉ କି ଯେ କୌଣସି ଫୁଲ ଫୁଟିବା ପଛରେ ଋତୁର ଭୂମିକାଟିଏ ଅଛି, ଠିକ୍ ଯେମିତି ଅଛି ନିର୍ବାଚନର, ଯାହାର ହାୱା ପ୍ରତି ପାଞ୍ଚ ବର୍ଷରେ ଥରେ ବହିଥାଏ । ଏ ଋତୁ ପୁଣିଥରେ ଆସିବାକୁ ଯାଉଛି ୨୦୨୪ରେ । ସାମ୍ପ୍ରତିକ ସମୟର ଭାରତୀୟ ରାଜନୀତିରେ ଦୁଇ ଜାତୀୟ ଦଳ କଂଗ୍ରେସ ଓ ବିଜେପି ମଧ୍ୟରୁ ବିଜେପି ଶାସନ କ୍ଷମତାରେ ୨୦୧୪ରୁ ରହିଥିବା ବେଳେ କଂଗ୍ରେସ ତା'ର ଔଜଲ୍ୟ ଦିନକୁ ଦିନ ହରାଇ ଏକ ଦୃଢ଼ ବିରୋଧୀ ଦଳର ଭୂମିକାକୁ କ୍ୱଚିତ୍ ତୁଲାଇ ପାରୁଛି । ଏଭଳି ଏକ ସମୟରେ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଦଳକୁ ଆସନ୍ତା ନିର୍ବାଚନରେ ହଟାଇ ନିଜେ ଶାସନ ଗାଦିକୁ ଆସିବାକୁ ଏକ ପ୍ରମୁଖ ବିରୋଧୀ ଦଳ କହିବା କେବଳ ଉପଯୁକ୍ତ ଭାବରେ ନ୍ୟାୟୋଚିତ ନୁହେଁ ; ଏହା ସେମାନଙ୍କର ଏକ କର୍ତ୍ତବ୍ୟ ମଧ୍ୟ ଯେ ସେମାନେ ନିଜକୁ ଏଭଳି ଭାବେ ଉପସ୍ଥାପିତ କରିବା ଉଚିତ, ଯଦ୍ୱାରା ଭୋଟରମାନେ ଏକ ବିକଳ୍ପ ପାଇ ପାରିବେ । ଏ ଦୃଷ୍ଟିରୁ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ ଯେତେବେଳେ କହିଲେ ଯେ ୨୦୨୪ ଲୋକସଭା ନିର୍ବାଚନରେ ଲୋକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଉଚିତ ଶିକ୍ଷା ଦେବେ ଏବଂ ଏକ ମେଣ୍ଟ ସରକାର କେନ୍ଦ୍ରରେ ପ୍ରତିଷ୍ଠିତ ହେବ, ତାଙ୍କର କହିବା ଠିକ୍ ଥିଲା । ପରନ୍ତୁ, ତାଙ୍କ ଦ୍ୱାରା ଉଚ୍ଚାରିତ ଏହା ପର ବାକ୍ୟଟି ମୂଷାକୁ ଯନ୍ତାରୁ ବାହାର କରିଦେବା ଭଳି ଥିଲା- ଶ୍ରୀଯୁକ୍ତ ଖାଡ଼୍‌ଗେ ଦୃଢ଼ ଭାବରେ କହିଥିଲେ ଯେ କଂଗ୍ରେସ ଏହି ମେଣ୍ଟର ନେତୃତ୍ୱ ନେବ ଏବଂ କେନ୍ଦ୍ରରେ ସରକାର ଗଠନ କରିବ । ଭାରତୀୟ ନିର୍ବାଚନଗୁଡ଼ିକ ଏକ ପ୍ରକାରର ବିରୋଧାଭାସ ପ୍ରଦାନ କରିଥାଏ । ବିଜେପି ଏବଂ ଏନ୍‌ଏ, ଯାହାକୁ ଏହା ନେତୃତ୍ୱ ପ୍ରଦାନ କରୁଛି, ସେଥିରେ ସେଭଳି କିଛି ବଡ଼ ଧରଣର ମିତ୍ର ଦଳ ନଥିଲେ ସୁଦ୍ଧା ୫୪୦ ସଦସ୍ୟ ବିଶିଷ୍ଟ ଲୋକସଭାରେ ଏହା ୩୦୦ରୁ ଅଧିକ ଆସନରେ ବିଜୟୀ ହୋଇଛି ; ଅଧିକାଂଶ ରାଜ୍ୟରେ ଏହା ବିରୋଧୀ ଦଳଙ୍କ ଫଳାଫଳକୁ ଶୂନ୍ୟ କରି ଦେଇଛି । ସଙ୍ଗେ ସଙ୍ଗେ ଦେଶରେ ଆହୁରି କେତେକ ରାଜ୍ୟ ମଧ୍ୟ ରହିଛି, ଯେଉଁଠି ଏହା ଚାହିଁଲେ ଅତି କମ୍ ପରିଶ୍ରମରେ ସହଜରେ ସରକାର ଗଠନ କରି ପାରିବ । ବସ୍ତୁତଃ, ଏହା ହିଁ ବିରୋଧୀମାନଙ୍କ ନିମନ୍ତେ ଏକ ଆହ୍ୱାନ ଏବଂ ଏକ ସୁଯୋଗ ପ୍ରଦାନ କରୁଛି : ଯଦି ସେମାନେ ସମସ୍ତେ ଆଗାମୀ ଲୋକସଭା ନିର୍ବାଚନରେ ସେମାନଙ୍କ ନିଜ ନିଜକୁ ପ୍ରତିଷ୍ଠିତ କରି ପାରିବେ, ତା'ହେଲେ ସେମାନେ ବିଜେପି ଏବଂ ଶ୍ରୀଯୁକ୍ତ ମୋଦୀଙ୍କ ପାଇଁ ଏକ ବଡ଼ ସମସ୍ୟା ଭାବରେ ଉଭା ହୋଇ ପାରିବେ । କିନ୍ତୁ ଏଥିପାଇଁ ଆବଶ୍ୟକ, ଅଥଚ ପର୍ଯ୍ୟାପ୍ତ ନ ହୋଇଥିବା ସର୍ତ୍ତଟି ହେଉଛି- ଏକ ଅତି ସୁଦୃଢ଼ ବୁଝାମଣାସମ୍ପନ୍ନ ଶାସକ ଦଳ ବିରୁଦ୍ଧରେ ନିର୍ବାଚନରେ ନିଜକୁ ବିଜୟୀ କରି ପାରୁଥିବା ଦୃଢ଼ ବୁଝାମଣାସମ୍ପନ୍ନ ଏକ ବିରୋଧୀ ଦଳଙ୍କ ମେଣ୍ଟ ଭାବରେ ନିଜକୁ ଉପସ୍ଥାପିତ କରିବା । ଏଥିରେ ସନ୍ଦେହ ନାହିଁ ଯେ କଂଗ୍ରେସ ଏହାର ଦଳୀୟ ସାମର୍ଥ୍ୟ ଦୃଷ୍ଟିରୁ- ନିଜେ ନିଜେ ହେଉ କି ମେଣ୍ଟ କରି, ଅନେକଗୁଡ଼ିଏ ରାଜ୍ୟରେ, ଏମିତିକି ଯେଉଁ ରାଜ୍ୟସବୁ ଲୋକସଭାକୁ ଅଧିକ ସଂଖ୍ୟକ ସଦସ୍ୟ ନିର୍ବାଚିତ କରିଥାନ୍ତି, ସେସବୁରେ ମଧ୍ୟ ଘମାଘୋଟ ନିର୍ବାଚନୀ ଲଢ଼େଇ କରିବା ସ୍ଥିତିରେ ରହିଛି । ଏସବୁ ସତ୍ତ୍ୱେ ଦଳ କେତେକ ତୃଣମୂଳ ବାସ୍ତବତାକୁ ଅଣଦେଖା କରି ପାରିବ ନାହିଁ । ଲୋକସଭା ନିର୍ବାଚନରେ ଏକ ପ୍ରମୁଖ ଶକ୍ତି ଭାବରେ ପରିଚିହ୍ନିତ ହେବାର ଯୋଗ୍ୟତା ଦଳ ହରାଇବାର ବେଶ୍ ଦୀର୍ଘ ସମୟ ଅତିବାହିତ ହୋଇ ସାରିଲାଣି ; ବସ୍ତୁତଃ ଦଳ ଗତ ଦୁଇଟିଯାକ ଲୋକସଭା ନିର୍ବାଚନରେ ମାତ୍ର ୧୦ ପ୍ରତିଶତ ଭୋଟ୍ ହାସଲ କରିବାରେ ମଧ୍ୟ ବିଫଳ ହୋଇଛି, ଯାହାଦ୍ୱାରା ଏହା ସଦନରେ ବିରୋଧୀ ଦଳର ମାନ୍ୟତା ଦାବି କରି ପାରିଥାନ୍ତା । ଅନେକ ରାଜ୍ୟରେ ଦଳ ଛିନ୍‌ଛତ୍ର ଅବସ୍ଥାକୁ ଚାଲି ଆସିଥିବା ବେଳେ ଦଳର ଉପର ସ୍ତରରେ ଅନ୍ତର୍ଦ୍ୱ ଦୁଇଗୋଟି ରାଜ୍ୟରେ ଏହାର ଶାସନ ଗାଦିକୁ ମଧ୍ୟ ପାଖାପାଖି ଟଳମଳ କରି ଦେଇଥିଲା । ଏହାର ଶକ୍ତିଶାଳୀ ମେଣ୍ଟ ମଧ୍ୟରୁ କୌଣସି ଦଳ ସେମାନଙ୍କର ସ୍ଥିତି ବଜାୟ ରଖିବା ନିମନ୍ତେ ଏହା ଉପରେ ନିର୍ଭର କରୁ ନାହାନ୍ତି- ତାହା ସମାଜବାଦୀ ପାର୍ଟି ହେଉ କି ରାଷ୍ଟ୍ରୀୟ ଜନତା ଦଳ, ତୃଣମୂଳ କଂଗ୍ରେସ, ଡିଏମ୍ ବା ବାମପନ୍ଥୀମାନେ, କେହି ବି । ତେଣୁ କଂଗ୍ରେସ ଏବଂ ଏହାର ନିର୍ବାଚିତ ସଭାପତି ନିଜକୁ ବିଜେପି-ବିରୋଧୀ ସାମ୍ମୁଖ୍ୟର ସ୍ୱାଭାବିକ ନେତା ହୋଇଥିବା ଭାବନାକୁ ପରିହାର କରିବା ଉଚିତ । ଏହି ସ୍ଥାନ ବର୍ତ୍ତମାନ ଶୂନ୍ୟ ପଡ଼ିଛି ଏବଂ ଏହାକୁ ଅଧିକାର କରିବାକୁ ହେଲେ ଦଳକୁ ଧୈର୍ଯ୍ୟ ଓ କୌଶଳପୂର୍ଣ୍ଣ ସଂଘର୍ଷ କରିବାକୁ ପଡ଼ିବ । ଅତଏବ, ମନରେ ଏକ ବଦ୍ଧମୂଳ ଧାରଣାକୁ ବହନ କରିବା ଅପେକ୍ଷା ଦଳକୁ ହସ୍ତ ପ୍ରସାରଣ କରି ସବୁ ସମଧର୍ମା ମିତ୍ର ଏବଂ ସାମର୍ଥ୍ୟବାନ୍ ମିତ୍ରଙ୍କୁ ସାଙ୍ଗରେ ନେଇ ଏକାଠି ଚାଲିବାର ମନୋଭାବ ପ୍ରଦର୍ଶନ କରିବା ଦଳ ପକ୍ଷେ ହିତକର ସାବ୍ୟସ୍ତ ହେବ ।

# ଆର୍ଥିକ ଅସମାନତା ଓ ଅସନ୍ତୁଳନ ଆଉ କେତେଦିନ ?


ଗୋପାଳ ମହାପାତ୍ର




**ଆର୍ଥିକ ଅସମାନତା ବଢ଼ିବାର କାରଣ ହେଉଛି, ଅର୍ଥ ବ୍ୟବସ୍ଥାର ସ୍ୱରୂପ ପରିବର୍ତ୍ତନ । ଅନେକ ଅର୍ଥଶାସ୍ତ୍ରୀଙ୍କ ମତ ମଧ୍ୟ ଏହା । ବ୍ରିଟେନ୍‌ରେ ଅକ୍ସଫୋମ୍‌ର ମୁଖ୍ୟ ଡେନି ଶିକନ୍ଦରାଜା କହିଛନ୍ତି ଯେ, 'ଆଜିର ଆର୍ଥିକ ବ୍ୟବସ୍ଥା ଯଥାର୍ଥ ମାନବ ମୂଲ୍ୟର ଅପମାନ । ୨୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଦାରିଦ୍ର୍ୟ ଓ ଗରିବ ସଂଖ୍ୟା ଆଶତୀତ ବୃଦ୍ଧି ପାଇଛି ଏବଂ ବିଶ୍ୱର ପାଖାପାଖି ୧୦୦ କୋଟିର ଅଧିକ ଲୋକ ଏବେ ଖାଦ୍ୟାଭାବର ଶିକାର ।**

ଅସମାନତାକୁ ନେଇ ଏକ ଦଶନ୍ଧିରୁ ଅଧିକ ସମୟ ହେବ ଚର୍ଚ୍ଚା ଚାଲିଛି । ଏ ବାବଦରେ ବେସରକାରୀ ସଂସ୍ଥା ଅକ୍ସଫୋମ୍ ଏବେ ଯେଉଁ ରିପୋର୍ଟ ପ୍ରକାଶ କରିଛି, ତାହା ଅତ୍ୟନ୍ତ ସମ୍ବେଦନଶୀଳ । ଅକ୍ସଫୋମ୍ ଇଣ୍ଡିଆ ଭାରତ ସମ୍ବନ୍ଧିତ ୨୦୨୩ରେ 'ସର୍ଭାଇଭାଲ୍ ଅଫ୍ ଦି ରିଚେଷ୍ଟ: ଦି ଇଣ୍ଡିଆ ଷ୍ଟୋରି' ରିପୋର୍ଟରେ ଭାରତ ପ୍ରସଙ୍ଗରେ ଅନେକ କଥା ଉଲ୍ଲେଖ କରିଛି । ରିପୋର୍ଟ ଅନୁସାରେ ୨୦୨୦ର କରୋନା ମହାମାରୀ କାରଣରୁ ପାଖାପାଖି ୭୫ କୋଟି ଭାରତୀୟଙ୍କୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ୨୦ କୋଟି ଲୋକ ନିଯୁକ୍ତି ହରାଇଥିଲେ । ପାଖାପାଖି ୪୦ କୋଟି ଲୋକ ସେମାନଙ୍କ ଜମା ରଖିଥିବା ଅର୍ଥକୁ କରୁଣା ସମୟରେ ଖର୍ଚ୍ଚ କରିବା ପାଇଁ ବାଧ୍ୟ ହୋଇଥିଲେ । ଠିକ୍ ସେହି ସମୟରେ ଭାରତର ଧନ କୁବେରମାନଙ୍କ ସମ୍ପତ୍ତି ୧୨୧ପ୍ରତିଶତ ବୃଦ୍ଧି ପାଇଥିଲା । ଦେଶର ୨୧ଜଣ ଧନ କୁବେରଙ୍କ ପାଖରେ ଯେତିକି ସମ୍ପତ୍ତି ରହିଛି, ତାହା ୭୦ କୋଟି ଗରିବ ଭାରତୀୟଙ୍କ ସମ୍ପତ୍ତି ସହ ସମାନ ଅଟେ । କିନ୍ତୁ ଦେଶରେ ଯେଉଁ ଟିକସ ଓ ଜିଏସ୍‌ଟି ଆଦାୟ ହେଉଛି, ତା'ର ୩ ପ୍ରତିଶତ ଏହି ଧନ କୁବେରମାନେ ଦେଇଥାଆନ୍ତି । ସାଧାରଣ ଲୋକେ ଯିଏ ଦୈନନ୍ଦିନର ଗୁଜୁରାଣ ମେଣ୍ଟାଇବାରେ ଅକ୍ଷମ, ସେମାନଙ୍କଠାରୁ ଆଦାୟ ହେଉଥିବା ଟିକସର ପରିମାଣ ୬୪ ପ୍ରତିଶତ ଅଟେ । ଏଥିରୁ ସ୍ପଷ୍ଟ ଯେ, ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ତଥ୍ୟ କେତେ ସମ୍ବେଦନଶୀଳ ।

ଗତବର୍ଷର ଅକ୍ସଫୋମ୍ ରିପୋର୍ଟ ଓ ୨୦୨୩ର ରିପୋର୍ଟକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଯେ, ପ୍ରତିବର୍ଷ ଗରିବ ଓ ଧନୀଙ୍କ ମଧ୍ୟରେ ଦୂରତା ବା ପ୍ରତିଶତ ବଢ଼ିବାରେ ଲାଗିଛି । ୨୦୨୦ରେ କରୋନା ସମୟରେ ଦେଶରେ ୧୦୨ଜଣ ଧନ କୁବେର ଥିବାବେଳେ ୨୦୨୨ ନଭେମ୍ବର ବେଳକୁ ଏମାନଙ୍କ ସଂଖ୍ୟା ୧୬୬ରେ ପହଞ୍ଚିଥିଲା । ଏହାର ସିଧାସଳଖ ଅର୍ଥ ହେଉଛି, କରୋନା ମହାମାରୀ ଧନକୁବେରମାନଙ୍କର କିଛି କ୍ଷତି କରିନାହିଁ ବରଂ ସେମାନଙ୍କୁ ଅଧିକ ଭାବେ ଆର୍ଥିକ ସ୍ତରରେ ମଜଭୁତ୍ କରିଦେଇଛି । ଅକ୍ସଫୋମ୍‌ର ରିପୋର୍ଟ କହୁଛି, ଧନ କୁବେରମାନଙ୍କର ପ୍ରତି ମିନିଟ୍‌ରେ ଅଢେଇ କୋଟି ଟଙ୍କା ଲାଭ ହୋଇଛି । ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ, ଧନ କୁବେର ଓ ଗରିବଙ୍କ ମଧ୍ୟରେ ଥିବା ଏହି ଅନ୍ତର କମିବ କେବେ ? ଏହି ଅସନ୍ତୁଳନ ଗଣିତ ପାଠ ନୁହେଁ । ଏହା ପଛରେ ଏକ ବଡ଼ ରଣନୀତି ଲୁଚି ରହିଛି । ଶକ୍ତିଶାଳୀ ଶାସକ ଏମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଇପାରୁନାହାଁନ୍ତି । କାରଣ ଅନ୍ୟ ରାସ୍ତାରେ ଏହି ଧନ କୁବେରମାନେ ରାଜନୈତିକ ଦଳମାନଙ୍କର ପୃଷ୍ଠପୋଷକତା କରୁଛନ୍ତି ।

ଆର୍ଥିକ ଅସମାନତା ବଢ଼ିବାର କାରଣ ହେଉଛି, ଅର୍ଥ ବ୍ୟବସ୍ଥାର ସ୍ୱରୂପ ପରିବର୍ତ୍ତନ । ଅନେକ ଅର୍ଥଶାସ୍ତ୍ରୀଙ୍କ ମତ ମଧ୍ୟ ଏହା । ବ୍ରିଟେନ୍‌ରେ ଅକ୍ସଫୋମ୍‌ର ମୁଖ୍ୟ ଡେନି ଶିକନ୍ଦରାଜା କହିଛନ୍ତି ଯେ, 'ଆଜିର ଆର୍ଥିକ ବ୍ୟବସ୍ଥା ଯଥାର୍ଥ ମାନବ ମୂଲ୍ୟର ଅପମାନ । ୨୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଦାରିଦ୍ର୍ୟ ଓ ଗରିବ ସଂଖ୍ୟା ଆଶତୀତ ବୃଦ୍ଧି ପାଇଛି ଏବଂ ବିଶ୍ୱର ପାଖାପାଖି ୧୦୦ କୋଟିର ଅଧିକ ଲୋକ ଏବେ ଖାଦ୍ୟାଭାବର ଶିକାର । ଅନ୍ୟପକ୍ଷରେ ପ୍ରତିଦିନ ଧନକୁବେରମାନଙ୍କର ସମ୍ପତ୍ତି ବଢ଼ିବାରେ ଲାଗିଛି । ଆମେ ଏମିତି ଏକ ବ୍ୟବସ୍ଥାକୁ କେମିତି ସ୍ୱୀକାର କରିପାରିବା ଯେଉଁ ବ୍ୟବସ୍ଥାରେ ଅନେକ ଦେଶର ଗରିବ ଲୋକମାନଙ୍କୁ ଧନୀମାନଙ୍କ ତୁଳନାରେ ଅଧିକ ଟିକସ ଦେବାକୁ ପଡ଼ିଥାଏ ।' ନବ ଉଦାରବାଦୀ ଆର୍ଥିକ ବ୍ୟବସ୍ଥା କାରଣରୁ ସୃଷ୍ଟି ହେଉଥିବା ଧନ ସବୁ ସ୍ତରର ଲୋକଙ୍କ ଅବସ୍ଥା ସୁଧାରି ପାରୁଛି ବୋଲି କୁହାଯାଉଛି । ସାରା ବିଶ୍ୱରେ ଗରିବଙ୍କ ସଂଖ୍ୟା କମୁଛି ବୋଲି ନବ ଉଦାରବାଦୀ ଅର୍ଥ ବ୍ୟବସ୍ଥା ସପକ୍ଷରେ ମତ ଦେଉଥିବା ଲୋକେ କହୁଛନ୍ତି । ବିଶ୍ୱବ୍ୟାଙ୍କ ପକ୍ଷରୁ ଗରିବର ନ୍ୟୂନ ପରିଭାଷାର ଆଧାରରେ ଟ୍ରିକିଲ୍ ଡାଉନ୍‌ର କାହାଣୀ ସବୁ କୁହାଯାଉଛି । ଉଦାରବାଦୀ ଅର୍ଥ ବ୍ୟବସ୍ଥା କାରଣରୁ ଆମେରିକାର ମଧ୍ୟବର୍ଗୀୟ ଲୋକଙ୍କ ଅବସ୍ଥା ସୁଧୁରୁଛି ବୋଲି ଉଦାହରଣ ଦିଆଯାଉଛି । କିନ୍ତୁ ପ୍ରକୃତ ତଥ୍ୟ ହେଉଛି ଅସମାନତା ପ୍ରସଙ୍ଗ ୨୦୦୮ ମସିହାରେ ଆମେରିକାରେ ଅଧିକ ଭାବେ ଚର୍ଚ୍ଚାର ବିଷୟ ପାଲଟିଥିଲା । ବିଶ୍ୱସ୍ତରରେ ଦେଖାଯାଇଥିବା ଆର୍ଥିକ ମାନ୍ଦାବସ୍ଥା କାରଣରୁ ଏ ପ୍ରସଙ୍ଗ ଜୋର୍ ଧରିଥିଲା । ଆର୍ଥିକ ମାନ୍ଦାବସ୍ଥା ଆରମ୍ଭ ହୋଇଥିଲା ଗୃହ ଋଣ କାରଣରୁ । ୨୦୦୭ ମସିହାରେ ଋଣ ସୁଝିବାର ଯୋଗ୍ୟତା ପରିକ୍ଷଣ ନ କରି ଆମେରିକାର ବ୍ୟାଙ୍କ ମାନେ ଲକ୍ଷ ଲକ୍ଷ ଲୋକଙ୍କୁ ଗୃହଋଣ ଦେଇଥିଲେ । ଅଧିକ ଲୋକ ଋଣ ସୁଝିବା ପାଇଁ ଅସମର୍ଥ ହୋଇଥିଲେ । ଏଣୁ ବ୍ୟାଙ୍କିଙ୍ଗ୍ ସେକ୍ଟର ସଙ୍କଟରେ ପଡ଼ିଯାଇଥିଲା । ସେପଟେ ଋଣ ସୁଝି ନପାରିବା ଲୋକଙ୍କ ଘର ମଧ୍ୟ ନିଲାମ ହେବାରେ ଲାଗିଲା । ଧିରେ ଧିରେ ଏହି ଘଟଣା କାରଣରୁ ଆମେରିକାରେ ଅର୍ଥ ବ୍ୟବସ୍ଥା ମାନ୍ଦା ପଡ଼ିଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକାର ଅର୍ଥ ବ୍ୟବସ୍ଥା ବିଶ୍ୱ ଅର୍ଥ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ପାଲଟିଛି । ଏଣୁ ଏହି ମାନ୍ଦାବସ୍ଥାର ପ୍ରଭାବ ଏବେବି ବିଶ୍ୱ ସମୁଦାୟ ଉପରେ ପଡ଼ିଛି । ଫ୍ରାନ୍ସର ଅର୍ଥଶାସ୍ତ୍ରୀ ଥୋମାସ୍ ପିକେଟି ୨୦୧୩ରେ 'କ୍ୟାପିଟାଲ୍ ଇନ୍ ଟ୍ୱେଣ୍ଟିଫାଷ୍ଟ ସେନ୍‌ଚୁରୀ' ପୁସ୍ତକରେ ଏ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଥିଲେ ।

ଅକ୍ସଫୋମ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, କରୋନା ସମୟରେ ସୁଧହାର କମାଇବା, ଅଧିକ ନୋଟ୍ ଛପାଯିବାର ସୁଫଳ ଧନୀଲୋକଙ୍କୁ ମିଳିଥିଲା । ଏମାନେ ବ୍ୟାଙ୍କରୁ ଋଣ ନେଇ ସେୟାର ବଜାରରେ ବିନିଯୋଗ କଲେ ଓ ଭୂସମ୍ପତ୍ତି କିଣିଲେ । ଫଳରେ ସମ୍ପତ୍ତିର ମୂଲ୍ୟ ବଢ଼ିଲା । ଏଣୁ ଏମାନଙ୍କ ପାଖକୁ ଅଧିକ ଅର୍ଥ ଆସିଲା । ଅକ୍ସଫୋମ୍ ଓ ଫ୍ରାନ୍ସର ଅର୍ଥଶାସ୍ତ୍ରୀ ପିକେଟି ଓ ଅନ୍ୟ କେତେକ ଅର୍ଥ ଶାସ୍ତ୍ରୀଙ୍କ ମତ ଅନୁସାରେ ନବ ଉଦାରବାଦୀ ଅର୍ଥ ବ୍ୟବସ୍ଥା କାରଣରୁ ଅସମାନତା ବଢୁଛି । ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ନବ ଉଦାରବାଦୀ ଅର୍ଥ ବ୍ୟବସ୍ଥାର ଔଚିତ୍ୟ କେତେ? କୌଣସି ତର୍କକୁ ଏହାକୁ ଉଚିତ୍ ବୋଲି କୁହାଯାଇପାରିବ କି ? କିନ୍ତୁ ବିଡ଼ମ୍ବନା ଯେ, ଯେଉଁ ସଂସ୍ଥାମାନେ ଏ ବାବଦରେ ରିପୋର୍ଟ ପ୍ରକାଶ କରୁଛନ୍ତି, ସେମାନେ ଏହି ନବ ଉଦାରବାଦୀ ଅର୍ଥ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଉନାହାଁନ୍ତି । ବରଂ ସେମାନେ ବୁନିଆଦି ପ୍ରଶ୍ନ ଉଠାଇବା ପରିବର୍ତ୍ତେ ଭିନ୍ନ ଭିନ୍ନ ଉପଦେଶ ଦେଉଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଏଭଳି ସ୍ଥିତି ଜାରି ରହିଛି ଯେ, ଧନୀ ଧନୀ ହେବାରେ ଲାଗିଛି ଓ ଗରିବ ଗିରିବ ହେବାରେ ଲାଗିଛି । ଏବେ ଚିନ୍ତା କରାଯିବା ଆବଶ୍ୟକ, ଯେଉଁ ଅର୍ଥ ବ୍ୟବସ୍ଥା ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, ସେଭଳି ଅର୍ଥ ବ୍ୟବସ୍ଥାର ଔଚିତ୍ୟ କ'ଣ ?


♥ ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


# ଏ ବର୍ଷ ବଜେଟରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ଅପର୍ଯ୍ୟାପ୍ତ ଟଙ୍କା, କିନ୍ତୁ ଶିକ୍ଷକ ବା ଡାକ୍ତର ନାହାନ୍ତି


ସୁବ୍ରତ କର




**ଖାଲି ବିଭାଗ ପାଇଁ ବଜେଟ ବଢ଼େଇ ଦେଲେ ଆମ ବିଶ୍ୱ ବିଦ୍ୟାଳୟଗୁଡ଼ିକ ଜାତୀୟ ସ୍ତରରେ ୧୦ ନମ୍ବର ଭିତରେ ସ୍ଥାନ ପାଇବେ ବୋଲି ଆଶା କରିବା ଠିକ୍ ନୁହେଁ । ଏହା ପାଇଁ ଭଲ ଶିକ୍ଷକ ମାନଙ୍କ ସଂଖ୍ୟା ବଢ଼ାଇବା ଶିକ୍ଷାର ମାନ ବୃଦ୍ଧି କରିବା, କଲେଜ ହେଉ ବା ବିଶ୍ୱ ବିଦ୍ୟାଳୟ ମାନଙ୍କଠାରେ ଥିବା ଚାହିଦାନୁସାରେ ଆବଶ୍ୟକ ଜିନିଷ ଯୋଗାଇବା ।**

ଏବର୍ଷ ବଜେଟରେ ବ୍ୟୟବରାଦ ଦେଖିଲେ ଖୁସି ଲାଗିବ । କାରଣ ଖର୍ଚ୍ଚ ହେଉ ବା ନ ହେଉ ପ୍ରଚୁର ଟଙ୍କାର ବ୍ୟବସ୍ଥା କରାହୋଇଛି । ଶିକ୍ଷାକ୍ଷେତ୍ରକୁ ୩୦ ହଜାର ୩୦ କୋଟି ଟଙ୍କାର ବ୍ୟବସ୍ଥା କରାହୋଇଛି ଏବଂ ଏହା ଗତବର୍ଷଠୁ ବହୁତ ବେଶି । କିନ୍ତୁ ଲାଭ କଣ? ସବୁ ସ୍କୁଲ ହେଉ ବା କଲେଜ ବା ୟୁନିଭରସିଟି ପଢ଼ାଇବା ପାଇଁ ଶିକ୍ଷକମାନଙ୍କର ଘୋର ଅଭାବ । ମୁଁ ଜାଣିବାରେ ଜଣେ ଜଣେ ବି.ଇ.ଓ ଦୁଇଟି ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ସହିତ ଦୁଇଟି ବ୍ଲକର ବି.ଇ.ଓଙ୍କ କାର୍ଯ୍ୟ ମଧ୍ୟ ତୁଲାଉଛନ୍ତି । ଏହିଭଳି ଅଧିକାଂଶ ଜାଗାରେ (ଦରକାର ପଡ଼ିଲେ ଉଦାହରଣ ଦିଆ ହୋଇପାରିବ) । ଏବେ ଆସିବା କଲେଜ ଏବଂ ବିଶ୍ୱ ବିଦ୍ୟାଳୟ ସ୍ତରକୁ । ରାଜ୍ୟର ଉଚ୍ଚଶିକ୍ଷା ବିଭାଗର ଅଧୀନରେ ଥିବା ମୋଟ ୧୫ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୨ଟି ବିଶ୍ୱବିଦ୍ୟାଳୟ ଲାଗି ୧୬୮୬ଟି ପ୍ରଫେସର ସହଯୋଗୀ ଏବଂ ସହକାରୀ ପ୍ରଫେସର ପଦ ମଞ୍ଜୁର ହୋଇଛି । ସେଥିମଧ୍ୟରୁ ୯୬୦ ପଦବୀ ଖାଲି ପଡ଼ିଛି । ନୂଆ କରି ହୋଇଥିବା ୩ଟି ବିଶ୍ୱ ବିଦାଳୟ (ଖଲ୍ଲିକୋଟ, ବିକ୍ରମଦେବ ଏବଂ ଧରଣୀଧର) ଏବେ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହି ୧୫ଟି ବିଶ୍ୱ ବିଦ୍ୟାଳୟ ମଧ୍ୟରୁ ୬ଟିରେ ଆଦୌ ପି.ଏଚ.ଡି ଡିଗ୍ରୀ ନେଇ କେହି ବାହାରି ନାହାନ୍ତି । ବାକି ୯ଟିରୁ ଉତ୍କଳରେ (୩୫୭), ବ୍ରହ୍ମପୁରରେ (୫୬୧) ଫକୀରମୋହନରେ ୪୯୭, ରେଭେନ୍ସାରେ ୫୬୧, ଗଙ୍ଗାଧର ମେହେର କଲେଜରେ ୫୪, ସମ୍ବଲପୁରରେ ୪୭୦ ଏବଂ ରମାଦେବୀରେ ୨ଜଣ । ଏବେ ଦେଖିବା ଆମ ରାଜ୍ୟର ୟୁନିଭରସିଟି ଗୁଡ଼ିକ ଜାତୀୟ ସ୍ତରରେ କେତେ ସଫଳ ହୋଇପାରିଛନ୍ତି । ଆମ ରାଜ୍ୟର ସବୁଠୁ ଗର୍ବ ଏବଂ ଗୌରବ ହେଉଛି ଉତ୍କଳ ବିଶ୍ୱ ବିଦ୍ୟାଳୟ । ଏହାର ଏମଆଇଆରଏଫ୍ ର୍ୟାଙ୍କିଂରେ ୮୮ତମ ସ୍ଥାନ ପାଇ ପାରିଛି । ଏହା ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସ୍ତରରେ ୧୫୬ତମ ସ୍ଥାନ ଅଧିକାର କରିଛି । ଏହାଠୁ ଭଲ ସ୍ଥାନରେ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ୧୫୧ ସ୍ଥାନରେ ଅଛି ୨୦୦ ବିଶ୍ୱବିଦ୍ୟାଳୟ ମଧ୍ୟରୁ । ଏହା ପରେ ଯେଉଁ ୧୨ଟି ବିଶ୍ୱ ବିଦ୍ୟାଳୟ ରହିଲେ ସେମାନେ କେହି ୨୦୦ ମଧ୍ୟରେ ସ୍ଥାନ ପାଇବା ପାଇଁ ହକଦାର ହୋଇପାରି ନାହାନ୍ତି । ଏହା ନିଶ୍ଚୟ ଆମ ରାଜ୍ୟ ପାଇଁ ଏକ ଖରାପ ଖବର ଏବଂ ରାଜ୍ୟରେ ଚଳାଉଥିବା ଶାସକ ମାନଙ୍କ ପାଇଁ ଏକ ଖରାପ ସଂକେତ । ଖାଲି ବିଭାଗ ପାଇଁ ବଜେଟ ବଢ଼େଇ ଦେଲେ ଆମ ବିଶ୍ୱ ବିଦ୍ୟାଳୟଗୁଡ଼ିକ ଜାତୀୟ ସ୍ତରରେ ୧୦ ନମ୍ବର ଭିତରେ ସ୍ଥାନ ପାଇବେ ବୋଲି ଆଶା କରିବା ଠିକ୍ ନୁହେଁ । ଏହା ପାଇଁ ଭଲ ଶିକ୍ଷକ ମାନଙ୍କ ସଂଖ୍ୟା ବଢ଼ାଇବା ଶିକ୍ଷାର ମାନ ବୃଦ୍ଧି କରିବା, କଲେଜ ହେଉ ବା ବିଶ୍ୱ ବିଦ୍ୟାଳୟମାନଙ୍କଠାରେ ଥିବା ଚାହିଦାନୁସାରେ ଆବଶ୍ୟକ ଜିନିଷ ଯୋଗାଇବା ଏବଂ ସବୁଠୁ ବଡ଼ କଥା ହେଲା ପାଠପଢ଼ା ରିସର୍ଚ୍ଚକୁ ଜାତୀୟ ସ୍ତର ଏବଂ ଆନ୍ତର୍ଜାତୀୟ ସ୍ତରକୁ ନେବାର ଆବଶ୍ୟକତା ରହିଛି । ରାଜ୍ୟର ଛାତ୍ରଛାତ୍ରୀମାନେ ଅନ୍ୟ ରାଜ୍ୟଠୁ କେଉଁ ଗୁଣରେ କମ ନୁହଁନ୍ତି କିନ୍ତୁ ଦରକାର ହେଉଛି ସରକାରଙ୍କ, ଶିକ୍ଷା ବିଭାଗ ପ୍ରତି ଥିବା ଦୃଷ୍ଟିକୋଣକୁ ବଦଳାଇବା ।




## ବଦଳି ଯାଉଛି ମୋ ଗାଁଆ


ଚନ୍ଦ୍ର ମୋହନ ମେହେର




ଦୂରେ ଦୂରେ ଖୋଜେ
ଯେତେ ଦୂରେ ଖୋଜେ
ନାହିଁ ଦୂରେ କାହିଁ ନାଁ ଟି
ସମୟ ସାଥେ ପାଦ ଥାପି ଆଜି
ବଦଳି ଯାଉଛି ମୋ ଗାଁ ଟି
ହେଉ ନାହିଁ ଆଉ କ୍ରିକେଟ ଖେଳ
ହଜି ଗଲା ନଟୁ ବାଟି
ମୋବାଇଲ ରେ ମାତନ୍ତି ସମସ୍ତେ
ବହିରେ ପଢୁଛି ଶିଙ୍କୁଲି
ଦେଖିବାକୁ ଆଉ ମିଳୁନାହିଁ
ସେହି ଅତୀତର ସାଙ୍ଗ ସାଥୀ
ସମସ୍ତେ ସୋସିଆଲ ମିଡିଆରେ ,
ଚାଟିଙ୍ଗ ରେ ଯାଉଛନ୍ତି ମାତି
ଦେଖିବାକୁ ମିଳୁ ନାହିଁ ସେହି
ଅତୀତର ହଳ ଓ ଲଙ୍ଗଳ ଚାଷୀ
ଟ୍ରାକ୍ଟର ସାହାଯ୍ୟ ରେ ସମସ୍ତେ କରନ୍ତି
କ୍ଷେତି
ଧିରେ ଧିରେ ମୋ ଗାଁ ଟି ବଦଳି
ଯାଉଛି ।

## ଭାବୁକେ ବିଚାରି ଦେଖ


ଗଦାଧର ନାଏକ


ଫଳ ହୋଇ ଥାଉ ଯେତେ ସୁନ୍ଦର
ହୋଇଥାଉ ଯେତେ ବଡ଼
କିଛି ଅଂଶ ଯଦି ନଷ୍ଟ ହୋଇଯାଏ
ପିଙ୍ଗା ହୁଏ ରାସ୍ତା କଡ଼ !

ଦୁର୍ଘଟଣା କ୍ରମେ ନଷ୍ଟ ହୁଏ ଯଦି
ଶରୀରର ଗୋଟେ ଅଙ୍ଗ
ସାରା ଶରୀରଟା ସାମର୍ଥ୍ୟ ହରାଏ
ହୋଇ ଯାଏ ବିକଳାଙ୍ଗ !

ଯୁଗ୍ମ ପରିବାରୁ ଜଣକର ଯଦି
ହୁଏ ଅକାଳ ବିୟୋଗ
ସାରା ପରିବାର ଶୋକ ସନ୍ତାପରେ
ମଣନ୍ତି ସତେ ଦୁର୍ଭାଗ୍ୟ !

ଗୋଟେ ରାଇଜର ଜିଲ୍ଲାଟିଏ ଯଦି
ହୋଇଯାଏ ଧ୍ୱଂସ ସ୍ତୁପ
ସାରା ରାଇଜଟା କ୍ଷତିଗ୍ରସ୍ତ ହୁଏ
ରାଜ୍ୟବାସୀ ଆତଙ୍କିତ !

ଗୋଟିଏ ଦେଶର ରାଇଜଟେ ଯଦି
ହୋଇଯାଏ ଛାରଖାର
ସମଗ୍ର ଦେଶଟି କ୍ଷତିଗ୍ରସ୍ତ ହୁଏ
ସଜାଡ଼ିବା କଷ୍ଟକର !

ରୁଷ ହେଉ ବା ୟୁକ୍ରେନ ଯଦି
ବିଶ୍ୱଯୁଦ୍ଧ ହୁଏ ଧ୍ୱଂସ
କି କ୍ଷତି ନୋହିବ ସାରା ପୃଥିବୀରେ
ଭାବୁକେ ବିଚାରି ଦେଖ !

ଯୁଦ୍ଧ କି କେବେ ଶାନ୍ତି ସମାଧାନ
ଯୁଦ୍ଧ କି ଗଢେ ବିଶ୍ୱ
ଯୁଦ୍ଧରେ ଖାଲି ଧ୍ୱଂସ ହିଁ ଧ୍ୱଂସ
ଜୀବ ଜଗତ ସର୍ବସ୍ୱ !

ବେଳ ଥାଉ ବିଶ୍ୱ ସଂହତି ରଖ ହେ
ରାଷ୍ଟ୍ର ନାୟକ ଗଣ
ଅଯଥା ଯୁଦ୍ଧରେ ସୁନ୍ଦର ପୃଥିବୀ
ହୋଇ ଯିବଟି ନିର୍ଶ୍ଚିହ୍ନ !


♥ ବାଲିପଟା
ଛେଣ୍ଡିପଦା, ଅନୁଗୋଳ


## ଭୋଜି


ଦୀପକ କୁମାର ମିଶ୍ର




ବାସ୍ନାର ମାହୋଲ୍
ଚକାଚକ୍ ମହୋଲ୍ଲ
ମହମହ ଅତରର ପାଦଶବ୍ଦ
ଧୀରେ ଧୀରେ ଚାଲେ ଓଢ଼ଣୀ
ଛନ୍ଦି ହୋଇଯାଏ ଶାଢ଼ି
ଖଇର ମାଖିଚି ଚୁଟି
ପାନଖିଲେ ଜାକିଚି ସଜନୀ
ନେପଥ୍ୟରେ ଅଇଁଠାର ମହାଯୁଦ୍ଧ
ଥରି ଉଠେ ଭୋକିଲାର ଛାତି ।
ଚଖାଚଖିରେ ଉଦରପୂର୍ତ୍ତି
ନଖିନାନୀର ବିସୂଚିକା ରୋଗ
ଭଗିଆର ଉଡ଼ିଯାଏ
ଥାଳି ପରେ ଥାଳି
ଥକା ମାରିଲାଣି ପୁନେଇଁ ଜହ୍ନ
ଚାଲେ ଜାବିତାରେ ମୂଲ୍ୟ କଷାକଷି ।

ଖଲି ଚଉପତି ଖାଲି ପରଷାର ପିଠି
ଅବସୋସେ ଭିଜେ ତାଙ୍କ
ରସନାର ଅଭିଳାଷ
ଜିଭ ଯାଏ ଶୁଖି
ଏଇ ତ ସରି ଆସିଲାଣି ଭୋଜି ।ଃ


♥ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ନାହିଁରେ ସେ ଭାଗ୍ୟ ମୋର


ସୁହଂସ ଭୋଇ




ନାହିଁରେ ସେ ଭାଗ୍ୟ ମୋର
ଶୋଇବାକୁ ସୁଖେ ଶେଜ ଉପର
ଅଳିଆ ଗଦା ମୋ ଘର
ତୁ କାହିଁ ଜଗିବୁ ଦ୍ୱାର
ତତେ ଜଗିଛନ୍ତି ଦୁଇ ଚାକର
ମତେ ଦୂରୁ ମାର ମାର
ନାହିଁରେ ସେ ଭାଗ୍ୟ ମୋର ।


ମାଲିକାଣି ଝିଅ ଗେଲ କରି କେତେ
ଗାଲେ ଚୁମା ଦିଏ ତୋର
ଉଷୁମ କୋଳରେ ଶୋଇଗଲେ
ଥରେ
ଛାଡି ଯାଉଥିବ ଜର
ନାହିଁରେ ସେ ଭାଗ୍ୟ ମୋର ।

କୁକୁଡ଼ା ମାଉଁସ ସକାଳ ପହରେ
ରାତିରେ ପିଉଛୁ କ୍ଷୀର
ବାସି ତୋରାଣିବି ମିଳୁନାହିଁ ମତେ
ପିଉଛି ନର୍ଦ୍ଦମା ନୀର
ନାହିଁରେ ସେ ଭାଗ୍ୟ ମୋର ।

ଯେଣେ ଗଲେ ତେଣେ ସାଙ୍ଗରେ
ନେଉଛି
ବୁଦ୍ଧିଆ ମାଲିକ ତୋର
ମୁଁ ବୁଲୁ ଅଛି ଏଣେ ତେଣେ ଯେଣେ
ନାହିଁତ କେହି ମୋହର
ତୁ କୁକୁର କୁ ମୁଁ ତ କୁକୁର
କାହିଁକି ଏତେ ପାତର
ନାହିଁରେ ସେ ଭାଗ୍ୟ ମୋର ।


♥ ପହଣ୍ଡି ବରଗଡ଼

# ଏସନ ଶ୍ରାବଣେ



**ନିରଞ୍ଜନ ସାହୁ**

ସେଦିନ ଅଚାନକ ସଙ୍ଗୀତା ଦେବୀଙ୍କ ସହିତ ନିହାର ବାବୁଙ୍କର ଭେଟ ହୋଇଗଲା କପିଳାସ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ପୀଠରେ । ଶ୍ରାବଣ ମାସର ପବିତ୍ର ସୋମବାର । କାଉଡ଼ିଆ ଭକ୍ତମାନଙ୍କ ସମାଗମରେ ନାହିଁ ନ ଥିବା ଭିଡ଼ । ଓଁ ନମଃ ଶିବାୟ, ହରହର ମହାଦେବ, ବୋଲବମ ହରହର ବମ ଇତ୍ୟାଦି ଧ୍ୱନିରେ ପ୍ରକମ୍ପିତ ହେଉଛି ଚତୁର୍ଦ୍ଦିଗ । କପିଳାସ ପର୍ବତ ସତେକି କୈଳାସ ପର୍ବତର ଭ୍ରମ ସୃଷ୍ଟି କରୁଅଛି । ଶୈବମାନଙ୍କ ସମାଗମରେ ଭୋଳାନାଥ ଶିବ ବୋଧହୁଏ ଢ଼େର ପ୍ରସନ୍ନ ଅଛନ୍ତି ବୋଲି ଜଣାପଡୁଛି ଯେମିତି ।

ନଚେତ ପ୍ରାୟ କୋଡିଏ ବର୍ଷ ପରେ ନିହାର ବାବୁଙ୍କ ସହିତ ସଙ୍ଗୀତା ଦେବୀଙ୍କର ଆକସ୍ମିକ ଭେଟ ହୋଇଥାନ୍ତା କିପରି ? ଇଏ ଏକ ସଂଯୋଗ ନୁହେଁ ତ ? ନିହାର ବାବୁ ପ୍ରତିବର୍ଷ କାଉଡ଼ିଆ ସାଜି ଜଳଭାର ନେଇ କପିଳାସ ଚନ୍ଦ୍ରଶେଖର ମହାଦେବଙ୍କଠାରେ ଜଳ ଲାଗି କରନ୍ତି । ଏହା ଅନ୍ୟମାନଙ୍କ ପରି ବାରବର୍ଷ ପାଇଁ ନୁହେଁ କି କୌଣସି ମାନସିକ ପୂରଣ ପାଇଁ ନୁହେଁ । କଲେଜ ଜୀବନରୁ ଅଦ୍ୟାବଧି ନିୟମିତ ସେ କପିଳାସରେ ହିଁ ମହାଦେବଙ୍କ ଠାରେ ଜଳ ଲାଗି କରି ଆସୁଛନ୍ତି । ମାତ୍ର ଏବର୍ଷ ସାମାନ୍ୟ ବ୍ୟତିକ୍ରମ ହୋଇଛି ତାଙ୍କର । ସଡ଼କ ଦୁର୍ଘଟଣାରେ ଗୋଟିଏ ଗୋଡ଼ରେ ଆଘାତ ଲାଗି ଆଣ୍ଠୁ ପାଖରୁ ଭାଙ୍ଗିଯାଇ ବ୍ୟାଣ୍ଡେଜ ହୋଇଥିବାରୁ ସେ ଚଲାବୁଲା କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡିଛନ୍ତି । ମାତ୍ର ଶିବଙ୍କ ଜଳାଭିଷେକ କରିବାର ବିଧିକୁ ସେ ଭଗ୍ନ କରିପାରି ନାହାନ୍ତି । ଏକ ହୁଇଲ ଚେୟାର ଉପରେ ବସି ସେ ଅନ୍ୟ ସାଥୀମାନଙ୍କ ସହଯୋଗରେ ଉଠିଛନ୍ତି କପିଳାସ । ମନରେ ଦୃଢ଼ ଆତ୍ମବିଶ୍ୱାସ ତାଙ୍କୁ ଏ କ୍ଷେତ୍ରରେ ଢ଼େର ସହଯୋଗ ଯୋଗାଇଛି ନିଶ୍ଚୟ । ଶେଷରେ ବାରବାଙ୍କ ସଡ଼କ ଦେଇ ସେ ପହଞ୍ଚିଛନ୍ତି କପିଳାସ ଚନ୍ଦ୍ରଶେଖର ମହାଦେବଙ୍କ ବିଜେ ସ୍ଥଳୀରେ । ଆଉ ଜଳାଭିଷେକ କରି ସାରିବା ପରେ ବେଢା ବାହାରେ ହୁଇଲ ଚେୟାର ଉପରେ ବସି ଟିକେ ବିଶ୍ରାମ କରୁଛନ୍ତି ।

ଶ୍ରାବଣ ସୋମବାରର ପ୍ରବଳ ଭିଡ ହେତୁ ଜନଗହଳି ଭିତରେ ଯେଉଁ ପ୍ରଚଣ୍ଡ କୋଳାହଳ ଶୁଭୁଥିଲା ତାହା ମଧ୍ୟରେ ଏକ ଫୋନ କଲ ରିସିଭ କରି କଥା ହେଉଥିଲେ ନିହାର ବାବୁ । ଅଚାନକ ଇତସ୍ତତଃ ବୁଲିବା ଅବକାଶରେ ସଙ୍ଗୀତା ଦେବୀଙ୍କର ଭେଟ ହୋଇଯାଇଥିଲା ନିହାର ବାବୁଙ୍କ ସହିତ । ଆକସ୍ମିକ ଭେଟ ଭିତରେ ସଙ୍ଗୀତା ଦେବୀ ଆଉ ଆଗକୁ ନ ଯାଇପାରି ଟିକେ ଅଟକି ଯାଇ ପ୍ରଶ୍ନ କରିଥିଲେ , ' ଗୋଡ଼ କ'ଣ ହୋଇଛି ? ଏମିତି କ'ଣ ବ୍ୟାଣ୍ଡେଜ ହୋଇଛି ? ପୁଣି କ'ଣ ତୁମେ ହୁଇଲ ଚେୟାରରେ ବସିଛ ? ' ଯଦିଓ ନିହାର ବାବୁ ଅନ୍ୟ ଏକ ଫୋନ କଲରେ ବ୍ୟସ୍ତ ଥିଲେ ତଥାପି ହଠାତ ସଙ୍ଗୀତା ଦେବୀଙ୍କ ଆବିର୍ଭାବରେ ବିସ୍ମୟ ପ୍ରକାଶ କରିବା ସହିତ କହିଥିଲେ, ଟିକିଏ ରୁହ । ମୁଁ ସବୁକଥା କହୁଛି ।'

ମାତ୍ର ସଙ୍ଗୀତା ଦେବୀ ସେଠାରେ ଗୋଟିଏ ମୁହୂର୍ତ୍ତ ଛିଡା ହେବାକୁ ଉଚିତ ଉଚିତ ମଣି ନ ଥିଲେ । କାଳେ କିଏ ଦେଖିନେବ ଭାବି ସେ ସ୍ଥାନ ତୁରନ୍ତ ବଦଳାଇ ଦେଇ ଖଣ୍ଡେ ଦୂରରେ ଛିଡା ହୋଇ ନିହାର ବାବୁଙ୍କୁ ନିରୀକ୍ଷଣ କରୁଥିଲେ । ସଙ୍ଗୀତା ଦେବୀ ଯଦିଓ ନିଜର ଅନ୍ୟ ସମ୍ପର୍କୀୟମାନଙ୍କ ସହ ବିଭିନ୍ନ କାମରେ ବ୍ୟସ୍ତ ରହୁଥିଲେ ତଥାପି ନିହାର ବାବୁଙ୍କ ପ୍ରତି ସର୍ବଦା ଦୃଷ୍ଟି ନିକ୍ଷେପ କରି ନିହାର ବାବୁଙ୍କ ଗତିବିଧି ନିରୀକ୍ଷଣ କରୁଥିଲେ ।

ଆଉ ନିହାର ବାବୁ ସଙ୍ଗୀତା ଦେବୀଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କରୁଥିଲେ ମଧ୍ୟ ଆଗ ଭଳି ସଙ୍ଗୀତା ଦେବୀ ନିହାର ବାବୁଙ୍କ ହୃଦୟରେ ସେମିତି କିଛି ଭାବ ସଞ୍ଚାର କରି ସମ୍ମୋହନରେ ବାନ୍ଧି ପାରୁନଥିଲେ । ଆଦ୍ୟ ଯୌବନ ସମୟରେ ଯେଉଁ ପ୍ରେମ ଦିନେ ଉଭୟଙ୍କୁ ଖୁବ ନିକଟତର କରି ଆପଣାର କରିଥିଲା ଆଜି ସେ ପ୍ରେମ ଯେମିତି ପାଣିଚିଆ ହୋଇଯାଇଥିଲା । କାହିଁକି କେଜାଣି ନିହାର ବାବୁଙ୍କ ଆତ୍ମାକୁ ସ୍ପର୍ଶ କରିପାରୁ ନଥିଲେ ସଙ୍ଗୀତା ଦେବୀ ।

ନିହାର ବାବୁ ସଙ୍ଗୀତା ଦେବୀଙ୍କୁ ଦେଖୁଥିଲେ ଦୂରରୁ । ସଙ୍ଗୀତା ଦେବୀ ଖୁବ ଦିଶୁଥିଲେ ପୂର୍ବ ଅପେକ୍ଷା । ସେଦିନର ପ୍ରେମିକା ସଙ୍ଗୀତା ଦେବୀ ଆଜି ଆଉ କାହାର ସ୍ତ୍ରୀ ହୋଇସାରିବା ପରେ ନିଜ ସଂସାର ଜଞ୍ଜାଳରେ ବୁଡି ରହି ଦିନେ ବି ମନେ ପକାଇନଥିଲେ ନିହାର ବାବୁଙ୍କୁ । ନିହାର ବାବୁଙ୍କ ଭଲମନ୍ଦ ବୁଝିବାକୁ ତାଙ୍କ ପାଖରେ ହୁଏତ ସମୟ ନ ଥିବ କିମ୍ବା ସେ ଜାଣିଜାଣି ନିଜ ମନକୁ ବୁଝାଇ ଦେଇ ଭୁଲାଇ ଦେଇଥିବେ ନିଜର ଆତ୍ମାକୁ । ଅଥଚ ଦିନେ ଏଇ ସଙ୍ଗୀତା ଦେବୀଙ୍କ ପାଇଁ କେତେ ନିନ୍ଦା, ଗାଳି, ଅପମାନ, ଅପବାଦ ସହି ନାହାଁନ୍ତି ନିହାର ବାବୁ ? କେତେ ପ୍ରତିଶ୍ରୁତି ସେତେବେଳେ ବାଢ଼ି ଦେଇ ନ ଥିଲେ ସଙ୍ଗୀତା ଦେବୀ ? କେତେ ରଙ୍ଗୀନସ୍ୱପ୍ନ ଦେଖାଇ ନ ଥିଲେ ନିହାର ବାବୁଙ୍କୁ ? ନିହାର ବାବୁଙ୍କ ଅନିଚ୍ଛା ସତ୍ତ୍ୱେ ନିଜ ନାରୀ ଜୀବନର ସର୍ବସ୍ୱକୁ ମଧ୍ୟ ଅନେକବାର ଅକୁଣ୍ଠିତ ଚିତ୍ତରେ ସମର୍ପଣ କରି ଦେଇଥିଲେ ସଙ୍ଗୀତା ଦେବୀ । ଅଥଚ ନିହାର ବାବୁଙ୍କଠାରୁ ସମ୍ଭ୍ରାନ୍ତ ପରିବାର , ଉଚ୍ଚ ପଦସ୍ଥ ଅଧିକାରୀ ସ୍ୱାମୀ ପାଇବା ପାଇଁ ଅକ୍ଲେଶରେ ନିହାର ବାବୁଙ୍କୁ ପ୍ରତାରଣା କରି ଚାଲି ଯାଇଥିଲେ ଅମରେଶ ବାବୁଙ୍କ ହାତ ଧରି ।

ନିହାର ବାବୁ ନିଜ ଭିତରେ ଫେରୁଥିଲେ ଅତୀତକୁ । ଅତୀତର ସ୍ମୃତି ଚାରଣ ଭିତରେ ଭାବୁଥିଲେ ଅନେକ କିଛି । ହୁଏତ ସଙ୍ଗୀତା ଦେବୀ ମଧ୍ୟ ଠିକ ପଛକଥା ଗୁଡ଼ିକ ଭାବୁଥାଇ ପାରନ୍ତି । ମାତ୍ର ନିଜର ମନୋଭାବକୁ ଅପ୍ରକାଶ୍ୟ ରଖିବାରେ ସେ ଉଦ୍ୟମ ଜାହିର ରଖିଥାଇ ପାରନ୍ତି । ତା ଛଡା ତାଙ୍କର ଆଉ କେଉଁ ମୁହଁ ଅଛି ଯେ ସେ ନିହାର ବାବୁଙ୍କ ସହିତ ସାମ୍ନାସାମ୍ନି ହେବେ ? ଉଭୟେ ଏବେ ନିଜ ନିଜ ସଂସାର ଜଞ୍ଜାଳ ଭିତରେ ବ୍ୟସ୍ତ । କାହା କଥା ଭାବିବାକୁ କାହାରିକୁ ବା ସମୟ କାହିଁ ?

ନିହାର ବାବୁ ବସିଥିଲେ ଚୁପଚାପ । ଦୂରରେ ସଙ୍ଗୀତା ଦେବୀଙ୍କ ସହିତ ଆସିଥିବା ଲୋକମାନେ ଗ୍ୟାସଚୁଲାରେ ରୋଷେଇ କରିବାରେ ନିମଗ୍ନ ଥିଲେ । ରୋଷେଇ କରିବା ଭିତରେ ସଙ୍ଗୀତା ଦେବୀଙ୍କ ମନରେ ବୋଧହୁଏ ସେ ପୁରୁଣା ପ୍ରେମ ମାଟିରୁ ଟିକେ ଗଜା କାଢି ମୁଣ୍ଡ ଟେକିବାକୁ ଆରମ୍ଭ କରିଥିଲା । ଗୋଟିଏ ପିଲା ହାତରେ କିଛି ଖାଦ୍ୟ ପଲିଥିନରେ ପ୍ୟାକ କରି ପଠାଇ ଦେଇଥିଲେ ନିହାର ବାବୁଙ୍କ ପାଇଁ । ହୁଏତ ସେ ପିଲାକୁ କହିଥାଇପାରନ୍ତି , 'ଏ ଖାଦ୍ୟ ପୁଡ଼ିଆଟା ନେଇଯାଅ । ସେ ହୁଇଲ ଚେୟାର ଉପରେ ବସିଥିବା ସେ ଅକର୍ମଣ୍ୟ ଲୋକଟାକୁ ଦେଇ ଆସିବ । ବିଚରା ଖୁବ ଭୋକିଲା ଭୋକିଲା ଦେଖା ଯାଉଛି । 'ନିହାର ବାବୁ ସେ ପିଲା ହାତରେ ଖାଦ୍ୟ ପୁଡ଼ିଆ ଦେଖି ପଚାରିଲେ, 'କିଏ ଦେଇଛନ୍ତି ? 'ପିଲାଟି କହିଲା, 'ଖୁଡୀ ଦେଇଛନ୍ତି ।' ପିଲାଟି ହାତ ଠାରି ଦେଖାଇ ଦେଲା ସେହି ଦିଗକୁ ଯେଉଁଠାରେ ସଙ୍ଗୀତା ଦେବୀ ଏକ ଲୟରେ ନିହାର ବାବୁଙ୍କୁ ଅନାଇ ଥିଲେ । ବୋଧହୁଏ ସଙ୍ଗୀତା ଦେବୀ ଭାବିଥିଲେ ନିହାର ବାବୁ ଏ ଖାଦ୍ୟ ଗ୍ରହଣ କରି ତାଙ୍କୁ କୃତାର୍ଥ କରିବେ ।

ମାତ୍ର ନିହାର ବାବୁ ଅତି ବିନୟ ପୂର୍ବକ କହିଲେ, ' ଆମର ରୋଷେଇ ଚାଲିଛି । ମୁଁ ଖାଇନେବି । ତାଛଡା ଅପରିଚିତ ଲୋକଙ୍କ ହାତରୁ ଖାଦ୍ୟ ଗ୍ରହଣ କରିବା ଠିକ ନୁହେଁ । ତୁମେ ଖାଦ୍ୟ ଫେରସ୍ତ କରି ନିଅ ।'

......... ନିହାର ବାବୁ ନିଜର ସାଥୀମାନଙ୍କ ସହ କପିଳାସ ପୀଠରୁ ବାରବାଙ୍କ ରାସ୍ତାରେ ତଳକୁ ଓହ୍ଲାଇବା ବେଳେ ସଙ୍ଗୀତା ଦେବୀଙ୍କ ପ୍ରତି ସାମାନ୍ୟ ଦୃଷ୍ଟି ନିକ୍ଷେପ ପୂର୍ବକ ସ୍ମିତ ହସଟିଏ ହସି ନିଜର ଗନ୍ତବ୍ୟ ଦିଗକୁ ମୁହଁ ବୁଲାଇ ଦେଇଥିଲେ ।ଆଉଥରେ ପଛକୁ ଫେରି ଚାହିଁବାର ବାହାନା ବି କରି ନ ଥିଲେ ସେ ।

ଏହାର ଏକ ସପ୍ତାହ ପରେ ଏକ ଅଳସ ଅପରାହ୍ଣରେ ଖବରକାଗଜର ପୃଷ୍ଠା ଓଲଟାଇବା ବେଳେ ହଠାତ ମୋବାଇଲ ବାଜି ଉଠିଲା । ଫୋନ କରିଥିଲେ କଲେଜ ବେଳର ସାଥି ମହେଶ ବାବୁ । କଥା ହେଉହେଉ ମହେଶ ବାବୁ କହିଲେ , 'ଆଚ୍ଛା , ତୋର କପିଳାସରେ ସଙ୍ଗୀତା ଦେବୀଙ୍କ ସହ ଭେଟ ହୋଇଥିଲା କି ?' ନିହାର ବାବୁ ହଁ ଭରିଲେ । ମହେଶ ବାବୁ କହିଲେ, 'ସେ ପଚାରୁ ଥିଲେ ନିହାର ବାବୁଙ୍କ ଗୋଡ଼ କେମିତି ଭାଙ୍ଗିଲା ? ସେ କ'ଣ ହୁଇଲ ଚେୟାରରେ ବସି ଜଳାଭିଷେକ କରିବାକୁ କପିଳାସ ଯାଇଥିଲେ ? ଏସନ ନ ଯାଇଥିଲେ କ'ଣ ଚଳି ନଥାନ୍ତା ? 'ନିହାର ବାବୁଙ୍କର ଇଚ୍ଛା ହେଉଥିଲା କହି ଦେବାକୁ ଯେ ମୁଁ ଆର ଜନ୍ମରେ ସଙ୍ଗୀତା ଦେବୀଙ୍କୁ ପାଇବାକୁ ଆଶା ରଖିଛି ତ ! ସେଥିପାଇଁ ଜଳାଭିଷେକ କରିବାକୁ ଯାଇଥିଲି । ମାତ୍ର ମହେଶ ବାବୁ ଖରାପ ଭାବିବେ ଭାବି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ , 'କାହିଁ , ତୁମକୁ ସେ ଫୋନ କରି ଏତେକଥା ପଚାରି ବୁଝୁଛନ୍ତି । ମାତ୍ର କପିଳାସରେ ମୋ ସହିତ ପାଞ୍ଚଦଶ ମିନିଟ କଥା ହୋଇ ସବୁକିଛି ତ ବୁଝିପାରି ଥାଆନ୍ତେ ? ମୋ ସହିତ ଭେଟ କରି ମୋ ପାଖରୁ ଦୂରେଇ ଯାଇ ତୁମକୁ ଫୋନ କରି ମୋ କଥା ବୁଝିବାର ମାନେଟା କ'ଣ ହୋଇପାରେ ? ତା ମାନେ ଏବେ ବି କ'ଣ ସଙ୍ଗୀତା ଦେବୀ ମୋତେ ..........?'

ଦୁଇ ବନ୍ଧୁଙ୍କ ଫୋନରେ ଆଳାପ ସରିଯାଇଥିଲା । ନିହାର ବାବୁଙ୍କ ଭାବନା ଭିତରକୁ ଧସେଇ ପଶି ଆସିଥିଲେ ସଙ୍ଗୀତା ଦେବୀ । ନିହାର ବାବୁଙ୍କର ସ୍ପଷ୍ଟ ମନେପଡୁଥିଲା ଦିନେ ଏଇ ଶ୍ରାବଣ ମାସରେ କଲେଜ ଜୀବନରେ ନୂଆ ନୂଆ ପାଦ ଦେଉଦେଉ ସେମାନଙ୍କର ପରିଚୟ ଓ ପ୍ରେମ ଆରମ୍ଭ ହୋଇଥିଲା । ଆଉ ଆଜି ଅନେକ ବର୍ଷ ପରେ ସେହି ଶ୍ରାବଣ ଅପ୍ରତ୍ୟାଶିତ ଭାବରେ ସେମାନଙ୍କର ପୁନଃ ସାକ୍ଷାତ କରାଇ ଦେଇଥିଲା ।

ହଠାତ ପତ୍ନୀ ଅରୁନ୍ଧତୀ ଦେବୀ ଚା କପ ନେଇ ପହଞ୍ଚି ଯାଇ ଗେହ୍ଲେଇ ହୋଇ ପଚାରିଲେ ,' କାହା ଭାବନାରେ ପଡି ଯାଇଛ କି ? ' ନିଜ ମନର କଥାକୁ ଗୋପନ ରଖି ନିହାର ବାବୁ କହିଲେ ,' ନାଇଁ ମ ! ଗପଟିଏ ଲେଖିବି ତ ! କେଉଁଠୁ ଆରମ୍ଭ କରିବି ଭାବୁଛ । ' ଅରୁନ୍ଧତୀ ଦେବୀ ହସିଦେଇ କହିଲେ ,' ଗପର ଆରମ୍ଭ ଯେଉଁଠୁ ହେଉ ନା କାହିଁକି ମୋର ବିଶ୍ୱାସ କାହାଣୀରେ ନିଶ୍ଚୟ ବିରହ ବେଦନା ଭରପୁର ରହିଛି । କାହିଁକିନା ବର୍ଷା ପରା ବିଚ୍ଛେଦର ଋତୁ । ଆଉ ତୁମ ମୁଖମଣ୍ଡଳରେ ସେପରି ବିଚ୍ଛେଦ ଭାବନା ଥମଥମ ହୋଇ ମୋତେ ଜଳଜଳ କରି ଦେଖାଯାଉଛି । ମୁଁ ଠିକ କହିଲି ତ ?'

ନିହାର ବାବୁ ଟିକେ ହସିଦେଲେ ଏ କଥାରେ ସମ୍ମତି ଜଣାଇ । ଅରୁନ୍ଧତୀ ଦେବୀ ମୁହଁ ମୋଡ଼ିଦେଇ ଫେରି ଅସୁଆସୁ କହୁଥିଲେ, ' ତୁମେ ବିରହ ଲେଖ କି ବିଚ୍ଛେଦ ଲେଖ ମୋର ଆପତ୍ତି ନାହିଁ । ମାତ୍ର ମୋ ପାଖରୁ ଦୂରେଇ ଯିବନି ଯେମିତି ? ବୁଝିଲ ତ ........?'

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

ଦୁଇଟି ଅଣୁଗଳ୍ପ

# ଭୁଲା ମନ

**ଆଦ୍ୟାଶା ମହାପାତ୍ର**

॥ ୧ ॥

ତିନି ଦିନ ପରେ ଟୁରରୁ ଘରକୁ ଫେରିଲି । ବୋଉ କେମିତି ଅଲଗା ଅଲଗା ଦିଶୁଥିଲା । କ'ଣ ପାଇଁ ମନଦୁଃଖ ବୋଲି ବୋଉକୁ ପଚାରିଲି ତ, କେବଳ ମୁରୁକି ହସି 'କାଇଁ କିଛି ନାହିଁ' କହି ମୋତେ ଭୁଲାଇବାକୁ ଚେଷ୍ଟା କଲା । ବୋଉ ପାଟିରେ ପାନ ନାହିଁ ବୋଲି ଜାଣିପାରିଲି । ବୋଉ ପାଟିରେ ପାନ ନଥିଲେ ସେ ରାଗିଛି କିମ୍ବା ମନଦୁଃଖ କରିଛି ବୋଲି ପିଲାବେଳୁ ଆମେ ଭାଇ ଭଉଣୀ ମାନେ ଜାଣୁ । ପାନପତ୍ର ନାହିଁ ବୋଲି ତା ପାନ ଚାଙ୍ଗୁଡି ଯାଇ ଦେଖିଲି । ମନେ ପଡିଲା ରୀନା ତା ଭାଇ ବାହାଘରକୁ ଯିବା ଦିନ ମୋତେ ବୋଉ ପାଇଁ ପାନପତ୍ର ଆଣିବାକୁ କହିଥିଲା ।

- ମୁଁ ଜାଣେ ପରା ତୁମର ଭୁଲା ମନ । ସେଇଥିପାଇଁ ତ ବୋଉ ତୁମ ପାଖରେ ନରହି ତୁମ ଭାଇ ଭାଉଜଙ୍କ ପାଖରେ ରହନ୍ତି ।

ସେମାନେ ବୋଉଙ୍କ କଥା ଠିକ୍ ବୁଝନ୍ତି । ବୋଉଙ୍କ ପାନ ସରଞ୍ଜାମ ସବୁ ଗୋଛେଇ ରଖନ୍ତି । ବୋଉଙ୍କ 'ପାଗଳା' ଡାକକୁ ତୁମେ ସାର୍ଥକ କରିଛ.. । ମୋ ଠାରୁ ସବୁ କଥା ଶୁଣି ହସି ହସି ଟିପ୍ପଣୀ ଦେଲେ ପତ୍ନୀ ।

ମନେ ପଡିଲା ମୋର ବାପାଙ୍କ କଥା । ନିଜେ କେବେ ପାନ ନଖାଇଲେ ବି ବୋଉର ପାନ ଡବାକୁ ସଜେଇ ରଖିବାରେ ହେଳା କରନ୍ତି ନାହିଁ ବାପା । ବିଭିନ୍ନ ପ୍ରକାରର ମସଲା ଡବା ସହ ପାନପତ୍ର ଭରା ଥାଏ ପାନ ଡାଲାରେ ।

ଟିକିଏ ପରେ ବୋଉ ପାଟିରେ ପାନ ଖିଲ ଖଣ୍ଡେ ଜାଗା ନେଲା ତ, ମା ମଙ୍ଗଳାଙ୍କ ହସ ହସ ମୁହଁ ନେଇ ବୋଉ ମୋର ଦିଶୁଥିଲା ଅପରୂପା...!!!

॥ ୨ ॥

-'ଶାଗ ଆଣିବାକୁ ଭୁଲିଗଲ କି' ବିକ୍ରମ ଘରକୁ ଆସୁ ଆସୁ ପଚାରିଦେଲା ମିତା ।

-'ଏବେ ପଚାରି ଦେଉଛ । ଆଗରୁ ଫୋନ୍ କରି ମନେ ପକେଇ ଦେଲନି ? ମଣିଷ କେତେ କୁଆଡୁ ମନେ ରଖିବ ! ଏମିତି ତ ଏବେ ବ୍ୟାଙ୍କ୍‌ରେ ଦୁନିଆ ଟେନସନ୍ ।' ରୁକ୍ଷ ସ୍ୱରରେ କହିଲେ ବିକ୍ରମ ।

-'ଆରେ ନଆଣିଛ ତ ନ ଆଣିଛ । ଘରେ ଯାହା ଅଛି ମୁଁ ଚଳେଇ ଦେବି । ତୁମେ ବ୍ୟସ୍ତ ହୁଅ ନାହିଁ ।' ଅଳ୍ପ ହସି କହିଲା ସିପ୍ରା ।

ହେଲେ ବ୍ୟାଙ୍କ ବାହାରିବା ଆଗରୁ ତମତମ୍ ହୋଇ ବିକ୍ରମ ଆଉଥରେ ବାହାରିଗଲେ ମାର୍କେଟ । ଫେରିଲେ ଶାଗ ତିନି ବିଡା ନେଇ । ଡେରି ହୋଇଯିବ ଜାଣି ସିପ୍ରା ପ୍ରସ୍ତୁତ ଥିଲା । ଯଥାଶୀଘ୍ର ବିକ୍ରମକୁ ପରଶିଦେଲା ବ୍ରେକଫାଷ୍ଟ ।

ମଧ୍ୟାହ୍ନ ବିରତି ବେଳକୁ ଆସି ଖାଇ ବସିବା ବେଳକୁ ଶାଗ ଆଇଟମ ନାହିଁ ବୋଲି ଦେଖିଲେ ବିକ୍ରମ । କାରଣ ଜାଣିବା ଉଦ୍ଦେଶ୍ୟରେ ଏମିତି ପଚାରି ଦେଲେ ସିପ୍ରାକୁ ।

-'କଥା କ'ଣ କି, ଘରେ ରସୁଣ ନଥିଲା । ମୁଁ ତୁମକୁ ଆଜି ଭୁଲି ଯାଇଥିଲି କହିବାକୁ । କାଲି ସକାଳକୁ ଆଉଥରେ ମନେ ପକେଇ ଦେବି ।' ମୁହଁ ଶୁଖେଇ କହିଲା ସିପ୍ରା ।

ରସୁଣ ନାହିଁ ବୋଲି ଦୁଇ ଦିନ ହେଲା ସିପ୍ରା କହି ଆସିଲାଣି ବୋଲି ଖାଇବା ଭିତରେ ବିକ୍ରମଙ୍କର ମନେ ପଡିଲା ।


-'ସରି ସିପ୍ରା, ରସୁଣ କଥା ମୁଁ ଏକଦମ୍ ଭୁଲି ଯାଇଛି । କାଲି ଆଉ ଥରେ ପ୍ଲିଜ ମୋତେ ମନେ ପକେଇଦବ ହେଲା ।' ଖାଇସାରି ଉଠିଲା ବେଳକୁ ହସି କହିଲେ ବିକ୍ରମ ।

+ନୂଆପଡା, କଟକ
ମୋ: ୯୪୩୮୧୭୫୫୪୨



# ସବୁ ବଦଳି ଗଲା !

**ଶଶିକାନ୍ତ ମେହେର**



ତାର କଣ ଭୁଲ୍ ଯେ ? ଭୁଲ୍ ପରା ମୋର । ଆଉ ଏଠି ତ ଜାଣ କେବେକାର କେଉଁ ଗୋଟିଏ ଛୋଟ ଭୁଲ୍ ଭୁଲେଇ ଦିଏ ଅନେକ ଆମର କରିଥିବା ଭଲ କାମ । ହଁ ହେଇଥାଇ ପାରେ ମୋର ଭୁଲ୍ । ହେଲେ ଏବେ ମୁଁ ମୋ ଭୁଲ୍ କେଉଁଟା ମୁଁ ଜାଣିପାରିନି । କେବଳ ତା ଖୁସି ପାଇଁ ହିଁ ଆପଣାଇ ନିଏ ସବୁଯାକ ମୋ ଭୁଲ୍ ।

ଲୋକେ ସମୟ ବଦଳେ କହନ୍ତି । ହେଲେ ସେକଥା କେତେ ସତ ସେଟା ଜାଣିନି କିନ୍ତୁ ଏବେ ଦେଖିଲି ଲୋକଙ୍କର ବଦଳିବା ଚେହେରା । ଯେବେ ସେ ବଦଳିଗଲା, ସେ ମୋ ଆଗରେ ରହିଲା ଏକ ଅଚିହ୍ନା ପରି ।

ମୋ ମନ ଦିନେ ଯାହାର ସବୁ ଭଲ ମନ୍ଦ ଦୁଃଖ ସୁଖ ବୁଝୁଥିଲା ସେ ମନ ତାକୁ କେମିତି ଭୁଲିବ ଏତେ ସହଜରେ ? ହେଲେ ଯେତିକି ମନେ ପଡ଼ିଲେ ବି ସହି ରହିଯାଏ ଏବେ । ଅନେକ ଥର ତା' ନମ୍ବରକୁ ହାତ ଗଲାଣି ହେଲେ ଫେରିଆସେ ତୁରନ୍ତ । ଅନେକ ଥର ତା ନମ୍ବରରେ ମେସେଜ୍ କରିବାକୁ ଇଚ୍ଛା ହେଲେ ପୁଣି ଫେରିଆସେ ପଛଘୁଂଚା ଦେଇ । କାରଣ ତା କଥା ମନେ ପଡେ ସବୁବେଳେ ଯେଉଁ କହିଥିଲା ; 'ତୁ ମୋ ସହ କଥା ହେବୁନି' । ବାସ୍ ସେଥିପାଇଁ ପୁଣି ଭାବେ, ମୋ କଥା ନହେବାରୁ ସେ ଖୁସି ଅଛି ହେଲେ ପୁଣି ମୁଁ କାହିଁକି ତାକୁ ଡିଷ୍ଟର୍ବ କରିବି ।

ଏବେ ବି ଅନେକ ଥର ଦୁହେଁ ଥାଉ । ହେଲେ ଠିକ୍ ସେମିତି କରେ ଯେମିତି ମୋତେ ସେ ଜାଣିନି । ଆଗେ ମୋତେ ଦେଖି ଯେ ବାହାରି ଆସୁଥିଲା ହେଲେ ଆଜି ସେ ମୋତେ ଦେଖି ଲୁଚି ଯାଏ । ହଁ ସେ ଲୁଚି ପାରେ ହେଲେ ସେ ଜାଣିନି ସେ ଯେଉଁଠି ଗଲେବି ସେ ସବୁବେଳେ ମୋ ହୃଦୟ ଭିତରେ ।

ଏବେ ଅନେକ ଥର ଦର୍ଶନ ମିଳେ କେବଳ ତା ଫଟୋକୁ । ତାକୁ ଆଉ ସମ୍ମୁଖରୁ ତା ଆଖିରେ ଆଖି ମିଳାଇବା ଯୁଗ ନାହିଁ । ଏବେ ଏଇ କର୍ଣ୍ଣ ଶୁଣେ ତା ମିଠା ସ୍ୱର କେବଳ ତା ସହ ସ୍ମୃତି ଆକାରେ ଥିବା ପୁରୁଣା କେତେ ଭିଡିଓରୁ । ସତେ ସବୁ ବଦଳି ଗଲା । ଏହାର ଆଭାସ ହେଲାନି । ନିମିଷକରେ ପାଲଟି ଗଲା ମନ୍ଦିର ସ୍ମଶାନ, ଚିହ୍ନା ପାଲଟି ଗଲା ଅଚିହ୍ନା, ଫୁଲ ଫଳରେ ପରିପୂର୍ଣ୍ଣ ଥିବା ଗଛ ଆଜି ସବୁ ଶୂନ୍ୟ ।ଏଇ କିଛି ଦିନ ପୂର୍ବେ ଯେବେ ତାର କେଇ ପାଦ ଦୂରେ ଥାଇ ଶୁଣୁ ଥାଏ ତା କେଇ ପଦ କଥା । ଲାଗୁଥାଏ ବୋଧେ ତା ଦେହ ଭଲ ନାହିଁ । ତାକୁ ବୋଧେ ଥଣ୍ଡା ଜ୍ୱର ନା କାଶ ହେଉଛି ! ପଚାରିବାକୁ ଚାହୁଁଥାଏ ଅନେକ । ହେଲେ ପୁଣି ମନେ ପଡେ ତା' କହିଥିବା କଥା, ତୁ ମୋ ସହ କଥା ହେବୁନି । ବାସ୍ ତା ପରେ , ଏପଟେ ମୁଁ ନିଜ ହୃଦୟ ରେ ଚାପିରଖେ ସବୁ ଭାବନା । ପ୍ରାଥନା କରୁଥାଏ ସେ ଭଲ ହେଇଯାଉ । ଶୁଣିଥିଲି ଦରଦୀ ମନିଷର ଡାକ ଭଗବାନ ଶୁଣନ୍ତି ? ତାହେଲେ ସେ ନିଶ୍ଚୟ ଭଲ ହେଇଯାଇଥିବ.....।

+ଜମଲା , ପଦ୍ମପୁର, ବରଗଡ଼

# ଦେଶରେ ଅସୁରକ୍ଷିତ ମହାବଳ: ୫୦ ଦିନରେ ୩୦ ମଲେଣି



ଭୁବନେଶ୍ୱର, ୨୬/୦୨ (ନି.ପ୍ର): ୫୦ ଦିନରେ ୩୦ ମହାବଳ ବାଘଙ୍କ ମୃତ୍ୟୁ ହୋଇଛି। ଅବିଶ୍ୱସନୀୟ ଲାଗୁଥିଲେ ମଧ ଦେଶରେ ଏଭଳି ଘଟିଛି। ୨୦୨୩ ଜାନୁଆରି ପହିଲାରୁ ଫେବ୍ରୁଆରି ୧୯ ମଧ୍ୟରେ ଏତେ ସଂଖ୍ୟକ ମହାବଳଙ୍କର ମୃତ୍ୟୁ ହୋଇଥିବା କେନ୍ଦ୍ର ସରକାରଙ୍କ ଅଧୀନ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତୃପକ୍ଷ(ଏନ୍‌ଟିସିଏ) ତଥ୍ୟରୁ ଜଣାପଡ଼ିଛି। ମାତ୍ର ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ସୋସାଇଟି ଅଫ୍ ଇଣ୍ଡିଆ(ଡବ୍ଲୁପିଏସ୍‌ଆଇ)ର ତଥ୍ୟ ଅଲଗା କହୁଛି। ୫୪ ଦିନରେ ୩୬ଟି ମହାବଳ ଓ ୯୯ଟି କଲରାପତରିଆଙ୍କର ମୃତ୍ୟୁ ହୋଇସାରିଛି। ଯଦି ଏହି ହାରରେ ବାଘ ମୃତ୍ୟୁ ଜାରି ରହେ; ତେବେ ବର୍ଷ ଶେଷ ବେଳକୁ ଦେଶରେ ମହାବଳଙ୍କ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇବ। ସରକାରୀ ଭାବେ ବାଘଙ୍କ ମୃତ୍ୟୁ ସଂଖ୍ୟା ନେଇ ଯେଉଁ ତଥ୍ୟ ଦିଆଯାଉଛି, ବେସରକାରୀ ଭାବେ ଏହା ଢେର ଅଧିକ। ଗୋଟିଏ ପଟେ ୨୦୧୮ ବାଘ ଗଣନା ରିପୋର୍ଟ ଆଧାରରେ ସଂଖ୍ୟା ବୃଦ୍ଧି ପାଇଥିବା ନେଇ କେନ୍ଦ୍ର ସରକାର ଆତ୍ମସନ୍ତୋଷ ଲାଭ କରୁଥିବା ବେଳେ ଅନ୍ୟପଟେ ୫ବର୍ଷ ମଧ୍ୟରେ ୫୦୦ରୁ ଅଧିକ ବାଘଙ୍କ ମୃତ୍ୟୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ଏନ୍ ?ଟିସିଏ ପକ୍ଷରୁ ଆହୁରି କୁହାଯାଇଛି ଯେ ୨୦୧୨ରେ ଦେଶରେ ୮୮ଟି ମହାବଳ ବାଘଙ୍କର ମୃତ୍ୟୁ ହୋଇଥିବା ବେଳେ ଧୀରେ ଧୀରେ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୧୩ରେ ୬୮, ୨୦୧୪ରେ ୭୯, ୨୦୧୫ରେ ୮୨, ୨୦୧୬ରେ ୧୨୧, ୨୦୧୭ରେ ୧୧୬, ୨୦୧୮ରେ ୧୦୨, ୨୦୧୯ରେ ୯୫, ୨୦୨୦ରେ ୧୦୬, ୨୦୨୧ରେ ୧୨୭, ୨୦୨୨ରେ ୧୨୧ଟି ବାଘଙ୍କର ମୃତ୍ୟୁ ହୋଇଛି। ଅର୍ଥାତ ୨୦୧୨ରୁ ୨୦୨୨ ମଧ୍ୟରେ ଦେଶରେ ୧୧୦୫ଟି ବାଘଙ୍କର ମୃତ୍ୟୁ ହୋଇଛି। ୨୦୧୮ରୁ ଏପର୍ଯ୍ୟନ୍ତ ୫୮୧ ମହାବଳଙ୍କ ମୃତ୍ୟୁ ହୋଇଛି। ନିୟମ ଅନୁଯାୟୀ, ପ୍ରତି ୪ବର୍ଷରେ ବ୍ୟାଘ୍ର ଗଣନା ହେବା କଥା। ମାତ୍ର ଠିକ୍ ଭାବେ ଗଣନା ହେଉ ନ ଥିବାରୁ ବାଘଙ୍କ ସ୍ଥିତି ସମ୍ପର୍କରେ କୌଣସି ତଥ୍ୟ ସାମ୍ନାକୁ ଆସିପାରୁ ନାହିଁ। ୨୦୦୬ରେ ଦେଶରେ ୧୪୧୧ ଥିବା ବେଳେ ୨୦୧୦ରେ ୧୭୦୬, ୨୦୧୪ରେ ୨୨୨୬ ଓ ୨୦୧୮ ଗଣନା ବେଳେ ୨୯୬୭ଟି ମହାବଳ ଥିଲେ। ଏବେ କେତେ ମହାବଳ ଅଛନ୍ତି ? ୫ବର୍ଷ ମଧ୍ୟରେ ବଢ଼ିଛନ୍ତି କି କମିଛନ୍ତି ? ସେନେଇ କାହା ପାଖରେ ଖବର ନାହିଁ।

୨୦୧୮ ଗଣନାରେ ଓଡ଼ିଶାରେ ହାରାହାରି ୨୮ଟି ବାଘ ଥିଲେ। ଶିମିଳିପାଳରେ ସର୍ବାଧିକ ବାଘ ନଜରକୁ ଆସିଥିଲେ। ସାତକୋଶିଆ ସମେତ ଅନ୍ୟାନ୍ୟ ଜଙ୍ଗଲରେ ବାଘ ଦେଖାଯାଇଥିଲେ। ଇତିମଧ୍ୟରେ ସରକରୀ ଭାବେ ଦୁଇଟି ବାଘଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ମାତ୍ର ଯେଉଁ ପରିମାଣର ବାଘ ଛାଲ ଜବତ ହେଉଛି ସଂଖ୍ୟା ବହୁତ ଅଧିକ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଠିକ୍ ସମୟରେ ବାଘମାନଙ୍କ ଗଣନା କରାଯାଉ ନଥିବାରୁ ଚିତ୍ର ସ୍ପଷ୍ଟ ହେଉନାହିଁ। ଇତିମଧ୍ୟରେ ଦେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ଦେଖାଦେବା ଶୁଭ ସଙ୍କେତ ବୋଲି କୁହାଯାଉଛି। ଯେଉଁଥିପାଇଁ ଦେବ୍ରିଗଡ଼ ଅଭୟାରଣ୍ୟ ଏବେ ବ୍ୟାଘ୍ର ଅଭୟାରଣ୍ୟ ମାନ୍ୟତା ପାଇବା ଦିଗରେ ଅଗ୍ରସର ହୋଇଛି।

ଏନ୍ ?ଟିସିଏ ତଥ୍ୟ ଅନୁଯାୟୀ ଅନୁଯାୟୀ ୨୦୨୩ରେ ଏ ପର୍ଯ୍ୟନ୍ତ ମରିଥିବା ଶହେ ବାଘଙ୍କ ମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୯ଟି ମହାବଳ ରହିଛନ୍ତି। ମହାରାଷ୍ଟ୍ରରେ ୭, କର୍ଣ୍ଣାଟକ ଓ ରାଜସ୍ଥାନରେ ୩ଟି ଲେଖାଏ ବାଘର ମୃତ୍ୟୁ ହୋଇଥିବା ବେଳେ ଉତ୍ତରାଖଣ୍ଡ, କେରଳ, ଆସାମ, ତାମିଲନାଡୁ, ଉତ୍ତର ପ୍ରଦେଶରେ ବି ବାଘଙ୍କର ମୃତ୍ୟୁ ହୋଇଛି। ତେବେ ଅଧାରୁ ଅଧିକ ଅର୍ଥାତ ୧୬ଟି ବାଘ ଅଭୟାରଣ୍ୟ ବାହାରେ ପ୍ରାଣ ହରାଇଛନ୍ତି। ଆଶ୍ୱସ୍ତିକର ବିଷୟ ହେଉଛି ଯେ ଏପର୍ଯ୍ୟନ୍ତ ଓଡ଼ିଶାରେ ମହାବଳ ମୃତ୍ୟୁ ନେଇ ରିପୋର୍ଟ ହୋଇନାହିଁ। ଯେତେବେଳେ କି ୨୦୨୨ରେ ଓଡ଼ିଶାରେ ଦୁଇଟି ମହାବଳଙ୍କ ଜୀବନ ଯାଇଥିଲା। ତେବେ ଓଡ଼ିଶାରୁ ମହାବଳଙ୍କ ସଂଖ୍ୟା କମୁଥିବାରୁ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଏବେ କଲରାପତିରିଆଙ୍କ ଉପରେ ପଡ଼ିଛି। ୨୦୨୨ରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପାଖାପାଖି ୩୦ଟି ବାଘ ଛାଲ ଜବତ ହୋଇଛି।

# ମୌଳିକ ସୁବିଧାରୁ ବଂଚିତ କପାତୁଟି ପଂଚାୟତର ୫ ଗ୍ରାମର ବାସିନ୍ଦା

ମାଲକାନଗିରି, ୨୬/୦୨ (ନି.ପ୍ର): ଆଜିବି ଅପହଂଚ ଜରୁରୀ ମୌଳିକ ସୁବିଧା। ଓଡିଶା ମାନଚିତ୍ରରେ ରହିଛି ସତ, କିନ୍ତୁ ଓଡ଼ିଶାର ସରକାର ବା ପ୍ରଶାସନର ଦୃଷ୍ଟି ପଡି ପାରୁନି। ଏପରି ଅନେକ ଗ୍ରାମ ରହିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ କପାତୁଟି ପଂଚାୟତରେ। କାଲିମେଳା ବ୍ଲକ ସୀମାକୁ ଲାଗିରହିଥିବା ମାରିଗୁଡା, ଭାଲୁଗୁଡା, କୋଡିପାନ୍ତରୁ, ପେଦାଲେଙ୍କା ଏବଂ ତିଆଲମାମୁଡି । ବିକାଶ ଠାରୁ ବହୁ ଦୂରରେ ଏହି ଗ୍ରାମ ଗୁଡ଼ିକ। ଏପରିକି ଅତି ଜରୁରୀ ମୌଳିକ ସୁବିଧା ଗୁଡ଼ିକ ଆଜି ବି ଅପହଂଚ। ସ୍ୱାଧୀନତାର ସାତ ଦଶନ୍ଧି ବିତିଯାଇଥିଲେ ମଧ ଏହି ୫ଟି ଗ୍ରାମରେ ଆଜି ବି ପକ୍କା ରାସ୍ତାଟିଏ ନାହିଁ। ଲୋକେ ନାଳ, ଆବଡା ଖାବଡା ପାଦଚଲା ରାସ୍ତାରେ ଆଜି ବି ଚାଲୁଛନ୍ତି। ଏହି ଗ୍ରାମଗୁଡିକରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଜି ବି ଅପହଂଚ ହୋଇ ରହିଛି। ପ୍ରାୟ ଅଭିଶପ୍ତ ଜୀବନ କାଟନ୍ତି ଏହି ପାଂଚଟି ଗ୍ରାମବାସୀ ମାନେ। ବିଜୁଳି ଆସିଛି ସତ କିନ୍ତୁଥରେ ଚାଲିଗଲେ ଅନେକ ଦିନ ଯାଏଁ ଆସେ ନାହିଁ। ଲୋକେ ଭଗବାନଙ୍କ ଭରସାରେ ରହିଛନ୍ତି। ଆଶା ଦିଦି କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ପାଦ କେବେ ମଧ ଏହି ଗ୍ରାମଗୁଡିକରେ ପଡି ନାହିଁ। ସ୍ୱାସ୍ଥ୍ୟ ସେବା ଅପହଂଚ। ପ୍ରତିବର୍ଷ ଅଜଣା ରୋଗରେ ବହୁ ଗ୍ରାମବାସୀଙ୍କ ଅକାଳରେ ଜୀବନ ଚାଲିଯାଉଛି। ଯାହାର ହିସାବ ପ୍ରଶାସନ ନିକଟରେ ନାହିଁ। ପ୍ରକୃତି ଉପରେ ଭରଷା କରି ଏମାନେ ଚଳି ଆସୁଛନ୍ତି। ସ୍ୱାସ୍ଥ୍ୟ ଖରାପ ହେଲେ ଗୁଣିଆ ଭରସା ଛଡା ଅନ୍ୟ ବାଟ ନାହିଁ। ପେଦାଲେଙ୍କା ଗ୍ରାମର ସୀତାରାମ ଖରା ପିଲା ଦିନରୁ ଏକ ଅଜଣା ରୋଗ ଯୋଗୁ ସେ ମୁକ, ବଧିର ଓ ତା ହାତ ନିଷ୍କ୍ରିୟ। ପରିବାର ଲୋକ ମେଡିକାଲ ନେବାରେ ଦାରିଦ୍ର୍ୟ ସାଜିଛି ବାଧକ। ଏହି ପିଲାଟିର ଭରଣ ପୋଷଣ ନିମନ୍ତେ ଭିନ୍ନକ୍ଷମ ଭତା ପାଇଁ ଦାବୀ କରିଛନ୍ତି ପରିବାର ଲୋକେ। ପେଦା ଲେଙ୍କା ଗ୍ରାମବାସୀ ସୋନୁ ପାଙ୍ଗୀ ଓ ରାଜୁ ଖରାଙ୍କ କହିବା ଅନୁଯାୟୀ, କୌଣସି ସରକାରୀ ବାବୁଙ୍କ ପାଦ ମଧ ଏହି ୫ଟି ଗ୍ରାମରେ ପଡି ନାହିଁ। ଗ୍ରାମବାସୀ ପାଖ ଚୁଆରୁ ପାଣି ସଂଗ୍ରହ କରି ସେହି ପାଣିକୁ ପିଇବା ସହ ନିଜର ସମସ୍ତ ଦୈନନ୍ଦିନ କାର୍ଯ୍ୟ କରୁଛନ୍ତି। ଏହି ଗ୍ରାମଗୁଡିକରେ ସ୍କୁଲ ନଥିବାରୁ ପିଲାମାନେ ପ୍ରାୟ ୭ କିଲୋମିଟର ଦୂର ଅନ୍ୟ ଗାଁରେ ଥିବା ସ୍କୁଲକୁ ଯିବାକୁ ପଡୁଛି। ତେଣୁ ଏହି ଅଂଚଳରେ ସମସ୍ତେ ଏକ ପ୍ରକାର ନିରକ୍ଷର। ପିଲା ମାନେ ସ୍କୁଲ ନଯାଇ ଘର କାମରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳେ। ତେବେ ସରକାରଙ୍କ ତରଫରୁ କୌଣସି ସୁବିଧା ପାଉନଥିବାରୁ ଏମାନେ ବାଧ ହୋଇ ଆନ୍ଧ୍ର ଉପରେ ଭରସା କରିଛନ୍ତି।ଏପରିକି କିଛି ଲୋକ ଓଡିଶା ଛାଡି ଆନ୍ଧ୍ରକୁ ମଧ ଚାଲିଗଲେଣି। ବେଳ ଥାଉଣୁ ଏହି ଗ୍ରାମଗୁଡିକକୁ ସରକାରୀ ସୁବିଧା ନପହଂଚେ ତେବେ ଏମାନେ ଆଗାମୀ ଦିନରେ ଆନ୍ଧ୍ରରେ ମିଶିଯିବାର ସମ୍ଭାବନାକୁ ମଧ ଏଡାଇ ଦିଆଯାଇନପାରେ।

## ଜିଲ୍ଲାସ୍ତରିୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗିର, ୨୬/୦୨ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମ ସ୍ଥିତ ହାଓ୍ୱା ଗାର୍ଡେନ ଖେଳ ପଡିଆରେ ଜିଲ୍ଲା ସ୍ତରିୟ ଖେଳ ପ୍ରତିଯୋଗିତା ନେହେରୁ ଯୁବକେନ୍ଦ୍ର ସହାୟତାରେ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ଆନୁକୁଲ୍ୟରେ ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନାଗରିକ କମିଟି ସଭାପତି ଇଂ. ବେଲାରସେନ ଭୋଇ, ସମ୍ମାନିତ ଅତିଥି ରୂପେ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଘାସିରାମ ବେହେରା, ନିଳାଦ୍ରି ବିହାରୀ ମିଶ୍ର, ପ୍ରମୋଦ କର୍ମୀ, ନେହେରୁ ଯୁବକେନ୍ଦ୍ର ଯୁବ କୋଡିନେଟର ନରସିଂହା କୁମାର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଆଜିର ଫୁଟବଲ ଫାଇନାଲ ଖେଳରେ ବାରପୁଡୁଗିଆକୁ ହରାଇ ସକମା ୧-୦ ଗୋଲରେ ବିଜୟୀ ହୋଇଥିଲା । ଲମ୍ଫଡିଆଁରେ ଗଗନ ବିଶ୍ୱାଲ, ଉଚ୍ଚଡିଆଁରେ ମନୋଜ ନାଗ, ୧୦୦ ମି. ଦୌଡରେ ଜିତୁ ଭୋଇ, ୨୦୦ ମି. ରେ ଆଶିଷ ପଟେଲ ଦୌଡ ଖେଳ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ରେଫରି ପୁରୁଷୋତମ ବୁଢେ, ପ୍ରଦୀପ, ମଂଟୁ, ପିଙ୍କୁ ନାଗ ଖେଳ ପରିଚାଳାନା କରିଥିଲେ ।

# ସୁଭଦ୍ରା ମହତାବ ମହାବିଦ୍ୟାଳୟ ୩୫ ତମ ବାର୍ଷିକ ଉତ୍ସବ ଓ ଡିଜିଟାଲ ଲାଇବ୍ରେରୀ ଉଦ୍‌ଘାଟିତ

ସାଲେପୁର, ୨୬/୦୨ (ନି.ପ୍ର): ଜ୍ଞାନ ଆରୋହଣ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଖୁସୀ ପାଇବା ସହ ଶୀର୍ଷ ସ୍ଥାନରେ ପହଂଚି ପାରିଥାଏ ବୋଲି ଆଜି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଂଚାୟତସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କଟକ ସାଂସଦ ଶ୍ରୀଯୁକ୍ତ ଭର୍ତୃହରି ମହତାବ ମତପୋଷଣ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୀଲ୍ଲିପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସାଂସଦ ଶ୍ରୀଯୁକ୍ତ ମହତାବ ଯୋଗଦେଇ କହିଲେ ମହାଭାରତ ଉପାଖ୍ୟାନରେ କର୍ଣ୍ଣ ଏବଂ ଅର୍ଜୁନଙ୍କ ଉଦାହରଣ ଦେଇ ଆଜିର ପିଲାମାନେ ଭଲ ମଣିଷଟିଏ ହେବା ପାଇଁ ସାଧନା ହିଁ ଶ୍ରେଷ୍ଠ ସ୍ଥାନକୁ ପହଂଚାଇ ପାରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଚେଷ୍ଟା ଦ୍ୱାରା ଅସମ୍ଭବକୁ ସମ୍ଭବ କରିଥାଇ ପାରେ। ସମ୍ମାନୀତ ଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସୁଭଦ୍ରା ମହତାବ ମହାବିଦ୍ୟାଳୟର ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟା କରିଆସୁଥିବା ସହ ଅଂଚଳର ଉନ୍ନତି ପାଇଁ ହାଣ୍ଡିଭଙ୍ଗାଠାରେ ଉନ୍ନତମାନର ସ୍ୱାସ୍ଥ୍ୟକେନ୍ଦ୍ର, ଆଦର୍ଶ ବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟ ତଥା ଲୁଣା ନଦୀରେ ଏକ ନୂତନ ସେତୁ ନିର୍ମାଣ କରାଯିବା ପାଇଁ ଯୋଜନା କରାଯାଉଛି ବୋଲି ମତ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଡିଜିଟାଲ ଲାଇବ୍ରେରୀ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ପାଇଁ ୧୦ ଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ପରିଚାଳନା କମିଟି ସଭାପତି ରମାନାଥ ସାହୁ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ରୋଜି ସେଠୀ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସରପଂଚ ଗୌତମୀ ଦାସ, ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ପୂର୍ବତନ ଅଧ୍ୟକ୍ଷ ଗିରିଶ ରଂଜନ ମହାପାତ୍ର, ରମାକାନ୍ତ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ଅନନ୍ତ ଦାସ, ବ୍ରଜମୋହନ ପଣ୍ଡା, ଯୋଗଦେଇଥିଲା ବେଳେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ସହଯୋଗ କରିଥିଲେ । ଦୀର୍ଘ ଦିନ ପରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତିଙ୍କୁ ଛାଡି କଟକ ସାଂସଦ ଭର୍ତୃହରି ମହତାବଙ୍କୁ କୋଳେଇ ନେବା ଆଗାମୀ ୨୦୨୪ସାଧାରଣ ନର୍ବାଚନରେ କେଉଁ ମୋଡ ନେବ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି ।

# ନିଶ୍ଚିନ୍ତକୋଇଲି ବ୍ଲକରେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ

ସାଲେପୁର, ୨୬/୦୨ (ନି.ପ୍ର): ଦିବ୍ୟାଙ୍ଗ ମାନଙ୍କୁ ସମୟସ୍ରୋତରେ ସାମିଲ କରିବା ପାଇଁ ସରକାର ସଦାସର୍ବଦା ଚେଷ୍ଟା କରିଆସୁଛନ୍ତି । ରାଜ୍ୟ ସରକାରଙ୍କୁ ସ୍ୱାଗତ କରି ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଆଜି ନିଜସ୍ୱ ପାଣ୍ଠିରୁ ପ୍ରଦାନ କରିଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଡାକବଙ୍ଗଳାଠାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୫ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସ୍ୱୟଂ ଚାଳିତ ଟ୍ରାଇ ମୋଟର ସାଇକେଲ ପ୍ରଦାନ କରିଛନ୍ତି । ଏହି ସ୍ୱୟଂ ଚାଳିତ ଗାଡି ପାଇବା ପରେ ଦିବ୍ୟାଙ୍ଗମାନେ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ ଓଝା, ରମାକାନ୍ତ ମହାନ୍ତି, ପୂର୍ବତନ ଅଧକ୍ଷ ଗିରିଶ ରଂଜନ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢେ, ପ୍ରମୋଦ ସ୍ୱାଇଁ, ଅଜିତ୍ ଦାସ, ଅନନ୍ତ କିଶୋର ଦାସ, ଲଳିତେନ୍ଦୁ ବିଶୋଇ, ଦିବାକର ସାହୁ, ଜ୍ଞାନରଂଜନ ରାଉତ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ହିଂମାଶୁ ଶେଖର ମହାନ୍ତି, ବିବେକାନନ୍ଦ ଆଚାର୍ଯ୍ୟଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ବିସ୍ମୟ ବାଳକ ପ୍ରିୟାଂଶୁ




ଭୁବନେଶ୍ୱର , ୨୬/୦୨ (ନି.ପ୍ର): ମାତ୍ର ୨ ବର୍ଷ ୪ ମାସରେ ଅବିଶ୍ୱସନୀୟ ସ୍ମରଣଶକ୍ତି ଓ ବୌଦ୍ଧିକ ବିକାଶର ଅଧିକାରୀ ହୋଇ ବିସ୍ମୟ ବାଳକ ପ୍ରିୟାଂଶୁ ବେହେରା ଏବେ ଚର୍ଚ୍ଚାରେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ-୨୦୨୨ରେ ସ୍ଥାନ ପାଇଛନ୍ତି ଏହି ଭୁବନେଶ୍ୱର କୁନି ପ୍ରତିଭା। ୨୦୨୦ ସେପ୍ଟେମ୍ବର ୧୦ ତାରିଖରେ ଜନ୍ମିତ ପ୍ରିୟାଂଶୁଙ୍କ ପ୍ରୟାସକୁ ମଧ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ଦିଆଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏତେ ସ୍ୱଳ୍ପ ବୟସରେ ପ୍ରିୟାଂଶୁ ସମସ୍ତ ଇଂରାଜୀ ଅକ୍ଷରକୁ ଶବ୍ଦରେ ଚିହ୍ନଟ କରିବା ସହ ୮ଟି ପୂଜନୀୟ ସ୍ଥାନ, ମାନବ ଶରୀରର ୧୭ଟି ଅଙ୍ଗ, ଦେଶର ୧୧ଟି ପର୍ବ, ୬୮ ପଶୁ, ୨୫ ପକ୍ଷୀ, ୮ ହେଲପ୍‌ର, ୨୩ ଫଳ, ୨୭ ପରିବା, ୨୨ ଯାନବାହାନ, ୨୩ ଫୁଲ, ୧୪ ମହାନ ନେତାଙ୍କ ନାମକୁ କହିଥିଲେ। ୮ଟି ଶବ୍ଦର ବିପରୀତ ଅର୍ଥ ମନେ ପକାଇବା ସହିତ ୧୬ଟି ଜାତୀୟ ପ୍ରତୀକ, ୫ଟି ରାଇମ୍ ଗାଇବା, ୨୮ ଭାରତୀୟ ରାଜ୍ୟର ନାମ, ୬ ଋତୁ ସହିତ ୪ ମନ୍ତ୍ର ମୁଖସ୍ତ କରିଥିବାରୁ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ୨୦୨୩ ଜାନୁଆରି ୧୯ ତାରିଖରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ମୋତେ ମେଲ୍ ଜରିଆରେ ଏହା ଏକ ରେକର୍ଡ ବୋଲି ସ୍ପଷ୍ଟ କରାଯାଇଥିବା ତାଙ୍କ ପିତା ପ୍ରଦୀପ କୁମାର ବେହେରା ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଏରୋଡ୍ରମ୍ ଅଞ୍ଚଳ ଅଧିବାସୀ ପ୍ରଦୀପ-ଶ୍ରଦ୍ଧାଞ୍ଜଳିଙ୍କ ପୁଅ ପ୍ରିୟାଂଶୁ ତାଙ୍କ ମାଉସୀ ଝିଅ ଉଉଣୀଙ୍କ ଅନୁରୂପ ରେକର୍ଡ ଦ୍ୱାରା ଅନୁପ୍ରାଣିତ ହୋଇ ଏଭଳି ସଫଳତା ପାଇଥିବା ପ୍ରଦୀପ କହିଛନ୍ତି।

# ମଠକରଗୋଳା ମହାବିଦ୍ୟାଳୟର ୩୬ ତମ ବାର୍ଷିକୋତ୍ସବ

ଭୁବନ, ୨୬/୦୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟର ୩୬ ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଅଧକ୍ଷ ଚିତ ରଂଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆମ୍ଭେମାନେ ରାତିରେ ଯେଉଁ ସ୍ୱପ୍ନ ଦେଖୁଛେ ତାହା ସ୍ୱପ୍ନ ନୁହେଁ , ତାହା କଳ୍ପନା, ଦିନରେ ଯାହା ଚିନ୍ତା କରିଥାଉ ତାହାକୁ ରାତିରେ ଆମେ ସ୍ୱପ୍ନ ଦେଖୁ । ଯେଉଁ ସ୍ୱପ୍ନ ଶୋଇବାକୁ ଦେଇନଥାଏ, ତାହାହିଁ ବାସ୍ତବରେ ସ୍ୱପ୍ନ । ତୁମେମାନେ ଭବିଷ୍ୟତରେ ଯାହା ହେବାକୁ ସଂକଳ୍ପ ନେଇଛ ,ଆଉ ସେଥିପାଇଁ ନିଷ୍ଠା , ଏକାଗ୍ରତାର ସହ କାର୍ଯ୍ୟ କରିବା ଉଚିତ, ତାହେଲେ ତୁମର ଆଉ ତୁମ ପିତା ମାତାଙ୍କ ସ୍ୱପ୍ନ ସାର୍ଥକ ହେବ ବୋଲି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମାର୍ଗଦର୍ଶନ କରିଥିଲେ । ମୁଖ୍ୟ ବକ୍ତା ଭାବେ ସାଂସଦ ମହେଶ ସାହୁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ସାହୁ, ମଠକରଗୋଳା ସରପଂଚ ଅଜୟ କୁମାର ନାୟକ, ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ , ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ କୁମାର ଜେନା ପ୍ରମୁଖ ମଂଚାସୀନ ଥିଲେ । ପ୍ରଫେସର ଏସ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଫେସରଏସ ଏସ ପାତ୍ର , ପି କେ ମିଶ୍ର, କେ ସି ପାତ୍ର ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । କୃତୀ ବିଦ୍ୟାର୍ଥୀ ମାନଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମହେଶ୍ୱରପୁରରେ ଗ୍ରାମୀଣ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ଚମ୍ପୁଆ, ୨୬/୦୨ (ନି.ପ୍ର): ଚମ୍ପୁଆ ବ୍ଲକ୍ ରଜିଆ ପଂଚାୟତ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମ ରେ ଦୁଇ ଦିନିଆ ଗ୍ରାମୀଣ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ମହେଶ୍ୱରପୁର କ୍ରିକେଟ କମିଟି ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୂଖ୍ୟଅତିଥି ଭାବେ ରଜିଆ ସରପଂଚ ସନ୍ତୋଷ କୁମାର ନାୟକ ଯୋଗ ଦେଇ ଖେଳାଳି ମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ ଏବଂ ଟୁର୍ଣ୍ଣାମେଂଟ ମାଧ୍ୟମରେ ଗ୍ରାମାଂଚଳର ଖେଳାଳି ମାନଙ୍କ ଭିତରେ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରି ପାରିଥିବାରୁ ମହେଶ୍ୱର ପୁର କ୍ରିକେଟ କମିଟିର ସଦସ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କ୍ରିକେଟ ଟୁର୍ଣ୍ଣାମେଂଟରେ ଦୂର ଦୁରାନ୍ତରରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। କାଳିକାପ୍ରସାଦ ଏକାଦଶ ଓ ପତଳା ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ଏହି ମ୍ୟାଚ୍‌ରେ କାଳିକାପ୍ରସାଦ ଏକାଦଶ ପତଳା ଏକାଦଶକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥି ଚାମ୍ପିଅନ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ୱାର୍ଡମେମ୍ବର ବୀରବଲ୍ ମୁଣ୍ଡା ଓ ଶିବନାଥ ମୁଣ୍ଡା ଯୋଗ ଦେଇଥିଲେ। ଏହି ଖେଳକୁ କମିଟିର ରାଜେଶ ମହାନ୍ତ, ଗଙ୍ଗାଲାଲ ମହାନ୍ତ ଓ ପ୍ରବୀଣ ମହାନ୍ତ ପରିଚାଳନା କରିଥିବାବେଳେ ଭାସ୍ୟକାର ଭାବେ ମୁନା ମହାନ୍ତ ଓ ଜୟନାଥ ମହାନ୍ତ ଖେଳ ବିବରଣୀ ପ୍ରଦାନ କରିଥିଲେ। ବିଷ୍ଣୁ ଚରଣ ମହାନ୍ତ ସ୍କୋରୋର୍ ଦାୟିତ୍ୱ ନିର୍ବାହ କରିଥିଲେ। ମହେଶ୍ୱରପୁର କ୍ରିକେଟ କମିଟିର ସଦସ୍ୟ ଓ ଆଦିବାସୀ ସଂଗ୍ରାମ ସମିତିର ସଦସ୍ୟମାନଙ୍କ ସହିତ ଗ୍ରାମର ସମସ୍ତ ଖେଳପ୍ରେମୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଟୁର୍ଣ୍ଣାମେଣ୍ଟ କୁ ପରିଚାଳନାରେ ସହଯୋଗ କରିଥିବାରୁ କମିଟି ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଛାତ୍ରଛାତ୍ରୀଙ୍କୁ ଭଣ୍ଡାଉଛି ସରକାରୀ ଆଇଟିଆଇ




ରାଉରକେଲା, ୨୬/୦୨ (ନି.ପ୍ର): ରାଉରକେଲା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ଭଣ୍ଡାଉଛି। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଛାତ୍ରଛାତ୍ରୀଙ୍କୁ ଠିକ୍ ସମୟରେ ସିଏଲ୍‌ସି (କଲେଜ ଲିଭିଂ ସାର୍ଟିଫିକେଟ) ଓ ଫାଇନାଲ୍ ସାର୍ଟିଫିକେଟ୍ ମିଳୁନି। ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଆଳ ଦେଖାଇ ଆଜିକାଲି କହି ମାସ ମାସ ଧରି ଦୌଡାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। କେବଳ ଓଡ଼ିଶାର ନୁହେଁ ବରଂ ଝାଡ଼ଖଣ୍ଡ ଓ ବିହାର ଆଦି ରାଜ୍ୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସେହି ସମାନ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଛି । କାହିଁକି ବିଳମ୍ବ ହେଉଛି ବୋଲି ଛାତ୍ରଛାତ୍ରୀମାନେ ପଚାରିଲେ, ବିଭାଗୀୟ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେବା ପରିବର୍ତ୍ତେ ସେମାନଙ୍କୁ ଓଲଟା ଧମକଚମକ ଦେଉଥିବା ସାର୍ଟିଫିକେଟ୍ ପାଇନଥିବା ଛାତ୍ରଛାତ୍ରୀ ଅଭିଯୋଗ ଆଣିଛନ୍ତି। ଆଇଟିଆଇ ଅଧକ୍ଷଙ୍କ ଅଜଣାତରେ ବିଭାଗୀୟ ଅଧିକାରୀମାନେ ଏଭଳି ବେଆଇନ କାର୍ଯ୍ୟ କରୁଛନ୍ତି। ଦୂରଦୂରାନ୍ତରେ ରହୁଥିବା ଛାତ୍ରଛାତ୍ରୀମାନେ ସାର୍ଟିଫିକେଟ୍ ପାଇଁ ଆଇଟିଆଇକୁ କଲ୍ କଲେ ମଧ କେହି ଫୋନ୍ ଉଠାଉ ନାହାନ୍ତି।

ଏମିତିକି ଜଣେ ଜଣେ ଛାତ୍ରଙ୍କୁ ସାର୍ଟିଫିକେଟ୍ ପାଇବାକୁ ୨ରୁ ୩ ମାସ ଆଇଟିଆକୁ ଦୌଡିବାକୁ ପଡୁଛି। ତା' ପରେ ଯାଇ ସାର୍ଟିଫକେଟ୍ ମିଳୁଛି। ସରକାରୀ ନିୟମ ଅନୁଯାୟୀ ଆଇଟିଆଇରେ ପଢୁଥିବା ଛାତ୍ରଛାତ୍ରୀମାନେ ଆବେଦନ କରିବାର ୭ ଦିନ ମଧ୍ୟରେ ସିଏଲ୍‌ସି ଓ ଫାଇନାଲ୍ ସାର୍ଟିଫିକେଟ୍ ଦେବା ବାଧତାମୂଳକ। ରାଉରକେଲା ଆଇଟିଆଇରେ ଦୈନିକ ପ୍ରାୟ ୧୫ରୁ ୨୦ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ହେଉଥିବା ସିଏଲ୍‌ସି (ଅରଜିନାଲ୍) ସାଟିଫିକେଟ୍ ପାଇବାକୁ ଆବେଦନ କରୁଛନ୍ତି। ହେଲେ ଆବେଦନ କରୁଥିବା ଛାତ୍ରଛାତ୍ରୀଙ୍କୁ ୭ ଦିନ ପରିବର୍ତ୍ତେ ୨/୩ ମାସ ପର୍ଯ୍ୟନ୍ତ ବିଳମ୍ବ କରାଯାଉଛି। କେବଳ କୋର୍ସ ଶେଷ କରୁଥିବା ଛାତ୍ରଛାତ୍ରୀ ନୁହେଁ ବରଂ କୌଣସି ଅସୁବିଧା ଅଧା ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସେହି ସମାନ ଦଶା ଭୋଗିବାକୁ ପଡୁଛି। ସବୁଠୁ ବେଶି ସମସ୍ୟାରେ ସମ୍ମୁଖୀନ ହେଉଛି ବାହାର ଜିଲ୍ଲା କଟକ, ଅନୁଗୋଳ, ବ୍ରହ୍ମପୁର, ବାଲେଶ୍ୱର ସମେତ ପର୍ଶ୍ଚିମ ଓଡ଼ିଶାର ଅଧିକାଂଶ ଛାତ୍ରଛାତ୍ରୀ।

ବାରମ୍ବାର ଖର୍ଚ୍ଚାନ୍ତ ହୋଇ ଆଇଟିଆଇକୁ ଦେ ?ଡୁଥିଲେ ହେଁ, ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଠିକ୍ ସମୟରେ ସାର୍ଟିଫିକେଟ୍ ଦେଉ ନାହାନ୍ତି। ଝାଡ଼ଖଣ୍ଡ ଓ ବିହାର ରାଜ୍ୟର ପଢୁଥିବା ଛାତ୍ରୀଛାତ୍ରୀମାନେ ମଧ ଖର୍ଚ୍ଚାନ୍ତ ହେଉଛି। କିଛି ଗରିବ ପରିବାର ଛାତ୍ରଛାତ୍ରୀମାନେ ଦୌଡି ଦୌଡି ନୟାନ୍ତ ହେବା ପରେ ସାର୍ଟିଫିକେଟ୍ ନେବାକୁ ଆସୁନାହାନ୍ତି। ସବୁଠୁ ଅଧିକ ହଇରାଣ ହେଉଛନ୍ତି, ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଥିବା ଛାତ୍ରଛାତ୍ରୀମାନେ। ଉଲ୍ଲେଖଯୋଗ୍ୟ, ରାଉରକେଲା ସରକାରୀ ଆଇଟିଆଇ ପର୍ଶ୍ଚିମ ଓଡ଼ିଶାର ଅନ୍ୟତମ ଆଇଟିଆଇ। ଫିଟ୍‌ର, ଇଲେକ୍ଟ୍ରିସିଆନ୍, ମେକାନିଷ୍ଟ, ୱେଲଡର, ଟର୍ନ୍‌ର, ୱାୟାରମେନ୍, ଡିଜେଲ୍ ମେକାନିକ୍ ଏମିତି ୧୯ଟି ଟ୍ରେଡରେ ଛାତ୍ରଛାତ୍ରୀ ତାଲିମ ଦିଆଯାଉଛି। କମ୍ ଦୂରତା ଥିବାରୁ ଝାଡ଼ଖଣ୍ଡ ଓ ବିହାର ମଧ କିଛି ଛାତ୍ରଛାତ୍ରୀ ଏହି ଆଇଟିଆଇରେ ଅଧ୍ୟୟନ କରୁଛନ୍ତି। ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଏଭଳି ଅବହେଳା ପ୍ରତିବାଦରେ ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଯେଉଁମାନେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆଳ ଦେଖାଇ ଏମିତି ଭଣ୍ଡାଉଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଠିକ୍ ସମୟରେ ସାର୍ଟିଫିକେଟ୍ ପ୍ରଦାନ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## କବି ଡ଼ଃ ହୃଷିକେଶ ମଲିକ ପାଇବେ କବି ଦୀପକ ମିଶ୍ର ସ୍ମାରକୀ ସମ୍ମାନ

କେନ୍ଦ୍ରାପଡ଼ା, ୨୬/୦୨ (ନି.ପ୍ର): କବି ଦୀପକ ମିଶ୍ର ସ୍ମାରକୀ କବିତା ପୁରସ୍କାର ପ୍ରଖ୍ୟାତ କବି ଡ଼ଃ ହୃଷିକେଶ ମଲିକଙ୍କୁ ଦେବା ପାଇଁ ଦୀପକ କିଶ୍ର ସ୍ମୃତି ସଂସଦର ଏକ ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । କବି ହୃଷିକେଶ ମଲିକ ୧୩ ଖଣ୍ଡ କବିତା ସଂକଳନ ପ୍ରକାଶ କରି ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ସହିତ ୬ ଗୋଟି କବିତା ଗ୍ରନ୍ଥ ସଂପାଦକ କରିବା ଏବଂ ତୁଳନାତ୍ମକ ସାହିତ୍ୟ ଉପରେ ଗବେଷଣା କରି ପି.ଏଚ୍.ଡି ଓ ଡି.ଲିଟ୍ ଉପାଧି ଲାଭ କରିଛନ୍ତି । ବିଚାରକ ମଣ୍ଡଳୀ ଆସନ୍ତା ମାର୍ଚ୍ଚ ୨ ତାରଖରେ ଏକ ଭବ୍ୟ ସମାରୋହରେ ଉକ୍ତ ସମ୍ମାନ ପ୍ରଦାନ କରିବେ ବୋଲି ସଭାପତି ଡ଼ଃ ବାସୁଦେବ ଦାସ ଓ ସଂପାଦକ ସାହିତ୍ୟ ଏକାଡେମୀ ସଦସ୍ୟ ସରୋଜ ମହାନ୍ତି ପ୍ରମୁଖ ଜଣାଇଛନ୍ତି ।

# ଭାରତ ସରକାରଙ୍କ ପତ୍ରସୂଚନା, ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ପାରାଦୀପରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ ଆୟୋଜିତ

ପାରାଦ୍ୱୀପ, ୨୬/୦୨ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ପାରାଦୀପ ପୋର୍ଟ ଅଫିସର୍ସ କ୍ଲବ ପରିସରରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଥରୀଟି ର ଅଧ୍ୟକ୍ଷ ପି ଏଲ ହରାନାଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭାରତବର୍ଷରେ ରହିଥିବା ପ୍ରମୁଖ ବନ୍ଦର ମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ପଣ୍ୟ ପରିବହନ କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରିବା ସହିତ ବିଭିନ୍ନ କ୍ଷେତ୍ରରେ କରିଥିବା ଦୃଷ୍ଟାନ୍ତମୂଳକ କାର୍ଯ୍ୟ ବିଷୟରେ ବନ୍ଦର ଅଧ୍ୟକ୍ଷ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପାରାଦୀପର ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା ଯୋଗଦେଇ ସମାଜ ର ବିଭିନ୍ନ କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧି ମାନେ କିପରି ଉପେକ୍ଷିତ ହେଉଛନ୍ତି, ସମସ୍ତ ବର୍ଗରେ ନିର୍ଦ୍ଦିଷ୍ଟ କାର୍ଯ୍ୟ କୁ ନେଇ ପାରିଶ୍ରମିକ ପାଉଥିବା ସମୟରେ କିପରି ଗଣମାଧ୍ୟମ ପ୍ରତିନିଧି ମାନେ ବିନା ପ୍ରାପ୍ୟରେ ସମାଜରେ ଘଟୁଥିବା ଘଟଣା ବଳିକୁ ବର୍ଷା, ଖରା, ବାତ୍ୟା, ବନ୍ୟା କୁ ଖାତିର ନ କରି ନିରପେକ୍ଷ ଭାବରେ ଖବର ପରିବେଷଣ କରୁଥିବା ଗଣମାଧ୍ୟମ ପ୍ରତିନିଧି ମାନଙ୍କ ବିଷୟରେ ଉପସ୍ଥିତ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ ମାନଙ୍କୁ ଅବଗତ କରିବା ସହିତ କିଭଳି ସମସ୍ତ ସ୍ତରରେ ଭାବର ଆଦାନ ପ୍ରଦାନ ନିମିତ୍ତ ଆୟୋଜିତ କର୍ମଶାଳା କୁ ସ୍ୱାଗତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପାରାଦୀପ ଅତିରିକ୍ତ ଜିଲ୍ଲାପାଳ କାହ୍ନୁ ଚରଣ ଧୀର ତାଙ୍କ ବକ୍ତବ୍ୟରେ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ସମୟରେ ଗଣମାଧ୍ୟମ ପ୍ରତିନିଧି ମାନେ ନୀଛକ ଭାବରେ ସତ୍ୟ ଖବର ପରିବେଷଣ କରି କିଭଳି ସାଧାରଣ ଜନତାଙ୍କ ପାଖରେ ଖବର ପହଂଚାଇବା ସହିତ ସରକାରୀ ସ୍ତରରେ ହେଉଥିବା ବିଭିନ୍ନ ସୂଚନା ପ୍ରସାରଣ ରେ ଗଣମାଧ୍ୟମ ର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପାରାଦୀପରେ ଅବସ୍ଥାପିତ ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି)ର ଡିଆଇଜି ଯଶୱନ୍ତ କୁମାର ସିଂ ''ସାମୁଦ୍ରିକ/ଉପକୂଳ ସ୍ୱଚ୍ଛତା ବଜାୟ ରଖିବା ଏବଂ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ଅଭିଯାନରେ ଆଇସିଜିର ଭୂମିକା'' ବିଷୟବସ୍ତୁ ଉପରେ ଅଭିଭାଷଣ ରଖିଥିଲେ । ପିଆଇବିର ଯୁଗ୍ମ ନିର୍ଦ୍ଦେଶକ ତଥା ଉପ ପ୍ରେସ ରେଜିଷ୍ଟ୍ରାର ଏବଂ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡର ଆଞ୍ଚଳିକ ଅଧିକାରୀ ଡକ୍ଟର ଗିରିଶ ଚନ୍ଦ୍ର ଦାଶ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପିଆଇବିର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ତଥା ବାର୍ତ୍ତାଳାପର ନୋଡାଲ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପିଆଇବିର ଭୂମିକା ଏବଂ କାର୍ଯ୍ୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବୈଷୟିକ ଅଧିବେଶନରେ ଜଗତସିଂହପୁର ଜିଲ୍ଲା ସମ୍ପର୍କରେ ବିଶେଷ ଉଲ୍ଲେଖ ସହିତ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା/ମତ୍ସ୍ୟପାଳନ ସହ ଜଡ଼ିତ ଅନ୍ୟ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଜିଲ୍ଲା ଉପ ମତ୍ସ୍ୟ ଅଧିକାରୀ ରେଶମା ସିଂ ଉପସ୍ଥିତ ରହି ନିଜର ମତ ରଖିଥିଲେ । ସେହିପରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ସେଠି ପିଏମ କିଷାନ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ଜଗତସିଂହପୁର ଜିଲ୍ଲାରେ ଷ୍ଟାର୍ଟଅପ୍ସ ଓ ଏମଏସଏମଇ ପାଇଁ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଆଇପିଓ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମ୍ବାଦିକ ମାନେ ଅଧିକାରୀ ମାନଙ୍କ ସହିତ ମତ ବିନିମୟ କରିଥିଲେ । ଏହି ବର୍ତ୍ତାଳାପ କାର୍ଯ୍ୟକ୍ରମରେ ପାରାଦୀପର ଅଶୀରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆଇଏଏସସ୍ତରରେ....

ତାଙ୍କ ସ୍ଥାନରେ ନୂଆ ଦାୟିତ୍ୱ ନେବେ ପ୍ରଦୀପ ଜେନା । ଆଗକୁ ଆସୁଛି ସାଧାରଣ ନିର୍ବାଚନ । ପ୍ରଦୀପ ଜେନା ମୁଖ୍ୟ ଶାସନ ଥିବା ସମୟରେ ଅନୁଷ୍ଠିତ ହେବ ୨୦୨୪ ସାଧାରଣ ନିର୍ବାଚନ । ଠିକ୍ ଏଭଳି ଏକ ସମୟରେ ତାଙ୍କ ଉପରେ ଆସ୍ଥା ରହିଛନ୍ତି ରାଜ୍ୟ ସରକାର । ତେଣୁ ସରକାରଙ୍କ ଆସ୍ଥା ଭାଜନ ହେବା ଏବଂ ନିର୍ବାଚନର ସୁପରିଚାଳନା କରିବା ପ୍ରଦୀପ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ । ନିକଟରେ ଉପସ୍ଥାପିତ ହୋଇଛି ରାଜ୍ୟ ବଜେଟ । ବଜେଟରେ ହୋଇଥିବା ବ୍ୟୟବରାଦ ଏବଂ ଯୋଜନାର ରୂପାୟନର ସଠିକ୍ ତାଦରଖ ମଧ୍ୟ ପ୍ରଦୀପ ଜେନାଙ୍କ ପାଇଁ ଆଉ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ । ବିଭାଗ-ବିଭାଗ ଭିତରେ ସମନ୍ୱୟ, ସରକାର ଓ ପ୍ରଶାସନ ମଧ୍ୟରେ ଏକ ବ୍ରିଜ୍ ଭଳି କାମ କରି, ରାଜ୍ୟବାସୀଙ୍କୁ ଏକ ଉତମ ଶାସନ ଯୋଗାଇ ଦେବା ମଧ୍ୟ ପ୍ରଦୀପ ଜେନାଙ୍କ ପାଇଁ ବଡ଼ ଆହ୍ୱାନ ହୋଇପାରେ । ବରିଷ୍ଠ ଆଇଏଏସ ଅଧିକାରୀ ପ୍ରଦୀପ କୁମାର ଜେନା, ଜଣେ ଦକ୍ଷ ପ୍ରଶାସକ ଭାବେ ପରିଚିତ । ଏବେ ସେ ସ୍ୱତନ୍ତ୍ର ରିଲିଫ୍ କମିସନର ଦାୟିତ୍ୱରେ ଅଛନ୍ତି । ଉନ୍ନୟନ କମିସନର ଭଳି ଗୁରୁଦାୟିତ୍ୱ ସେ ତୁଲାଇଛନ୍ତି । ୧୯୯୧ରେ ପ୍ରଥମେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ଉପ-ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପରେ କଳାହାଣ୍ଡିରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହାପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଭାବେ ତାଙ୍କର ବଦଳି ହୋଇଥିଲା । ୧୯୯୯ ମହାବାତ୍ୟା ସମୟରେ ସେ କଟକର ଜିଲ୍ଲାପାଳ ଦାୟିତ୍ୱରେ ଥିଲେ । କୃଷି ନିର୍ଦ୍ଦେଶକ ପଦରେ ରହି ସେ ଚାଷୀମାନଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ । ୨୦୧୭ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭଳି ଗୁରୁଦାୟିତ୍ୱ ତୁଲାଇ ସାରିଛନ୍ତି । ସ୍ୱତନ୍ତ୍ର ରିଲିଫ୍ କମିଶନର ଭାବେ ତାଙ୍କର କାର୍ଯ୍ୟ ଉଚ୍ଚ ପ୍ରଶଂସିତ ହୋଇଛି । ଏସବୁ ଭିତରେ ଚର୍ଚ୍ଚା ହେଉଛି, ଶେଷରେ ରାଜ୍ୟ ସରକାରଙ୍କ ଆସ୍ଥା ଜିତିବାରେ ସଫଳ ହୋଇଛନ୍ତି ପ୍ରଦୀପ ଜେନା ।

### ଆଜି ମେଘାଳୟ ବିଧାନସଭା....

ନିର୍ବାଚନ ସ୍ଥଗିତ ରଖାଯାଇଛି । ନିର୍ବାଚନ ଆୟୋଗଙ୍କ ନିକଟରେ ମତଦାନର ସଂଶୋଧନ ପାଇଁ ଆମେ ସୂଚନା ଏବଂ ସୁପାରିଶ ପଠାଇ ସାରିଛୁ । ତେଣୁ ସମସ୍ତ ସମ୍ଭାବନାରେ ୬୦ ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୫୯ ଟିରେ ମତଦାନ ଅନୁଷ୍ଠିତ ହେବ ବୋଲି ମେଘାଳୟର ସିଇଓ କହିଛନ୍ତି । ସେ କହିଛନ୍ତି ଯେ, ଆମେ ସମୁଦାୟ ୩୪୮୨ଟି ମତଦାନ କେନ୍ଦ୍ର ସ୍ଥାପନ କରିଛୁ । ସମସ୍ତ ପ୍ରସ୍ତୁତି ଚାଲିଛି । ତେବେ ଗାରୋ ପାହାଡରେ ଆମ ସଦସ୍ୟଙ୍କ ସହ ସଂଘର୍ଷ ହୋଇଥିଲା । ଆମେ ଏହି ଘଟଣାରେ ୩୧ ଜଣଙ୍କୁ ଗିରଫ କରିଛୁ । କିଛି ଘଟଣା ଶିଲୋଙ୍ଗରେ ଘଟିଥିଲା କିନ୍ତୁ ପରିସ୍ଥିତି ମଧ୍ୟ ନିୟନ୍ତ୍ରଣରେ ରହିଛି । ଏହି ସମୟ ମଧ୍ୟରେ ବାଂଲାଦେଶ ସହିତ ମେଘାଳୟର ଅନ୍ତର୍ଜାତୀୟ ସୀମାକୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ସିଲ୍ କରିବାକୁ ଇସି ନିର୍ଦ୍ଦେଶ ଦେଇଛନ୍ତି । ଖାର୍କୋଙ୍ଗୋର କହିଛନ୍ତି, 'ରାଜ୍ୟରେ ମୁକ୍ତ ଏବଂ ଅବାଧ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ଆମେ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛୁ । ଆନ୍ତର୍ଜାତୀୟ ସୀମାରେ ସିଆରପିସି ର ଧାରା ୧୪୪ ଲାଗୁ କରାଯାଇଛି । ମେଘାଳୟରେ ଭୋଟ ଗଣନା ମାର୍ଚ୍ଚ ୨ରେ ହେବ ।

### ସ୍ୱାମୀର ଏସିଡ଼ ମାଡ଼ରେ....

ବନୀତାଙ୍କ ପାଖରେ ଛିଡ଼ା ହୋଇଥିବା ବର୍ଷା ଓ ଦୁଇ ଶିଶୁ ଏହି ଏସିଡ଼ ମାଡ଼ରେ ଗୁରୁତର ହୋଇଥିଲା । ଏସିଡ ଫିଙ୍ଗି ଚନ୍ଦନ ସେଠାରୁ ଫେରାର ହୋଇଯାଇଥିବା ବେଳେ ସଂକଟାପନ୍ନ ବନୀତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା ।

### କଂଗ୍ରେସ ମହାଅଧିବେଶନରେ....

ରାଜନୈତିକ ମହଲରେ ଚାଲିଥିବା ଏହି ଚର୍ଚ୍ଚା ଯଦି ସତ ହୁଏ ତେବେ ଆଗାମୀ ନିର୍ବାଚନ କଂଗ୍ରେସ ପାଇଁ କଣ ହେବ ଓ ଜାତୀୟ ରାଜନୀତିର ଏହାର ପ୍ରଭାବ କଣ ପଡିବ । ଏହି ପ୍ରଶ୍ନର ଉତ୍ତର ଏବେ କଂଗ୍ରେସ ଖୋଜିବ । ସୋନିଆ ସକ୍ରିୟ ରାଜନୀତିରୁ ଅବସର ନେଲେ ଉତ୍ତରପ୍ରଦେଶରେ କଂଗ୍ରେସର ଗଡ ରାୟବରେଲିରେ ମଧ୍ୟ ଚେହେରା ବଦଳାଇବାକୁ ପଡିବ । ରାହୁଲ ଆମେଠିରୁ ନିର୍ବାଚନ ଲଢୁଥିବାରୁ ରାୟବରେଲିରୁ ପ୍ରିୟଙ୍କା ଲଢିବା ସମ୍ଭାବନା ଅଧିକ । କାରଣ ୟୁପିକୁ ଛାଡିଦେଲେ ଦିଲ୍ଲୀ ଗାଦିରେ ପହଞ୍ଚିବା ସମ୍ଭବ ନୁହେଁ । ରାୟପୁରରେ ଚାଲିଥିବା କଂଗ୍ରେସର ମହାଅଧିବେଶନରେ ପ୍ରିୟଙ୍କାଙ୍କ ସ୍ୱାଗତ ପାଇଁ କଂଗ୍ରେସ କର୍ମୀ ୨ କିଲୋମିଟର ରାସ୍ତାରେ କାର୍ପେଟ ଭଳି ଗୋଲାପ ବିଛାଇବା ପ୍ରିୟଙ୍କା ସପକ୍ଷରେ ମଧ୍ୟ ମତ ଦେଉଛି ।

## ଏପ୍ରିଲ ୧୫ ତାରିଖରେ ଷ୍ଟେଟ୍ ବାର କାଉନସିଲ୍ ନିର୍ବାଚନ

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଆଗାମୀ ଏପ୍ରିଲ ୧୫ ତାରିଖରେ ଷ୍ଟେଟ୍ ବାର୍ କାଉନସିଲ୍ ନିର୍ବାଚନ ଅନୁଷ୍ଠିତ ହେବ । ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ପ୍ରମଥ ପଟ୍ଟନାୟକ ଏଥି ପାଇଁ ରଟର୍ଣ୍ଣିଂ ଅଫିସର ହେବେ । ମିଳିଥିବା ସୂଚନା ଅନୁସାରେ ମାର୍ଚ୍ଚ ୧ରୁ ୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯାଇ ପାରିବ । ସେହିପରି ମାର୍ଚ୍ଚ ୭ରୁ ୧୦ ଯାଏ ନାମାଂକନ ପତ୍ରର ଯାଂଚ ହେବ । ୧୧ରୁ ୧୭ ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର କରାଯାଇ ପାରିବ । ଏପ୍ରିଲ ୧୫ରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ଏପ୍ରିଲ ୨୧ରେ ଭୋଟ୍ ଗଣତି ହେବ ।

## ପୂର୍ଣ୍ୟତିଥିରେ ସ୍ୱାତନ୍ତ୍ରବୀର ସାବରକରଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୬/୦୨ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଣ୍ୟତିଥିରେ ସ୍ୱାତନ୍ତ୍ରବୀର ସାବରକରଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ – ଦେଶଭକ୍ତ ସ୍ୱାତନ୍ତ୍ର୍ୟବୀର ବିନାୟକ ଦାମୋଦର ସାବରକରଙ୍କ ପୁଣ୍ୟତିଥିରେ ତାଙ୍କୁ କୋଟି କୋଟି ନମନ । ସେ ଭାରତର ସଂସ୍କୃତି, ସାମାଜିକ ଏକତା ଓ ଅଖଣ୍ଡତା ପାଇଁ ନିଜର ଜୀବନକୁ ଲଗାଇ ଦେଇଥିଲେ । ତାଙ୍କର ଓଜସ୍ୱୀ ବିଚାର, ତପ, ତ୍ୟାଗ, ରାଷ୍ଟ୍ରପ୍ରେମ ଯୁଗ ଯୁଗ ପାଇଁ ଦେଶବାସୀ ମାନଙ୍କୁ ପ୍ରେରଣା ଦେଉଥିବ ।

## ଚାଷୀପଡା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ଡି.କେ ଏକାଦଶ ଚମ୍ପିୟନ



ବସ୍ତା, ୨୬/୦୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦାରୋଡ ନଟାକଟା ପଞ୍ଚାୟତର ସ୍ଥିତ ଚାଷୀପଡା ବ୍ରଦର୍ସ କ୍ଲବ ଦ୍ୱାରା ଆୟୋଜିତ 'ଚାଷୀପଡା ପ୍ରିମିୟର ଲିଗ ସିଜିନ ୨'କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଘାଟିତ ହୋଇ ରବିବାର ଉଦଯାପିତ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ୬ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ଡ଼ିକେ ଏକାଦଶ ଓ ରକି ଜିନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଫାଇନାଲ ମ୍ୟାଚରେ ରକି ଜିନ୍ସ (ଆର.ଯେ) ଦଳ ଟସ ଜିଣି ଡି.କେ ଏକାଦଶକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ । ଡି.କେ ଏକାଦଶ ନିର୍ଦ୍ଧାରିତ ୧୦ ଓଭରରେ ୯ ଓ୍ୱିକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲେ ।ଜବାବରେ ରକି ଜିନ୍ସ ୯.୧ ଓଭର ଖେଳି ୯୫ ରନ କରି ସମସ୍ତ ଓ୍ୱିକେଟ ହରାଇ ପରାଜୟ ହୋଇଥିଲେ । ଶେଷରେ ଏକ ପୁରସ୍କାର ବିତରଣି ସଭା ଅନୁଷ୍ଠିତ ହୋଇଥିଲା ।କ୍ଲବ ସଦସ୍ୟ ସତ୍ୟ ମହାପାତ୍ର ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ଯୁବ ସମ୍ପାଦକ ଇଂ.ରାଜଶ୍ରୀ ମହାନ୍ତି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଚମ୍ପିୟାନ ଡି.କେ ଏକାଦଶ ଦଳକୁ ୧୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ ।ମୁଖ୍ୟବକ୍ତା ଭାବେ ସମାଜ ସେବୀ ଭୁବନ ଚନ୍ଦ୍ର ରଣା ରନର୍ସଅପ ଦଳକୁ ୧୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ବାଲଗୋପଲ ଅଟୋ ପାର୍ଟସ ଓନର ଅନନ୍ତ ବେହେରା ଯୋଗଦେଇ ମ୍ୟାନ ଅଫ ସିରିଜ ଅଶ୍ରୁମୋଚନ ଦେଙ୍କୁ ଟ୍ରଫି ପ୍ରଦାନ କରିଥିଲେ ବେଳେ ସତ୍ୟ ମହାପାତ୍ର ମେନ ଅଫ ଦ ମ୍ୟାଚ ପ୍ରକାଶ ପାହାଡିଙ୍କୁ ପ୍ରଦାନ କରିଥିଲେ ।ଫାଇନାଲ ମ୍ୟାଚକୁ ଦୀନବନ୍ଧୁ ପାତ୍ର ଓ ରଞ୍ଜିତ ଦତ୍ତ ପରିଚାଳନା କରିଥିଲେ ।

## ଘରୋଇ କୋଲ ପ୍ଲାଂଟ ବନ୍ଦକୁ ବିରୋଧ କରି ତାଳଚେରରେ ରେଲରୋକ

ତାଳଚେର, ୨୬/୦୨ (ନି.ପ୍ର): ଘରୋଇ କୋଲ ପ୍ଲାଂଟ ବନ୍ଦକୁ ବିରୋଧ କରି ତାଳଚେରରେ ସପକ୍ଷବାଦୀଙ୍କ ପକ୍ଷରୁ ଆଜି ରେଲରୋକ କରାଯାଇଛି । ଘଂଟପଡା ନିକଟରେ ମାଲବାହୀ ଟ୍ରେନ୍‌କୁ ଅଟକାଇଛନ୍ତି ଆନ୍ଦୋଳନକାରୀ । ରେଲରୋକ ଫଳରେ ତାଳଚେରରୁ କୋଇଲା ପରିବହନ ଠପ୍ ହୋଇଯାଇଛି । ସପକ୍ଷବାଦୀଙ୍କ ଦ୍ୱାରା ଅର୍ଥନୈତିକ ଅବରୋଧ ସହିତ ମଧ୍ୟାହ୍ନ ସୁଦ୍ଧା ଆନ୍ଦୋଳନ ଜାରୀ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ, ମାତ୍ରାଧିକ ପ୍ରଦୁଷଣ ଯୋଗୁଁ ଘରୋଇ କୋଲ ପ୍ଲାଂଟକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି । ଯାହାକୁ ବିରୋଧ କରି ହଜାର ହଜାର ସଂଖ୍ୟାରେ ସପକ୍ଷବାଦୀ ତଥା କମ୍ପାନୀରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଶ୍ରମିକ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଯେହେତୁ ତିନି ଦିନ ହେଲା ଏନେଇ କୌଣସି ସମାଧାନର ବାଟ ବାହାରିପାରିଲା ନାହିଁ, ତେଣୁ ସେମାନେ ବାଧହୋଇ ଆଜି ରେଲରୋକ କରିଥିବା କହିଛନ୍ତି ଆନ୍ଦୋଳନକାରୀ । ଘରୋଇ କୋଲ ପ୍ଲାଂଟ ଗ୍ଲୋବାଲ କୋଲ ଓ୍ୱାସେରୀକୁ ଚାଲୁ ରଖିବାକୁ ସେମାନେ ଦାବି କରିଛନ୍ତି ।

## ଆମ ଆଦମୀ ପାର୍ଟି ବଲାଙ୍ଗୀର ଜିଲ୍ଲା ତରଫରୁ ଆସନ୍ତା ୨୮ରେ ପଦଯାତ୍ରା

ବଲାଙ୍ଗୀର, ୨୬/୦୨ (ନି.ପ୍ର): ବଲାଙ୍ଗିର ଯାଦବ ଭବନ ଠାରେ ଆଜି ସାମ୍ବାଦିକ ସମ୍ମିଳନୀ କରି ଆମ ଆଦମୀ ପାଟି ବଲାଙ୍ଗିର ଜିଲ୍ଲା ତରଫରୁ ଆସନ୍ତା ୨୮ ତାରିଖରେ ଦିବା ୧୧ ଘଟିକା ସମୟରେ ଗାନ୍ଧୀ ପାଠାଗାର ଠାରୁ ଜିଲ୍ଲାପାଳ ପର୍ଯ୍ୟନ୍ତ ପଦଯାତ୍ରା ପ୍ରଦର୍ଶନ ମାଧ୍ୟମରେ ପ୍ରତିବାଦ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ମିଶନ ଶକ୍ତି ରେ କାମ କରୁଥିବା ଷ୍ଟାଫ ଯଥା ଏମ୍‌ବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଏବଂ ଏଲ୍‌ଏସ୍‌ପିମାନଙ୍କର ଚାକିରିକୁ ସ୍ଥାୟୀ କରିବା ଏବଂ ଦରମା ବୃଦ୍ଧି କରିବା ପାଇଁ ଏହି ଆନ୍ଦୋଳନ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦେବା ପାଇଁ ସ୍ଥିର ହୋଇଚି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜୁ ଜନତା ଦଳ ଦିର୍ଘ ଦିନରୁ କାମ କରୁଥିବା ଏହି ସହୟକ ଷ୍ଟାଫମାନଙ୍କର ଯୁକ୍ତିଯୁକ୍ତ ଦାବିକୁ ଅଣଦେଖା କରୁଛି । ମିଶନ ଶକ୍ତିକୁ ନିଜ ସରକାରର ସବୁଠାରୁ ସଫଳ କାର୍ଯ୍ୟକ୍ରମ ଭାବରେ ପ୍ରଚାର କରୁଥିବା ନବୀନ ସରକାର ଏଥିରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ପାଇଁ ପ୍ରସ୍ତୁତ ନୁହେଁ । ତେଣୁ ତୁରନ୍ତ ମିଶନ ଶକ୍ତିର ସହାୟକ କର୍ମଚାରୀଙ୍କୁ ସ୍ଥାୟୀ କରିବା ଏବଂ ସେମାନଙ୍କର ପାରିଶ୍ରମିକ ବୃଦ୍ଧି କରିବା ପାଇଁ ଆଜି ଆମ ଆଦମୀ ପାର୍ଟି ଦାବି କରୁଛି । ଆଗାମୀ ୨୮ ତାରିଖରେ ମିଶନ ଶକ୍ତିର ସହାୟକ କର୍ମଚାରୀମାନଙ୍କୁ ନ୍ୟାୟ ଦେବା ପାଇଁ ଆପ ପକ୍ଷରୁ ଧାରଣ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯିବ ବୋଲି ଆମ ଆଦମି ପାର୍ଟିର ଜିଲ୍ଲା ଆବାହାକ ତଥା ରାଷ୍ଟ୍ରୀୟ ପରିଷଦର ସଦସ୍ୟ ଆଶିଷ ପାଣ୍ଡେ, ରମାକାନ୍ତ ବେହେରା, ଜୟପ୍ରକାଶ ମିଶ୍ର, ପ୍ରହଲ୍ଲାଦ ବାଗ, ଅମନ ମହାପାତ୍ର, ଚୈତନ୍ୟ ମଟାରୀ, ସମାରୁ ଭୋଇ, ସରୋଜ ସାମଲ, ହେମନ୍ତ ଜାଲ, ଚୈରନ ପ୍ରଧାନୀ ଆଦି ପାର୍ଟି କାର୍ଯ୍ୟକର୍ତା ସାମିଲ ଥିଲେ ।

## 'ମନ୍ କି ବାତ'ର ୯୮ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

ଭୁବନେଶ୍ୱର, ୨୬/୦୨ (ନି.ପ୍ର): 'ମନ୍ କି ବାତ'ର ୯୮ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କେନ୍ଦ୍ରାପଡା ଜିଲ୍ଲା ଖଇରାବାଦ ଅଂଚଳର କମଳା ମହାରଣାଙ୍କ 'ଆବର୍ଜନାରୁ ସମ୍ପଦ'ର ସଫଳ ପ୍ରୟାସ ଉପରେ ଚର୍ଚ୍ଚା । ସମସ୍ତଙ୍କୁ ପ୍ରେରିତ କରିବ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ କମଳା ମହାରଣାଙ୍କ ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀର ଉଦାହରଣ ଦେବା ସହ ସ୍ୱଚ୍ଛ ଭାରତ ଅଭିଯାନରେ ନିଜକୁ ସାମିଲ କରିବା ଭଳି ସଚେତନତାର ବାର୍ତ୍ତା ଦେଇଥିବାରୁ ଧନ୍ୟବାଦ । କମଳା ମହାରଣା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକରୁ ପେଡ଼ି, ପାଟିଆ, ମୋବାଇଲ ଷ୍ଟାଣ୍ଡ୍ ଭଳି ଉତ୍ପାଦ ପ୍ରସ୍ତୁତ କରି ପରିବେଶକୁ ସ୍ୱଚ୍ଛ ରଖିବା ସହ ଅନେକ ମହିଳାଙ୍କୁ ସ୍ୱାବଲମ୍ବୀ କରି ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି । ତାଙ୍କର ପ୍ରଚେଷ୍ଟା ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବା ସହ ଗ୍ରାମୀଣ ମହିଳାଙ୍କୁ ସଶକ୍ତ ଏବଂ ଆତ୍ମନିର୍ଭର କରୁଛି । ମନ୍ କି ବାତରେ ଆଜି ପ୍ରଧାନମନ୍ତ୍ରୀଙ୍କ ଠାରୁ ଦେଶକୁ ଆଗକୁ ନେବା ଦିଗରେ ଦେଶବାସୀଙ୍କୁ ପ୍ରେରଣାଦାୟୀ ପ୍ରଚେଷ୍ଟା ଏବଂ ସକାରାତ୍ମକ କାହାଣୀ ସମସ୍ତଙ୍କୁ ପ୍ରେରିତ କରିଛି । ଭାରତର ପାରମ୍ପରିକ କଳା, ସଂସ୍କୃତି, ସଂଗୀତ ଏବଂ କୌଶଳକୁ ଆଗକୁ ନେବାରେ ନାଗରିକଙ୍କ ସାମୂହିକ ପ୍ରୟାସ ହିଁ ସବୁଠୁ ବଡ ଭୂମିକା ନିର୍ବାହ କରୁଛି । ପାରମ୍ପରିକ ଖେଳ- ଖେଳନାକୁ ପ୍ରୋତ୍ସାହିତ କରିବା, ସାମାଜିକ ଚେତନାରେ ରାଷ୍ଟ୍ରୀୟ ଏକତାକୁ ଆଣିବା, ସ୍ୱଚ୍ଛତାକୁ ଜନଆନ୍ଦୋଳନରେ ପରିଣତ କରିବା କିମ୍ବା ଡିଜିଟାଲ ଇଣ୍ଡିଆର ଗତିରେ ଦେଶକୁ ଯୋଡିବା ହେଉ, ଆଜି ମନ୍ କି ବାତ୍ କାର୍ଯ୍ୟକ୍ରମ ଦେଶରେ ଜନଭାଗିଦାରୀ ଏବଂ ସାମାଜିକ ପରିବର୍ତ୍ତନର ସବୁଠୁ ବଡ ଉତ୍ସ ହୋଇଛି ।

## ଆମେ ମୟୂରଭଂଜିଆ ପକ୍ଷରୁ ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ୩୫ତମ ପୂଣ୍ୟତିଥି ପାଳିତ



ବାରିପଦା, ୨୬/୦୨ (ନି.ପ୍ର): ଆମେ ମୟୂରଭଂଜିଆ ସଂଗଠନ ପକ୍ଷରୁ ବାରିପଦା ସଂସ୍କୃତି ଭବନ ପରିସରରେ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଐତିହାସିକ ତଥା ଓଡିଶାର ପ୍ରତ୍ନତତ୍ତ୍ୱ ଗବେଷଣାର ଜନକଭାବେ ପରିଚିତ ବରପୁତ୍ର ପଦ୍ମଶ୍ରୀ ଡଃ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ୩୫ତମ ପୂଣ୍ୟତିଥି ପାଳିତ ହୋଇଯାଇଛି । ସଂଗଠନର ଆବାହକ ସଞ୍ଜୟ କୁମାର ଚୌଧୁରୀଙ୍କ ଆବାହକତ୍ୱରେ ସମସ୍ତ କର୍ମକର୍ତ୍ତାମାନେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପହଞ୍ଚି ସେଠାରେ ଥିବା ଡଃ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିକୁ ଧୋଇ ସଫାସୁତୁରା କରି ଧୂପ ଦେଇ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସୂଚନା ଯୋଗ୍ୟ ଯେ, ଡଃ ପାଣିଗ୍ରାହୀ ଥିଲେ ଓଡିଶାର ପ୍ରତ୍ନତାତ୍ତ୍ୱିକ ଗବେଷଣାର ଜନକ । ଭୁବନେଶ୍ୱର ପ୍ରତ୍ନତାତ୍ତ୍ୱିକ ଅବଶେଷ ପୁସ୍ତକ ଇଂରାଜୀରେ ରଚନା କରି ସେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଲାଭ କରିଥିଲେ । ଜଣେ ଐତିହାସିକ ଭାବେ ସେ ଯେତିକି ସୁବିଦିତ ଜଣେ ପ୍ରଖ୍ୟାତ ସାହିତ୍ୟିକ ଭାବେ ମଧ୍ୟ ସେ ସର୍ବଜନାଦୃତ । ତାଙ୍କର ଆତ୍ମଜୀବନୀ ପୁସ୍ତକ ମୋ ସମୟର ଓଡିଶା ଓ ପ୍ରବନ୍ଧ ମାନସ ଓଡିଆ ସାହିତ୍ୟ ଭଣ୍ଡାରରେ ଦୁଇଟି ଅମୂଲ୍ୟ ରତ୍ନ । ମୋ ସମୟର ଓଡିଶା ପୁସ୍ତକ ପାଇଁ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ଏହାର ଇଂରାଜୀ ସଂସ୍କରଣ ମଧ୍ୟ ପ୍ରକାଶ ପାଇଛି । ଇତିହାସକୁ ତାଙ୍କର ବଳିଷ୍ଠ ଅବଦାନ ତଥା ପ୍ରତ୍ନତାତ୍ତ୍ୱିକ ଗବେଷଣା କୃତୀ ଓ କୃତିତ୍ୱ ପାଇଁ ସେ ୧୯୭୬ ରେ ସେ ପଦ୍ମଶ୍ରୀ ସମ୍ମାନରେ ଭୂଷିତ ହୋଇଥିଲେ । ମୟୂରଭଞ୍ଜ ଗଡଜାତ ରାଜ୍ୟର ପ୍ରଥମ ରାଜଧାନୀ ଖିଚିଂକୋଟ ଠାରେ ୧୯୦୯ ମସିହା ମାର୍ଗଶୀର ମାସ ୨୭ ଦିନ କୃଷ୍ଣ ଚତୁର୍ଥୀରେ ପ୍ରତ୍ନତତ୍ତ୍ୱର ଏହି ପ୍ରବାଦ ପୁରୁଷଙ୍କର ଜନ୍ମ ହୋଇଥିବା ବେଳେ ୧୯୮୭ ମସିହା ଫେବୃଆରୀ ୨୫ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ବହୁ ଦାବି ପରେ ୨୦୦୯ମସିହାରୁ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଡଃ ପାଣିଗ୍ରାହୀଙ୍କ ପବିତ୍ର ଜନ୍ମଶତବାର୍ଷିକୀରେ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା ସୁଦ୍ଧା ଜନ୍ମଦିବସ କି ତିରୋଧାନ ଦିବସରେ ବିଭାଗ ପକ୍ଷରୁ ଏହି ପ୍ରତିମୂର୍ତ୍ତିରେ ଫୁଲମାଳ ଖଣ୍ଡେ ଦିଆଯାଏ ନାହିଁ । ଏପରିକି ଏହି ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ଏବେ କଳା ରଂଗର ଆବରଣ ଦେଇ ବିକୃତ କରାଯାଇଛି ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ପାଣିଗ୍ରାହୀଙ୍କ ସୁକନ୍ୟା ତଥା ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା କଳ୍ପନା ଷଡଙ୍ଗୀ, ଶିକ୍ଷାବିତ୍ ଡଃ ଶ୍ୟାମସୁନ୍ଦର ଦାସ, ଡଃ ଯୋଗେନ୍ଦ୍ର ପଣ୍ଡା, ଲକ୍ଷ୍ମୀଧର ଜେନା, ସମାଜସେବୀ ଅଶୋକ ମଣ୍ଡଳ, ରାଜେଶ ଷଡଙ୍ଗୀ, ଅମିତାଭ ମିଶ୍ର, ଡଃ ସରୋଜ ନାଏକ, ସତ୍ୟାନନ୍ଦ ସେଜପଡା, ଛଉ ନୃତ୍ୟଗୁରୁ ପାଗଲୁ ଜେନା, ସୁଧାମୟୀ ଦାସ, ଅଭିଷେକ ଯାଦବ ପ୍ରମୁଖଙ୍କ ସହ ଅନ୍ୟାମାନେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ମଧୁବନ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ନିଗମାନନ୍ଦ ଭକ୍ତଙ୍କ ସ୍ମୃତିରେ ସ୍ମୃତିସ୍ତମ୍ଭ ନିର୍ମାଣ ଦାବି



ବାରିପଦା, ୨୬/୦୨ (ନି.ପ୍ର): ବିଗତ ୨୬ ବର୍ଷ ତଳେ ମଧୁବନରେ ଆୟୋଜିତ ନିଗମାନନ୍ଦ ଭକ୍ତ ସମ୍ମିଳନୀର ଅନ୍ତିମ ଦିବସରେ ଘଟିଯାଇଥିବା ଭୟାବହ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଶତାଧିକ ଭକ୍ତଙ୍କ ପ୍ରତି ବାରିପଦାବାସୀ ଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରିଛନ୍ତି । ମଧୁବନ ଉନ୍ନୟନ ପରିଷଦ ତରଫରୁ ସ୍ଥାନୀୟ ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ଆୟୋଜିତ ଶ୍ରଦ୍ଧାଂଜଳି ସଭା ଓ ଦୀପ ଦାନ କାର୍ଯ୍ୟକ୍ରମରେ ବାରିପଦାର ବହୁ ବୁଦ୍ଧିଜୀବି, ରାଜନେତା ତଥା ଅଂଚଳବାସୀ ଯୋଗ ଦେଇ ଦିବଂଗତ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରିବା ସହିତ ସମୂହ ଦୀପଦାନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଘଟିଯାଇଥିବା ମର୍ମନ୍ତୁଦ ଅଗ୍ନିକାଣ୍ଡର ଭୟାବହତା ତଥା ଲୋମହର୍ଷଣକାରୀ ଘଟଣାର ସ୍ମୃତିଚାରଣ ତଥା ସେହି ଦୁର୍ଦ୍ଦିନରେ ବାରିପଦାବାସୀଙ୍କ ସେଚ୍ଛାକୃତ ସହାୟତା ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବି ତଥା ରାଜନେତାମାନେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅଗ୍ନିକାଣ୍ଡ ଘଟିଥିବା ସ୍ଥାନରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯିବା ପାଇଁ ବାରିପଦା ପୌରପରିଷଦ ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ କରାଯାଇଥିଲା । ମଧୁବନ ଉନ୍ନୟନ ପରିଷଦର ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ ସଭାରେ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସାମ୍ବାଦିକ ସଂଜୟ ଚୌଧୁରୀ, ଶିକ୍ଷାବିତ ବିପ୍ଳବ ବୁଗୁଡେଇ, ଡ. ଶ୍ୟାମ ସୁନ୍ଦର ଦାସ, ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ବାରିପଦା ବ୍ୟବସାୟୀ ସଂଘର ସଭାପତି ଅମିତାଭ ସାହୁ, ରଘୁନାଥ ପଣ୍ଡା, ପ୍ରଫେସର ଶାନ୍ତନୁ ଉପାଧ୍ୟାୟ, ଅଶୋକ ବାରିକ, ମାଣିକଲାଲ ପାଣି, ଜୟନ୍ତ ନାଏକ, ବିଜୟ କୁମାର ପାତ୍ର, କୁଳମଣି ପୃଷ୍ଟି, ଗୋବର୍ଦ୍ଧନ ନାଥ, ନନୀଗୋପାଳ ମହାନ୍ତି, ରବିନ୍ଦ୍ର ନାଥ ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ଦିବଂଗତଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ବାଲେଶ୍ୱର ଆଇଟି ଆସୋସିଏସନର ଦ୍ୱାଦଶ କ୍ରିକେଟ ମିଟ

ବାଲେଶ୍ୱର, ୨୬/୦୨ (ନି.ପ୍ର): ବାଲେଶ୍ୱର ଆଇଟି ଆସୋସିଏସନର ଦ୍ୱାଦଶ କ୍ରିକେଟ ମିଟ ସ୍ଥାନୀୟ ଜିଲ୍ଲା ସ୍କୁଲ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଆଇଟି ଆସୋସିଏସନ ସଭାପତି ଅଶ୍ୱିନୀ ଦାସ ଏହି ଟୁର୍ଣ୍ଣାମେଂଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ସଦସ୍ୟ ଓ ପ୍ରାୟୋଜକ ମାନଙ୍କ ସହଯୋଗକୁ ଭୂୟସୀ ପ୍ରଶଂସା କରିଥିଲେ । କମ୍ପ୍ୟୁଟର ଜ୍ଞାନକୌଶଳ ସହ ଜଡିତ ସମସ୍ତ ବ୍ୟବସାୟୀ ଓ ସେମାନଙ୍କ କର୍ମଚାରୀମାନେ କାର୍ଯ୍ୟବ୍ୟସ୍ତତାରୁ ସମୟ କାଢି ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଓ ବନ୍ଧୁତା ବୃଦ୍ଧି କରିବାରେ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ବାଲେଶ୍ୱରର ସମସ୍ତ କମ୍ପ୍ୟୁଟର ଡିଲର ଓ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ଜେବ୍ରୋନିକ୍ସ, ମାଇକ୍ରୋଟ୍ରେକ, ଦାହୁଆ ଓ ପ୍ରୋଟୋନିକ୍ସ ପ୍ରଭୃତି ଚାରି ଗୋଟି ଟିମ ଗଠିତ ହୋଇଥିଲା । ୧୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ ଦାହୁଆ ଓ ମାଇକ୍ରୋଟେକ୍ ମଧ୍ୟରେ ଅନୁଷ୍ଠିତ ହୋଇଥଲା । ଶେଷରେ ମାଇକ୍ରୋଟେକ୍ ଟିମ ବିଜୟୀ ଘୋଷିତ ହୋଇଥିଲା । 'ଇନାଲ ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଆଇଟି ଆସୋସିଏସନ ଅ' ଓଡିଶାର ସଭାପତି ଅବିନାଶ ପଟ୍ଟନାୟକ, ଉପସଭାପତି ରଞ୍ଜିତ ପଣ୍ଡା ଓ କାର୍ଯ୍ୟକାରୀ ସଦସ୍ୟ ରାଜେଶ ମହାପାତ୍ର ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅତିଥିମାନେ ବିଜୟୀ ଦଳ ଓ ରନର୍ସ-ଅପ ଦଳକୁ ଟ୍ରଫି, ମ୍ୟାନ ଅ' ଦି ସିରିଜ, ମ୍ୟାନ ଅ' ଦି ମ୍ୟାଚ, ବେଷ୍ଟ ବ୍ୟାଟ୍‌ସ ମ୍ୟାନ, ବେଷ୍ଟ ବୋଲର ଓ ସମସ୍ତ ଖେଳାଳଙ୍କୁ ମୋମେଂଟୋ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ କମ୍ପ୍ୟୁଟର ସାମଗ୍ରୀ ନିର୍ମାତା କମ୍ପାନୀମାନଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ ଓ ସଂଗ୍ରାମ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଆସୋସିଏସନ ର ସଦସ୍ୟ ବିପ୍ଳବ ଦାସ, ସାଗର ରାଉତ, ଜୀବନ ଦତ୍ତ, ସକିଲ ଅହମ୍ମଦ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ଓ ଶେଷରେ ସେକ୍ରେଟାରୀ ରାଜକିଶୋର ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସପ୍ତାହକ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିବା ୨ ଲୁଟିଆ ଗିରଫ



ବାଲେଶ୍ୱର, ୨୬/୦୨ (ନି.ପ୍ର): ସପ୍ତାହକ ମଧ୍ୟରେ ସହରର ବିଭିନ୍ନ ଅଞ୍ଚଳରୁ ପାଖାପାଖି ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଛିନତାଇ କରିଥିବା ଦୁଇ କୁଖ୍ୟାତ ଲୁଟିଆଙ୍କୁ ସହଦେବଖୁଣ୍ଟା ପୁଲିସ ଗିରଫ କରିଛି । ଗିରଫ ଦୁଇ ଲୁଟିଆ ହେଲେ ଗଞ୍ଜାମ ଜିଲା ପାକଲାପଲି ଗ୍ରାମର ଏ କିରଣ (୧୯) ଓ କାଳକଣ୍ଠପୁର ଗ୍ରାମର ଭି ଶ୍ରୀରାମ (୨୦) । ସେମାଙ୍କଠାରୁ ୧ଲକ୍ଷ ୮୮ ହଜାର ଟଙ୍କା, ଓଡି-୦୫ବିଏଚ-୨୧୬୬ ନଂର ୟମାହା ଏମଟି-୧୫ ଡଜଏମ/ସିର ଏକ ବାଇକ, ୨ଗୋଟି ମୋବାଇଲ । ଏହି ଦୁଇ ଲୁଟିଆ ଅଫିସ ସମୟରେ ସହରର ବିଭିନ୍ନ ବ୍ୟାଙ୍କକୁ ଯାଇ କେସ କାଉଣ୍ଟରରୁ ଅର୍ଥ ଉଠାଣ କରୁଥିବା ଲୋକଙ୍କ ଉପରେ ନଜର ରଖିଥାନ୍ତି । ଟଙ୍କା ନେଇ ବାହାରକୁ ଆସୁଥିବା ବ୍ୟକ୍ତିଙ୍କ ପିଛା କରିବା ସହ ସମୟ ସୁବିଧା ଦେଖି ଏହି ଅର୍ଥକୁ ଲୁଟି ନେଇଥା'ନ୍ତି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି । ଚଳିତ ଫେବୃୟାରୀ ମାସର ଗତ ୧୬ ତାରିଖରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥା ନିକଟରୁ ବସ୍ତା ଥାନା ଅନ୍ତର୍ଗତ ଦେବେନ୍ଦ୍ର ନାଥଙ୍କଠାରୁ ୧୦ ହଜାର, ୧୩ ତାରିଖ ଅପରାହ୍ଣରେ ଷ୍ଟେଟବ୍ୟାଙ୍କରୁ ୪୮ ହଜାର ଟଙ୍କା ଉଠାଇଥିବା ବ୍ୟକ୍ତିଙ୍କ ଠାରୁ ଛଡ଼ାଇ ନେଇଥିଲେ । ସେହଭଳି ୧୪ ତାରିଖ ଅପରାହ୍ଣରେ ମୋଟସାଇକେଲ ହ୍ୟାଣ୍ଡେଲରେ ୫୦ ହଜାର ଟଙ୍କା ଥିବା ବ୍ୟାଗ ଓହଳାଇ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କଠାରୁ ରେମୁଣା ରାସ୍ତାର ରାମେଶ୍ୱର ମନ୍ଦିର ନିକଟରୁ ସେମାନେ ନେଇଯାଇଥିଲେ । ଅନୁରୂପ ଭାବେ ୧୭ ତାରିଖ ଅପରାହ୍ଣରେ ବ୍ୟାଗରେ ୮୦ ହଜାର ଟଙ୍କା ରଖି ବାଲିଆପାଳ ବଜାରରେ ଚାଲି ଚାଲି ଯାଉଥିବା ଜଣେ ବ୍ୟକ୍ତିଙ୍କଠାରୁ ସେମାନେ ବ୍ୟାଗ ଛଡ଼ାଇ ନେଇଯାଇଥିଲେ ବୋଲି ଏସପି କହିଛନ୍ତି । ସପ୍ତାହକ ମଧ୍ୟରେ ବାଲେଶ୍ୱର ସହର ଓ ବାଲିଆପାଳରେ ସମାନ ସମୟ ମଧ୍ୟରେ ଛିନତାଇ ହେବାକୁ ନେଇ ସ୍ୱତନ୍ତ୍ର ଟିମ ଗଗଠନ କରାଯାଇଥିଲା । ବିଶେଷ କରି ସାଦା ପୋଷାକରେ ପୁଲିସ କର୍ମଚାରୀମାନେ ବ୍ୟାଙ୍କର ଗ୍ରାହକଙ୍କ ମଧ୍ୟରେ ଓ ବାହାରେ ରହି ଲୁଟିଆଙ୍କ ଉପରେ ନଜର ରଖିଥିଲେ । ପ୍ରଥମେ ସନ୍ଦେହରେ ଜଣକୁ ଧରିବା ସହ ପଚରାଉଚିରା ପରେ ଅନ୍ୟ ଜଣଙ୍କୁ ଗିରଫ କରାଯାଇଥିବା ଏସପି ଶ୍ରୀମତୀ ନାଥ ସୂଚନା ଦେଇଛନ୍ତି । ଏନେଇ ବାଲିଆପାଳ, ସଦର ଓ ସହଦେବଖୁଣ୍ଟା ଥାନରେ ୪ ଗୋଟି ମାମଲା ରୁଜୁ କରାଯାଇଛି । ଅନ୍ୟପକ୍ଷରେ ଗିରଫ ଭି ଶ୍ରୀରାମଙ୍କ ଉପରେ ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ଥାନାରେ ୧୦ ଗୋଟି ଓ ଏ କିରଣଙ୍କ ନାମରେ ୪ ଗୋଟି ମାମଲା ଥିବା ଏସପି ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେଏଡିସନାଲ ଏସପି, ଡିଏସପି ଗାୟତ୍ରୀ ପ୍ରଧାନ ଓ ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ନାୟକ ଏହି ସାମ୍ବାଦିକ ସମ୍ମିଳନୀ ଉପସ୍ଥିତ ଥିଲେ ।

## ଟ୍ରକ ଧକ୍କାରେ ସୁସ୍ଥ ଶବଳ ଷଣ୍ଢ ଗୁରୁତର

ଖୋର୍ଦ୍ଧା, ୨୬/୦୨ (ନି.ପ୍ର): ରାତ୍ର ୮ ଘଣ୍ଟା ସମୟ ଏକ ମାଲ ବୋଝେଇ ଟ୍ରକ ଧକ୍କାରେ ,ସୁସ୍ଥ ଶବଳ ଷଣ୍ଢ ଗୁରୁତର ଆହତ ହୋଇ ଭୁବନେଶ୍ୱର ପଶୁ ଡାକ୍ତର ଖାନାରେ ଚିକିତ୍ସା ହେଉଛି । ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଛକରେ ଓଆର୍-୨-୦୮୯୩ ଏକ ଭାରୀ ଜାନ ଟ୍ରକ୍ ବେପାରୁଆ ଗାଡି ଚାଳନ ଯୋଗୁ ଷଣ୍ଢ ଆଗ ଓ ପଛ ଗୋଡ଼ ପୁରା ଭାଂଗୀ ଜାଇଛି । ସ୍ଥାନୀୟ କିଛି ସ୍ୱେଛାସେବୀ ଗୋଟିଏ ୪୦୭ ଟ୍ରକ୍ ଯୋଗାଡ଼ କରି ପଶୁ ଟିକୁ ଏକ ଭଡା ଗାଡ଼ିରେ ଚିକିତ୍ସ ପଠାଇଥିଲେ । ଠିକ ସମୟରେ ସ୍ଥାନୀୟ ସାମ୍ବାଦିକ ପହଞ୍ଚି ଖୋର୍ଦ୍ଧା ଆଦର୍ଶ ଥାନାକୁ ଫୋନ କରି କରିଥିଲେ । ପୋଲିସ୍ ଆସି ଗାଡ଼ି ଓ ଡ୍ରାଇଭର କୁ ଥାନାକୁ ନେଇ ଥିଲେ । ଉପସ୍ଥିତ ଲୋକଙ୍କ ସାହାଯ୍ୟ ଯୋଗୁ ଷଣ୍ଢ ଜୀବନ ରକ୍ଷା ପାଇଛି ।ଘଟଣା ସ୍ଥଳେ ଶାନ୍ତି ଥିଲା । ଷଣ୍ଢ ଚିକିତ୍ସା କରି ଭଲ ହେବା ପର୍ଯ୍ୟନ୍ତ ଖର୍ଚ୍ଚ ସରକାର କି, ଗାଡ଼ି ମାଲିକ ସମସ୍ତ ବେବସ୍ଥା କରାଇବା ପାଇଁ ଖୋର୍ଦ୍ଧା ଜନ ସାଧାରଣଙ୍କ ଅନୁରୋଧ ।

## ଓଡ଼ିଶା ଲେଖିକା ସଂସଦ ଜିଲ୍ଲା ଶାଖାର ବିଶେଷ ଅଧିବେଶନ



ବାଲେଶ୍ୱର, ୨୬/୦୨ (ନି.ପ୍ର): ଓଡ଼ିଶା ଲେଖିକା ସଂସଦ ବାଲେଶ୍ୱର ଶାଖାର ବାର୍ଷିକ ଅଧିବେଶନ ଶ୍ରୀରାମ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଫକୀରମହୋନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାସହ ଏକବିଂଶ ଶତାବ୍ଦୀରେ ନାରୀଲେଖିକା ମାନଙ୍କର ଭୂମିକା କେମିତିରହିଛି ସେ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ଡ଼ାକ୍ତର ଅନୀତା ପଣ୍ଡା, ଡ଼. ସୁବାସ ଚନ୍ଦ୍ର ପାତ୍ର, ରଶ୍ମିରେଖା ପତି, ସୁବାସିନୀ ଜେନା, ରାଜଲକ୍ଷ୍ମୀ ତ୍ରିପାଠୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଭା ଅନୁଷ୍ଠାନର ସଭାପତି ତଥା ଜିଲ୍ଲା ଆବାହିକା ଡ଼. ସିନ୍ଧୁସେନଙ୍କ ପୌରହିତ୍ୟରେ ପରିଚାଳିତ ହୋଇଥିଲା । ଏହି ଅବସରରେ ଡ଼ାକ୍ତର ଅନୀତା ପଣ୍ଡା, ରଶ୍ମିରେଖା ପତି ଓ ରାଜଲକ୍ଷ୍ମୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମଂଚ ଆହ୍ୱାନ ସତ୍ୟଭାମା ମୁଦୁଲି କରିଥିବାବେଳେ ଅତିଥିପରିଚୟ ପ୍ରଦାନ କରିଥିଲେ ପ୍ରତିମା ପଣ୍ଡା । ବାର୍ଷିକ ବିବରଣୀ ପାଠ କରିଥିଲେ ମନସ୍ୱିନୀ ଦେବୀ । ଶେଷରେ ଗୀତାଞ୍ଜଳୀ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମଂଚ ପରିଚାଳନାରେ ସହଯୋଗ କରିଥିଲେ ଡାନଶ୍ରୀ ମହାପାତ୍ର, କଲ୍ୟାଣୀ ନନ୍ଦ, ଜ୍ୟୋସ୍ନା ରାୟ,ସଂଘମିତ୍ରା ପଟ୍ଟନାୟକ, ଦେବଯାନୀ ଦାସ ପ୍ରମୁଖ । ଏହି ଅବସରରେ ସେଠାରେ ସହରର ବହୁ ସାହିତ୍ୟିକ ଓ ସାହିତ୍ୟାନୁରାଗୀ ସେଠାରେ ଉପସ୍ଥିତ ଥିଲେ ।

## କମଳା ମହାରଣାଙ୍କ କଥା 'ମନ୍ କୀ ବାତ୍'ରେ କହିଲେ ପ୍ରଧାନମନ୍ତ୍ରୀ ମୋଦୀ

ଭୁବନେଶ୍ୱର, ୨୬/୦୨ (ନି.ପ୍ର): 'ୱେଷ୍ଟ ଟୁ ହେଲ୍ଥ 'ସ୍ୱଚ୍ଛ ଭାରତ ଅଭିଯାନ'ର ଗୋଟାଏ ଗୁରୁତ୍ୱପୂର୍ଣ୍ଣ ବେ ?ଶିଷ୍ଟ୍ୟ ବୋଲି ଆଜି 'ମନ୍ କୀ ବାତ୍'ର ୯୮ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ମୋଦୀ କହିବା ସହ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱୟଂ ସହାୟକ ସଙ୍ଗଠନ ଚଳାଉଥିବା ଭଉଣୀ କମଳା ମହାରଣାଙ୍କ କଥା ଉଲ୍ଲେଖ କରିଛନ୍ତି । ସେ ମନ କି ବାତ କାର୍ଯ୍ୟକ୍ରମରେ ଆଜି କହିଛନ୍ତି ଯେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱୟଂ ସହାୟକ ସଙ୍ଗଠନ ଚଳାଉଥିବା ଭଉଣୀ କମଳା ମହାରଣାଙ୍କ କଥା ଉଲ୍ଲେଖ କରି କହିଲେ, ଏହି ସଙ୍ଗଠନର ମହିଳାମାନେ 'କ୍ଷୀର ପାଉଚ୍' ଏବଂ ଅନ୍ୟାନ୍ୟ 'ପ୍ଲାଷ୍ଟିକ୍ ପ୍ୟାକେଜିଙ୍ଗ୍' ସାମଗ୍ରୀରୁ ଚାଙ୍ଗୁଡ଼ି ଏବଂ ମୋବାଇଲ୍ ଷ୍ଟାଣ୍ଡ୍ ଭଳି ଅନେକ ଜିନିଷ ତିଆରି କରୁଛନ୍ତି । ଏହା ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ପାଇଁ ଭଲ ଆୟର ଉତ୍ସ ହୋଇପାରିଛି । ଆମେ ଯଦି ଶପଥ କରିବା, ପରିଚ୍ଛନ୍ନ ଭାରତ ପାଇଁ ଆମେ ବଡ଼ ଅବଦାନ ଦେଇପାରିବା । ପ୍ଲାଷ୍ଟିକ୍ ବ୍ୟାଗ୍ ସ୍ଥାନରେ କପଡ଼ା ବ୍ୟାଗ୍ ବ୍ୟବହାର କରିବା ପାଇଁ ଆମେ ଅନ୍ତତଃ ପ୍ରତିଜ୍ଞା କରିପାରିବା । ଆପଣମାନେ ଜାଣିପାରିବେ ଯେ, ଆପଣଙ୍କ ପ୍ରତିଜ୍ଞା କିଭଳି ଆପଣମାନଙ୍କୁ ଆତ୍ମ ସନ୍ତୋଷ ଦେବା ସହିତ ଅନ୍ୟମାନଙ୍କୁ ପ୍ରେରିତ କରୁଛି ।

## ପ୍ରଦୀପ ଚାଟାର୍ଜୀଙ୍କ ଉପନ୍ୟାସ 'ବର୍ଯ୍ୟ ମଣିଷର ପୃଥିବୀ' ଲୋକାର୍ପିତ



ବାଲେଶ୍ୱର, ୨୬/୦୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦର ଉପସଭାପତି ତଥା କଥାକାର ପ୍ରଦୀପ ଚାଟାର୍ଜୀଙ୍କର ଉପନ୍ୟାସ 'ବର୍ଯ୍ୟ ମଣିଷର ପୃଥିବୀ' ଶାନ୍ତିକାନନଠାରେ ଲୋକାର୍ପିତ ହୋଇଯାଇଛି । ଅନ୍ୟତମ ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ପୁସ୍ତକଟିକୁ ଉନ୍ମୋଚନ କରିବା ସହିତ ଲେଖକଙ୍କ ସାରସ୍ୱତ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଆଲୋଚକ ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗମୁଖ୍ୟ ଡ. ସନ୍ତୋଷ କୁମାର ନାୟକ, କବି ଆର୍ଯ୍ୟବର୍ତ୍ତ ଦାସ ଯୋଗ ଦେଇ ଉପନ୍ୟାସଟିର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ପୁସ୍ତକଟିର ନାମକରଣର ଯଥାର୍ଥତା ପ୍ରତିପାଦନ କରିଥିଲେ । 'ବର୍ଯ୍ୟ' ଶବ୍ଦର ଅର୍ଥ ପରିତ୍ୟାଜ୍ୟ ହୋଇଥିବାବେଳେ 'ବର୍ଯ୍ୟ' ଶବ୍ଦର ଅର୍ଥ ହେଉଛି ଶ୍ରେଷ୍ଠ । ପୃଥବୀର ଶ୍ରେଷ୍ଠ ମଣିଷଙ୍କର ସାମାଜିକ ଅବଦାନକୁ ଉପଜୀବ୍ୟ କରି ଉପନ୍ୟାସଟି ଗତିଶୀଳ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସାଧାରଣ ସଂପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ରଖିଥିଲେ । ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ଭଦ୍ରକ, ୨୬/୦୨ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ଉପ୍ରା ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ଉଦଯାପିତ ହୋଇଯାଇଛି । ଆଗରପଡା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଗତ ୪ ଦିନ ଧରି ଅନୁଷ୍ଠିତ ଏହି କର୍ମଶାଳାର ଉଦଯାପନ ଦିବସରେ ସରପ ପୂର୍ଣ୍ଣଚନ୍ଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଶିକ୍ଷକ ଡଃ. ପ୍ରଦୀପ କୁମାର ନାୟକ, ନିର୍ମଳ ଚନ୍ଦ୍ର ସେଠୀ, କଳାଶିକ୍ଷକ ମାଧବ ଚନ୍ଦ୍ର ମଲ୍ଲିକ, ଶିକ୍ଷା ସଂଯୋଜକ କୈଳାସ ଚନ୍ଦ୍ର ସାମଲ କର୍ମଶାଳାର ଅଂଶଗ୍ରହଣକାରୀ ୨୩ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଛାତ୍ରଛାତ୍ରୀମାନଙ୍କ ଜ୍ଞାନସ୍ତର ଅଭିବୃଦ୍ଧି ସହ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିକ୍ଷକ ଉଦୟନାଥ ରାଉତ ଧନ୍ୟବାଦ ଦେଇଥିଲେ । ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ଗୁଡି, ଶ୍ରୀବତ୍ସ ପ୍ରସାଦ ବେହେରା, ବିଶ୍ୱମ୍ଭର ମାଝୀ ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ ।

## ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ରହସ୍ୟ ଉନ୍ମୋଚନ ନ ହେବା ଯାଏ ଚୁପ ବସିବ ନାହିଁ ବିଜେପି : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ମାମଲାରେ ବିଜେପିର ପ୍ରତିବାଦ ଜାରୀ ରହିବ । ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ନ ହେବା ଯାଏ ଚୁପ ବସିବ ନାହିଁ ବିଜେପି । ବିଧାନସଭାରୁ ରାଜରାସ୍ତା ଯାଏ ବିଜେପିର ପ୍ରତିବାଦ କରିବ । ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି ଯେ ବିରୋଧୀଦଳ ନେତା କହିଛନ୍ତି, ବିଧାନସଭାରେ ମୋସନ ଆକାରରେମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ନେଇ ଆଲୋଚନା ହୋଇଥିଲେ ବି ରହସ୍ୟ ଉପରୁ ପରଦା ହଟିନି । ଏହି ରହସ୍ୟ ଉପରୁ ପରଦା ହଟିବା ଜରୁରୀ । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବି ତାଙ୍କ ବିବୃତିରେ ବିରୋଧୀଙ୍କୁ ସମାଲୋଚନା ଛଡ଼ା କିଛି କହି ନାହାନ୍ତି । ସଂଖ୍ୟାଗରିଷ୍ଠତା ବଳରେ ବିଧାନସଭାରେ ବିରୋଧୀଙ୍କୁ ଚପାଇ ଦେଉଛନ୍ତି । ରାଜରାସ୍ତାରେ ଲଢେଇ ହେବ । ଏହି ପ୍ରସଙ୍ଗକୁ ନେଇ ଦଳ ଲୋକଙ୍କ ପାଖକୁ ଯିବୁ ବୋଲି ସେ କହିଛନ୍ତି । ହତ୍ୟାକାଣ୍ଡର ତଦନ୍ତ ଦିଗହରା ହୋଇଛି ବୋଲି କହିବା ସହ ଶ୍ରୀ ମିଶ୍ର କହିଛନ୍ତି ହତ୍ୟାକାଣ୍ଡ ପଛରେ କିଏ ଅଛି ସାମ୍ନାକୁ ନ ଆସିବା ପର୍ଯ୍ୟନ୍ତ ଲଢେଇ ହେବ । ମୋସନ ଆକାରରେ ଆଲୋଚନା ହୋଇଥିଲେ ବି ଖର୍ଚ୍ଚ ଦାବି ଆଲୋଚନା ସହ ଅନ୍ୟ ଅନ୍ୟ ଫୋରମରେ ଏହି ପ୍ରସଙ୍ଗ ଉଠାଇବ ବିଜେପି । ହତ୍ୟାର କାରଣ କଣ ଓ ହତ୍ୟା ପଛରେ କିଏ ସାମ୍ନାକୁ ନ ଆସିବା ପର୍ଯ୍ୟନ୍ତ ବିଜେପି ଚୁପ୍ ବସିବ ନାହିଁ । ଏହା ସହିତ ବିଜେପି ଚାଷୀଙ୍କ ସମସ୍ୟା ଓ ଅନ୍ୟ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବ ।

## ବିଧବାଙ୍କୁ ଆଡ଼ ଆଖି : ୯ ବର୍ଷ ଅପେକ୍ଷା ପରେ ମଧ ମିଳୁନାହିଁ ସାମାଜିକ ସୁରକ୍ଷା



ଉଦଳା, ୨୬/୦୨ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଗୋଠସାହିର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସନିଆ ବେହେରାଙ୍କର ଦେହାନ୍ତ ପରେ ତାଙ୍କର ସହଧର୍ମିଣୀ ମଞ୍ଜୁ ବିଧବା ଭତା (ସାମାଜିକ ସୁରକ୍ଷା) ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଭତା ପାଇବା ପାଇଁ ତାଙ୍କର ସବୁ କାଗଜପତ୍ର ଠିକ୍ ଥିବା ବେଳେ, ପଂଚାୟତ କାର୍ଯ୍ୟାଳୟ ତରଫରୁ ଭତା ମିଳିବ ବୋଲି ଆଶ୍ୱାସନା ଶୁଣିବାକୁ ମିଳୁଛି । କିନ୍ତୁ ଇତି ମଧ୍ୟରେ ଦିର୍ଘ ୯ ବର୍ଷ ସମୟ ଅତିକ୍ରାନ୍ତ ହୋଇ ଯାଇଛି । ମଞ୍ଜୁ ବର୍ତମାନ ତାଙ୍କର ଏକମାତ୍ର ପୁତ୍ର ଓ କନ୍ୟାଙ୍କ ସହିତ ଘରେ ରହୁଛନ୍ତି ଓ ଦିନ ମଜୁରିଆ ଭାବରେ କାମ କରି ନିଜର ଗୁଜୁରାଣ ମେଂଟାଉଛନ୍ତି । ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କି.ଗ୍ରା. ଚାଉଳହିଁ ତାଙ୍କର ଏକମାତ୍ର ଭରଷା ସାଜିଛି । ବିଧବାଙ୍କୁ ଆଡ଼ ଆଖି ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି ।

## ଭବାନୀପାଟଣା 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ବୈଜୟନ୍ତ ପଣ୍ଡା

ଭବାନୀପାଟଣା/ଭୁବନେଶ୍ୱର, ୨୬/୦୨ (ନି.ପ୍ର): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ବୈଜୟନ୍ତ ପଣ୍ଡା ଦିନିକିଆ କଳାହାଣ୍ଡି ଗସ୍ତ ଅବସରରେ ଆଜି କଳାହାଣ୍ଡି ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯୮ତମ "ମନ୍ କି ବାତ୍" କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସମାଜ ପାଇଁ ବଳିଷ୍ଠ ଅବଦାନ ଦେଇଥିବା ବିଶିଷ୍ଟ ଶିକ୍ଷାବିତ ପ୍ରଭାସ ମିଶ୍ର, ବରିଷ୍ଠ ସାମ୍ବାଦିକ ଉମା କର, ଅବସରପ୍ରାପ୍ତ ସେନା ଅଧିକାରୀ ବ୍ରଜ ମୋହନ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଗୌର ଚନ୍ଦ୍ର ପଣ୍ଡା, ବରିଷ୍ଠ ଚିକିତ୍ସକ ଡା ଜଳନ୍ଧର ମେହେର ଏବଂ ସମାଜସେବୀ ମାନସୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ସାଂସଦ ଶ୍ରୀ ବସନ୍ତ ପଣ୍ଡା, ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ମଣ୍ଡଳ ସଭାପତି ସନ୍ତୋଷ ବିଶି, ବୁଥ୍ ସଭାପତି ରୋଶନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ "ମନ୍ କି ବାତ୍" ଶୁଣିଥିଲେ । ପରେ ଏକ ଛୋଟ ମିଶ୍ରଣ ପର୍ବରେ ପୂର୍ବତନ ସରପଂଚ ବେଲମତୀ ନାୟକ, ବୁଧୁବାରୀ ନାୟକ, ମଧୁସୂଦନ ନାୟକ, ଯୁବନେତା ଆଶୁତୋଷ ଦାଶ, କ୍ରିଷ୍ଣା ମହାପାତ୍ର ଓ ସୌରଭ ପଣ୍ଡାଙ୍କୁ ଉତ୍ତରୀୟ ଦେଇ ଶ୍ରୀ ପଣ୍ଡା ଦଳକୁ ସ୍ୱାଗତ କରିଥିଲେ ।

## ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଭଦ୍ରକ, ୨୬/୦୨ (ନି.ପ୍ର): ଭଦ୍ରକର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପରିଚୟ ବହନ କରୁଥିବା ଶ୍ରୀରାମ ନବମୀ ମହୋତ୍ସବ ଆସନ୍ତା ମାର୍ଚ୍ଚ ମାସ ୩୦ ତାରିଖରେ ମହା ସମାରୋହରେ ପାଳିତ ହେବାକୁ ଯାଉଛି । ଓଡ଼ିଶା ପ୍ରସିଦ୍ଧ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଚଳିତ ବର୍ଷ ଦିବ୍ୟ, ଭବ୍ୟ ଏବଂ ଚିତାକର୍ଷକ ଭାବରେ ଅନୁଷ୍ଠିତ ହେବ ବୋଲି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ନବମୀ ମହୋତ୍ସବର ସମସ୍ତ କାର୍ଯ୍ୟକ୍ରମର ବିବରଣୀ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମ ଗୁଡ଼ିକ ଯଥାକ୍ରମେ ଆସନ୍ତା ମାର୍ଚ୍ଚ ମାସ ୧୨ ତାରିଖରେ ମାତୃଭୂମି ପାଇଁ ଗଣଦୌଡ଼, ସେହି ମାର୍ଚ୍ଚ ୨୨ ରେ ରାଷ୍ଟ୍ରୀୟ ନବବର୍ଷ ପାଳନ ସହ ଗୋ ପୂଜନ ଓ ସାଧୁ ସନ୍ଥ ପୂଜନ, ୨୬ ରେ ବାଲ ବଜରଙ୍ଗୀଙ୍କ ସାଇକେଲ ଶୋଭାଯାତ୍ରା, ୨୮ ମାର୍ଚ୍ଚରେ ମହିଳା କଳସ ଶୋଭାଯାତ୍ରା, ଆଜ୍ଞା ମାଳ ଯାତ୍ରା, ଶ୍ରୀରାମ ନବମୀ ମହାଯଜ୍ଞ ଆରମ୍ଭ । ୨୯ ରେ ୧୦୮ ହନୁମାନ ଚାଳିଶା ପାଠ କରାଯିବ । ମାର୍ଚ୍ଚ ୨୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ଗାନ୍ଧିପଡ଼ିଆରେ ମୀନାବଜାର ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମିତିର ବରିଷ୍ଠ ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଉପସ୍ଥିତ ରହି ଶ୍ରୀରାମ ନବମୀ ମହୋତ୍ସବ ଅନ୍ତର୍ଗତ ସମସ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଉପଦେଷ୍ଟା ଦୀନବନ୍ଧୁ ପତି, ବଦ୍ରୀ ନାରାୟଣ ଧଳ, ପ୍ରଦୀପ୍ତ ବିଶ୍ୱାଳ, ଉପ ସଭାପତି ଅମ୍ବିକା ପ୍ରସନ୍ନ ଦାସ, ଜଗନ୍ନାଥ ଦାସ, ସନ୍ତୋଷ ସାହୁ, ବସନ୍ତ ରାଉତ, ସ୍ୱାଧୀନ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା



ବସ୍ତା, ୨୬/୦୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଗୋଠଗଡ଼ିଆସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ସୁରେନ୍ଦ୍ରନାଥ ଜେନା କମିଟି ଆନୁକୂଲ୍ୟରେ ସଭାପତି ଯୁବ ସମାଜସେବୀ ସୁମନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ଜୟକୃଷ୍ଣ ପ୍ରଧାନ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଯୋଗଦେଇ ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଛାତ୍ରଛାତ୍ରୀ ମାନେ ପ୍ଲାଷ୍ଟିକ ବ୍ୟବହାରକୁ କ୍ରମଶଃ ହ୍ରାସ କରିବା ପାଇଁ ପରାମର୍ଶ ଦେଇଥିଲେ । ସହକାରୀ ଶିକ୍ଷକ ସୁବାସ ଚନ୍ଦ୍ର ପାଣି ଓ ଦମୟନ୍ତୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପରିଚାଳନା ଏକାନ୍ତ ଅପରିହାର୍ଯ୍ୟ ବୋଲି ମତପ୍ରକାଶ କରିଥିଲେ । ଛାତ୍ରଛାତ୍ରୀମାନେ ଏ ଦିଗରେ ନିଜେ ସଚେତନ ହେବା ସହ ଏହି ବାର୍ତ୍ତାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାପାଇଁ ଉଦ୍ୟମ କରିବା ଉଚିତ ବୋଲି ଏହି କର୍ମଶାଳାରେ ମତପ୍ରକାଶ ପାଇଛି । ଆଶ୍ୱାସନା ମହାପାତ୍ର, ବର୍ଷାରାଣୀ ମହାପାତ୍ର, ଅର୍ଚ୍ଚିତା ବିଶ୍ୱାଳ ଓ ଶୁଭଶ୍ରୀ ବେହେରା ପ୍ରମୁଖ ଆମ ପରିବେଶ ଆମରିହାତେ ଶୀର୍ଷକ ପରିବେଶ ସଙ୍ଗୀତ ପରିବେଷଣ କରିଥିଲେ ଜ୍ୟୋତିପ୍ରକାଶ ଜେନା, ଅମିତ କୁମାର ଜେନା, ସୌରଭ ପ୍ରଧାନ, ଚିରଞ୍ଜୀବ ଗୋଚ୍ଛାୟତ ଓ ଆଶୁତୋଷ ପାଣି ପ୍ରମୁଖ ଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୁରୁମା ଆରତୀ ଖଟୁଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶେଷରେ ଶିକ୍ଷକ ସମ୍ବିତ କୁମାର ଗୋଚ୍ଛାୟତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo